
# ଶିଳ୍ପଯନ୍ତ୍ର

## (କଳା ଶିକ୍ଷା)

## ତୃତୀୟ ଶ୍ରେଣୀ



ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ, ଓଡ଼ିଶା

ମୋ ନାମ :.......................................................

ମୋ ବାପାଙ୍କ ନାମ :...........................................

ମୋ ମା'ଙ୍କ ନାମ :..............................................

ମୋ ବିଦ୍ୟାଳୟର ନାମ :..........................................

ମୋ ଶ୍ରେଣୀ ଶିକ୍ଷକ/

ଶିକ୍ଷୟିତ୍ରୀଙ୍କ ନାମ :..............................................

ମୋ ଗାଁ/ସାହିର ନାମ..............................................

# ଇନ୍ଦ୍ରଧନୁ

## (କଳା ଶିକ୍ଷା)

## ତୃତୀୟ ଶ୍ରେଣୀ

## ପରୀକ୍ଷାମୂଳକ ସଂସ୍କରଣ - ୨୦୨୬


ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ
ଓଡ଼ିଶା ସରକାର

ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟ ଏବଂ
ରାଜ୍ୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ
ଓଡ଼ିଶା, ଭୁବନେଶ୍ୱର

ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ
ଭୁବନେଶ୍ୱର

# ଇନ୍ଦ୍ରଧନୁ

(କଳା ଶିକ୍ଷା)

ତୃତୀୟ ଶ୍ରେଣୀ

ପରୀକ୍ଷାମୂଳକ ସଂସ୍କରଣ ୨୦୨୬

**ସମ୍ପାଦକ ମଣ୍ଡଳୀ :**

ଶ୍ରୀ ସଞ୍ଜୟ କୁମାର ପରିଡ଼ା

ଶ୍ରୀ ପିତବାସ ବେହେରା

ଶ୍ରୀ ଅକ୍ଷୟ କୁମାର ଜେନା

ଶ୍ରୀ ଦିଲୀପ କୁମାର ମଲିକ

ଡ. ଅଲେଖ ଚନ୍ଦ୍ର ସାହୁ

ଶ୍ରୀ ଦିଲ୍ଲୀପ କୁମାର ସିଂହଦେଓ

**ସଂଯୋଜିକା :**

ପ୍ରଲିପ୍ତା ମିଶ୍ର

**ମୁଖ୍ୟ ସଂଯୋଜିକା :**

ଡ. ସବିତା ସାହୁ

**ପ୍ରକାଶକ :** ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ

ଓଡ଼ିଶା ସରକାର

**ମୁଦ୍ରଣ ବର୍ଷ :** ୨୦୨୬

**ପ୍ରସ୍ତୁତି :** ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟ ଏବଂ ରାଜ୍ୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ, ଓଡ଼ିଶା, ଭୁବନେଶ୍ୱର

ଓଡ଼ିଶା ରାଜ୍ୟ ପାଠ୍ୟପୁସ୍ତକ ପ୍ରଣେତା ଓ ପ୍ରକାଶନ ସଂସ୍ଥା, ଭୁବନେଶ୍ୱର

**ମୁଦ୍ରଣ :**

ପାଠ୍ୟପୁସ୍ତକ ଉତ୍ପାଦନ ଓ ବିକ୍ରୟ, ଓଡ଼ିଶା, ଭୁବନେଶ୍ୱର

**ସମୀକ୍ଷକ ମଣ୍ଡଳୀ :**

ଶ୍ରୀ ନବୀନ କୁମାର ପରିଡ଼ା

ଶ୍ରୀ ବିଜୟ କୁମାର ସ୍ୱାଇଁ

ଡ. ପଞ୍ଚାନନ ସାମଲ

ଶ୍ରୀ ସୀମନ୍ତ ମହାନ୍ତି

ଡ. ନିଳାଦ୍ରୀ କଲ୍ୟାଣ ଦାସ

**ବିଷୟ ବିଶେଷଜ୍ଞ :**

ଡ. ଗୋପାଳ ପ୍ରସାଦ ମହାପାତ୍ର

ଡ. ନିଳାଦ୍ରୀ କଲ୍ୟାଣ ଦାସ

# ପ୍ରସ୍ତାବନା

ଜାତୀୟ ଶିକ୍ଷାନୀତି (NEP) 2020 ଦ୍ୱାରା ପରିକଳ୍ପନା କରାଯାଇଥିବା ବିଦ୍ୟାଳୟ ଶିକ୍ଷାର ମୌଳିକ ସ୍ତର, ପିଲାମାନଙ୍କର ସାମଗ୍ରିକ ବିକାଶର ଭିତ୍ତିଭୂମି ଭାବରେ କାର୍ଯ୍ୟ କରିଥାଏ । ଏହା କେବଳ ପିଲାମାନଙ୍କୁ ଆମଦେଶର ନୀତି ଓ ସାମ୍ବିଧାନିକ ଢାଞ୍ଚାରେ ନିହିତ ଅମୂଲ୍ୟ ସଂସ୍କାରଗୁଡ଼ିକୁ ଆତ୍ମସ୍ଥ କରିବା ପାଇଁ ସକ୍ଷମ କରେ ନାହିଁ, ବରଂ ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ ହାସଲ କରିବା ପାଇଁ ସେମାନଙ୍କୁ ସମର୍ଥ କରେ । ଏହି ଭିତ୍ତିଭୂମି ଶିକ୍ଷାର୍ଥୀମାନଙ୍କର ମୌଳିକ ପର୍ଯ୍ୟାୟରୁ ଅଧିକ ଆହ୍ୱାନମୂଳକ ପ୍ରସ୍ତୁତି ପର୍ଯ୍ୟାୟର ଯାତ୍ରାକୁ ସୁଗମ କରିବାରେ ସହଯୋଗ କରିବା ସହିତ ସେମାନଙ୍କ ମଧ୍ୟରେ ସୃଜନଶୀଳତା ତଥା ମୂଲ୍ୟବୋଧର ବିକାଶ କରାଏ ଯାହାକି ଶିକ୍ଷାର୍ଥୀମାନଙ୍କର ଭବିଷ୍ୟତ ଜୀବନକୁ ସୁପରିଚାଳିତ କରାଇଥାଏ ।


ବିଦ୍ୟାଳୟ ଶିକ୍ଷାର ପ୍ରସ୍ତୁତି ପର୍ଯ୍ୟାୟ, ମୌଳିକ ସ୍ତର ଓ ମଧ୍ୟମ ପର୍ଯ୍ୟାୟ ମଧ୍ୟରେ ଏକ ସେତୁ ଭାବରେ କାର୍ଯ୍ୟ କରିଥାଏ ଯାହା ତୃତୀୟ ଶ୍ରେଣୀରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ତିନି ବର୍ଷଧରି ବ୍ୟାପ୍ତ । ଏହି ପର୍ଯ୍ୟାୟରେ ମୌଳିକ ବା ପ୍ରାରମ୍ଭିକ ସ୍ତରର ଶିକ୍ଷାଦାନ ପଦ୍ଧତିକୁ ଆଧାର କରି ଶିକ୍ଷା ଦିଆଯାଏ । ଖେଳ ମାଧ୍ୟମରେ ଶିକ୍ଷା, ଆବିଷ୍କାର ମୂଳକ ଓ କ୍ରିୟାକଳାପ ଆଧାରିତ ଶିକ୍ଷଣ ପ୍ରଣାଳୀ ଚାଲୁଥିବା ସମୟରେ ପିଲାମାନେ ପାଠ୍ୟପୁସ୍ତକ ଏବଂ ଆନୁଷ୍ଠାନିକ ଶ୍ରେଣୀଗୃହ ବ୍ୟବସ୍ଥା ସହିତ ମଧ୍ୟ ପରିଚିତ ହୋଇଥାନ୍ତି । ଏହା କେବଳ ପାଠ୍ୟକ୍ରମ କ୍ଷେତ୍ରରେ ଏକ ଭିତ୍ତିଭୂମି ସ୍ଥାପନ ପାଇଁ ନୁହେଁ, ବରଂ ପଢ଼ିବା, ଲେଖିବା, କହିବା, ଚିତ୍ର ଅଙ୍କନ କରିବା, ଗୀତ ଗାଇବା ଏବଂ ଖେଳିବା ମାଧ୍ୟମରେ ସାମଗ୍ରିକ ଶିକ୍ଷଣ ଓ ଆତ୍ମବିକାଶକୁ ପ୍ରୋତ୍ସାହିତ କରିଥାଏ । ଜାତୀୟ ଶିକ୍ଷାନୀତି (NEP-2020) ସୁପାରିଶ ଅନୁଯାୟୀ ଜାତୀୟ ପାଠ୍ୟକ୍ରମ ରୂପରେଖ ବିଦ୍ୟାଳୟ ଶିକ୍ଷା (NCF-SE, 2023) ଓ ଓଡ଼ିଶା ପାଠ୍ୟକ୍ରମ ରୂପରେଖ (OCF), ଏଇ ବ୍ୟାପକ ପଦ୍ଧତି ଶାରୀରିକ ଶିକ୍ଷା, କଳା ଶିକ୍ଷା, ପରିବେଶ ଶିକ୍ଷା, ଭାଷା, ଗଣିତ, ମୌଳିକ ବିଜ୍ଞାନ ଏବଂ ସାମାଜିକ ବିଜ୍ଞାନ ଆଦି ବିଷୟକୁ ଅନ୍ତର୍ଭୁକ୍ତ କରେ । ଏହି ବ୍ୟାପକ ପଦ୍ଧତି ନିଶ୍ଚିତ କରେ ଯେ ଶିଶୁମାନେ ଜ୍ଞାନାତ୍ମକ, ଶାରୀରିକ ତଥା ଭାବାତ୍ମକ ସ୍ତରରେ ସହଜରେ ମଧ୍ୟମ ପର୍ଯ୍ୟାୟକୁ ଉତ୍ତୀର୍ଣ୍ଣ ହେବା ପାଇଁ ଭଲ ଭାବରେ ପ୍ରସ୍ତୁତ ହୋଇଥାନ୍ତି ।

ପାଠ୍ୟପୁସ୍ତକ 'ଇନ୍ଦ୍ରଧନୁ' ତୃତୀୟ ଶ୍ରେଣୀର କଳା ଶିକ୍ଷା ପାଇଁ ଉଦ୍ଦିଷ୍ଟ – ଏହି ବିଷୟ ଯାହାକି ପ୍ରଥମ ଥର ପାଇଁ NCF-SE 2023 ଅନୁସାରେ ଆବଶ୍ୟକୀୟ ସମୟ ଆବଣ୍ଟନ ସହିତ ପାଠ୍ୟକ୍ରମ ବିଷୟ ଭାବରେ ପ୍ରସ୍ତୁତ ହୋଇଛି । ଜାତୀୟ ଶିକ୍ଷାନୀତି ୨୦୨୦ ଏବଂ ଜାତୀୟ ପାଠ୍ୟକ୍ରମ ରୂପରେଖ– ବିଦ୍ୟାଳୟ ଶିକ୍ଷା, ୨୦୨୩ର ସୁପାରିଶ ଅନୁଯାୟୀ ପ୍ରସ୍ତୁତି କରାଯାଇଛି, ଯାହାଦ୍ୱାରା ଏହା କେବଳ ଶିଶୁମାନଙ୍କ ସୃଜନଶୀଳତାର ସାମର୍ଥ୍ୟ ବୃଦ୍ଧି କରେ ନାହିଁ, ବରଂ ପଞ୍ଚକୋଷୀୟ ବିକାଶର ପଞ୍ଚମ କୋଷ–ଆନନ୍ଦମୟ କୋଷକୁ ଉନ୍ମୁକ୍ତ କରିଥାଏ ।

ଆଶା କରାଯାଉଛି ଯେ ଏହି ପୁସ୍ତକ ମାଧ୍ୟମରେ ପିଲାମାନେ ସଙ୍ଗୀତ, ଦୃଶ୍ୟକଳା, ନାଟକ ଏବଂ ନୃତ୍ୟର କ୍ରିୟାକଳାପକୁ ଉପଭୋଗ କରିବା ସହିତ କଳା ସମ୍ବନ୍ଧୀୟ ମୌଳିକ ବିଷୟଗୁଡ଼ିକ ସମ୍ବନ୍ଧରେ ଧାରଣା ପାଇବେ । ଏହା ମଧ୍ୟ ଆଶା କରାଯାଉଛି ଯେ, ବିକାଶର ଏହି ପର୍ଯ୍ୟାୟରେ ଜୀବନର ସୌନ୍ଦର୍ଯ୍ୟକୁ ପ୍ରଶଂସା କରିବା ପାଇଁ ଆବଶ୍ୟକ ମୂଲ୍ୟବୋଧ ଏବଂ ମନୋଭାବ ବିକାଶରେ ଏହା ସାହାଯ୍ୟ କରିବ ।

କ୍ରିୟାକଳାପର ପ୍ରସ୍ତୁତି କରିବାବେଳେ ଏକ ସର୍ବ ସାମାବେଶୀ ଶ୍ରେଣୀଗୃହର ସ୍ଥାପନା କରିବାକୁ ପ୍ରୟାସ କରାଯାଇଛି । ସମସ୍ତ ଦୃଶ୍ୟ ଏବଂ ଦୃଷ୍ଟାନ୍ତ ଚିତ୍ରଣଗୁଡ଼ିକ ସମସ୍ତ ତଥା ସ୍ୱତନ୍ତ୍ର ଆବଶ୍ୟକତା ଥିବା ପିଲାମାନଙ୍କ ଅଂଶଗ୍ରହଣକୁ ସୁନିଶ୍ଚିତ କରେ । କ୍ରିୟାକଳାପଗୁଡ଼ିକରେ ମୂଲ୍ୟାୟନ ବିନ୍ଦୁଗୁଡ଼ିକ ସନ୍ନିହିତ ହୋଇଛି । ଯେହେତୁ କଳାର ବିଭିନ୍ନ ସ୍ୱରୂପ ଭାରତର ସାଂସ୍କୃତିକ ପରମ୍ପରା ଏବଂ ଐତିହ୍ୟରେ ଗଭୀର ଭାବରେ ନିହିତ, ଏହି ପାଠ୍ୟପୁସ୍ତକ 'ଇନ୍ଦ୍ରଧନୁ' ପିଲାମାନଙ୍କୁ କଳାର ବିଭିନ୍ନ ସ୍ୱରୂପ ମାଧ୍ୟମରେ ଦେଶର ବିଭିନ୍ନ ସ୍ଥାନକୁ ଏକ ଅଭିଜ୍ଞତାମୂଳକ ଯାତ୍ରା କରିବାକୁ ସୁନିଶ୍ଚିତ କରେ ।

ଏହି ପୁସ୍ତକଟିର ପ୍ରସ୍ତୁତିରେ ଜଡ଼ିତ ଥିବା ସମସ୍ତଙ୍କୁ ମୁଁ ଧନ୍ୟବାଦ ଜଣାଉଛି । ନୂତନ ପାଠ୍ୟପୁସ୍ତକ ପ୍ରସ୍ତୁତିରେ ଜଡ଼ିତ ଥିବା ଏନ୍.ସି.ଇ.ଆର.ଟି., ନୂଆଦିଲ୍ଲୀର ସମସ୍ତ ଶିକ୍ଷାବିତ୍ ତଥା ଆମ ରାଜ୍ୟରେ ପୁସ୍ତକର ଅନୁବାଦ ଓ ପ୍ରାସଙ୍ଗିକ କରିବା କାର୍ଯ୍ୟରେ ସହଯୋଗ କରିଥିବା ଓଡ଼ିଶାର ଶିକ୍ଷାବିତ୍, ବିଷୟ ବିଶେଷଜ୍ଞ, ଚିତ୍ରକର ଓ ଭାଷାବିତ୍‌ମାନଙ୍କୁ ମୁଁ କୃତଜ୍ଞତା ଜ୍ଞାପନ କରୁଛି । ଉଦ୍ଦିଷ୍ଟ ଶ୍ରେଣୀର ଶିକ୍ଷାର୍ଥୀମାନଙ୍କ ପାଇଁ ପୁସ୍ତକଟି ଅତ୍ୟନ୍ତ ଉପଯୋଗୀ ହେବ ବୋଲି ମୋର ଆଶା ତଥା ବିଶ୍ୱାସ । ପୁସ୍ତକଟିର ଗୁଣବତ୍ତାର ଅଧିକ ଉନ୍ନତି ସାଧନ ପାଇଁ ଆପଣମାନଙ୍କର ଗଠନମୂଳକ ମତାମତକୁ ସ୍ୱାଗତ କରୁଛି ।



ନିର୍ଦ୍ଦେଶକ
ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟ ଏବଂ
ରାଜ୍ୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ, ଓଡ଼ିଶା
ଭୁବନେଶ୍ୱର

# ନମସ୍କାର ! ଶିକ୍ଷକମାନେ ଏବଂ ପିତାମାତାମାନେ

ଶିକ୍ଷାନୀତି ଆମ ସମାଜର ସବୁଠାରୁ ସମ୍ମାନିତ ତଥା ଅତ୍ୟାବଶ୍ୟକ ସଦସ୍ୟ ଭାବରେ ସମସ୍ତ ସ୍ତରରେ ଶିକ୍ଷକମାନଙ୍କୁ ପୁନଃପ୍ରତିଷ୍ଠା କରିବାରେ ସାହାଯ୍ୟ କରିବ, କାରଣ ସେମାନେ ପ୍ରକୃତରେ ଆମର ପରବର୍ତ୍ତୀ ପୀଢ଼ିର ନାଗରିକମାନଙ୍କୁ ଗଢ଼ନ୍ତି । ଶିକ୍ଷକମାନଙ୍କୁ ସଶକ୍ତ କରିବା ଏବଂ ସେମାନଙ୍କୁ ସୂଚାରୁରୂପେ ସେମାନଙ୍କ କର୍ତ୍ତବ୍ୟ ସମ୍ପାଦନା କରିବାକୁ ସାହାଯ୍ୟ କରିବା ପାଇଁ ଏହା କାର୍ଯ୍ୟ କରିବା ଆବଶ୍ୟକ ।

**–ଜାତୀୟ ଶିକ୍ଷାନୀତି ୨୦୨୦**

ଆପଣ ଆପଣଙ୍କ ହାତରେ ତୃତୀୟ ଶ୍ରେଣୀର କଳା ଶିକ୍ଷା ପାଠ୍ୟପୁସ୍ତକ 'ଇନ୍ଦ୍ରଧନୁ' ଧରିଛନ୍ତି । ଏହି ପାଠ୍ୟପୁସ୍ତକଟି ସାମ୍ପ୍ରତିକ ଶିକ୍ଷାନୀତି ଚୁକ୍ତିପତ୍ର, ଜାତୀୟ ଶିକ୍ଷାନୀତି (NEP- 2020) ଏବଂ ବିଦ୍ୟାଳୟ ଶିକ୍ଷା ପାଇଁ ଜାତୀୟ ପାଠ୍ୟକ୍ରମ ରୂପରେଖ (NCF-SE, 2023)ର ସୁପାରିଶକୁ ଭିତ୍ତିକରି ପ୍ରସ୍ତୁତ କରାଯାଇଛି । ଏହି ଦସ୍ତାବିଜଗୁଡ଼ିକର ଉଦ୍ଦେଶ୍ୟ ହେଉଛି ଯେ ସମସ୍ତ ପିଲା ଏହି ବୟସ ଏବଂ ପର୍ଯ୍ୟାୟ ପାଇଁ ଉପଯୁକ୍ତ ପାଠ୍ୟକ୍ରମ ଲକ୍ଷ୍ୟ ଓ ଦକ୍ଷତା ହାସଲ କରିବେ । ଏହି ପାଠ୍ୟକ୍ରମ ଲକ୍ଷ୍ୟ, ଦକ୍ଷତା ଏବଂ ପ୍ରତ୍ୟାଶିତ ଶିକ୍ଷଣ ଫଳାଫଳକୁ ଆଧାର କରି ଏକ ସିଲାବସ୍ ପ୍ରସ୍ତୁତ କରାଯାଇଛି । ବିଦ୍ୟାଳୟ ଶିକ୍ଷା ପାଇଁ ଜାତୀୟ ପାଠ୍ୟକ୍ରମ ରୂପରେଖ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ବାଧ୍ୟତାମୂଳକ ବିଷୟ ମଧ୍ୟରୁ କଳା ଶିକ୍ଷାକୁ ମଧ୍ୟ ଏକ ବାଧ୍ୟତାମୂଳକ ବିଷୟ ଭାବରେ ସୁପାରିଶ କରିଛି ଏବଂ ବିଦ୍ୟାଳୟଗୁଡ଼ିକୁ କଳା ଶିକ୍ଷା ପାଇଁ ବାର୍ଷିକ ଶିକ୍ଷା ଅଧିବେଶନରେ ଶହେ ଘଣ୍ଟା ଦେବାକୁ ପରାମର୍ଶ ଦେଇଛି, ଯେଉଁଥିରେ ଚାରୋଟି ନିମ୍ନଲିଖିତ ବିଭାଗ ଅଛି, ଯଥା- ଦୃଶ୍ୟକଳା, ସଙ୍ଗୀତ, ନୃତ୍ୟ ଏବଂ ନାଟକ । ଏହି ପାଠ୍ୟପୁସ୍ତକ 'ଇନ୍ଦ୍ରଧନୁ'ର ପ୍ରତ୍ୟେକ ଏକକରେ ଚାରି ରୁ ପାଞ୍ଚଟି ଅଧ୍ୟାୟ ରହିଛି । ପ୍ରତ୍ୟେକ ଅଧ୍ୟାୟରେ ଅନେକ ପ୍ରକାରର କ୍ରିୟାକଳାପ ଅଛି ଯାହା ଏହି ଶ୍ରେଣୀର ପିଲାମାନେ ଆପଣଙ୍କ ସହଯୋଗରେ ସହଜରେ କରିପାରିବେ ।

ଆବିଷ୍କାରମୂଳକ ଏବଂ ସୃଜନଶୀଳତାର ଏହି ପ୍ରକ୍ରିୟାରେ ଆପଣଙ୍କୁ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବାକୁ ପଡ଼ିବ ଯାହା ପ୍ରତ୍ୟେକ ପିଲା ବର୍ଷସାରା ଅନୁଭବ କରିବେ ।

ଆପଣ ଜାଣିଛନ୍ତି କି ?

ବୋଧହୁଏ ପ୍ରଥମ ଥର ପ୍ରସ୍ତୁତି ପର୍ଯ୍ୟାୟର ପିଲାମାନଙ୍କ ପାଇଁ କଳା ଶିକ୍ଷା ନିମନ୍ତେ ଏକ ପାଠ୍ୟପୁସ୍ତକ ବିକଶିତ କରାଯାଇଛି ଯେଉଁଥିରେ ସେମାନଙ୍କୁ ବ୍ୟକ୍ତିଗତ ଭାବରେ ଏବଂ ଦଳରେ ଚିତ୍ର ଆଙ୍କିବା, ଲେଖିବା, ପଢ଼ିବା ଏବଂ ଅନ୍ୟାନ୍ୟ କ୍ରିୟାକଳାପକୁ ବୁଝିବା ପାଇଁ ସୁଯୋଗ ଦିଆଯାଇଛି । ବିଦ୍ୟାଳୟ ଶିକ୍ଷାର ବିଧିବଦ୍ଧ ପଦ୍ଧତି ହେବା ପୂର୍ବରୁ ଯଦିଓ ପିଲାମାନେ ଶୈଶବ ଅବସ୍ଥାରୁ ହିଁ ଗୀତ ଗାଇବା, ନୃତ୍ୟ କରିବା, ଅନୁକରଣ କରିବା ଓ ରେଖାଙ୍କନ କରିବା ଆଦି ଆରମ୍ଭ କରି ଦେଇଥାନ୍ତି, ଆପଣଙ୍କ ବଳିଷ୍ଠ ମାର୍ଗଦର୍ଶନରେ ସଂଗୀତ, ନୃତ୍ୟ, ନାଟକ ଏବଂ ଦୃଶ୍ୟକଳାକୁ ସମ୍ମିଳିତ କରି ଏକ ଅର୍ଥପୂର୍ଣ୍ଣ କଳାଶିକ୍ଷାର ପ୍ରଥମ ଅନୁଭୂତି ପାଇବେ । ଦଳରେ ଏକତ୍ର କାର୍ଯ୍ୟକରିବେ, ନିଜର ଭାବର ଆଦାନପ୍ରଦାନ କରିବେ ଓ ଜାତୀୟ ଐତିହ୍ୟ ପ୍ରତି ସଚେତନ ହୋଇ ସହପାଠୀଙ୍କ ସହ ମିଶି କାର୍ଯ୍ୟ କରିବେ ।

# ଇନ୍ଦ୍ରଧନୁର ବ୍ୟବହାର କିପରି କରିବେ ?

ପାଠ୍ୟପୁସ୍ତକକୁ ଚାରୋଟି ଭାଗରେ ବିଭକ୍ତ କରାଯାଇଛି ଏବଂ ପ୍ରତ୍ୟେକ ବିଭାଗକୁ ଆକର୍ଷଣୀୟ କରିବା ପାଇଁ ଭିନ୍ନ ଭିନ୍ନ ରଙ୍ଗ କରାଯାଇଛି । ପିଲାମାନଙ୍କୁ ପାଠ୍ୟପୁସ୍ତକରେ ବ୍ୟବହୃତ ରଙ୍ଗଗୁଡ଼ିକ ସୂଚାଉଥିବା ବିଭାଗ ସମ୍ବନ୍ଧରେ ସଚେତନ କରାଯାଇପାରେ ।

ହଳଦିଆ – **ଦୃଶ୍ୟକଳା ପାଇଁ**

ନୀଳ – **ସଙ୍ଗୀତ ପାଇଁ**

ଗୋଲାପୀ – **ନୃତ୍ୟ ପାଇଁ**

ବାଇଗଣୀ – **ନାଟ୍ୟକଳା ପାଇଁ**

ଏହି ଚାରୋଟି କଳାଶୈଳୀ ପାଇଁ ଗୋଟିଏ ଲେଖାଏଁ ବିଭାଗ ରହିଛି । ଯଦିଓ ସେଗୁଡ଼ିକ ପ୍ରତ୍ୟେକ ନିଜ ନିଜ ସ୍ଥାନରେ ସ୍ୱତନ୍ତ୍ର, ତଥାପି ସେମାନଙ୍କ ମଧ୍ୟରେ ଅନେକ ଆକର୍ଷଣୀୟ ସମାନତା ମଧ୍ୟ ରହିଛି ଯେମିତିକି ସମସ୍ତ ଶିକ୍ଷାର୍ଥୀଙ୍କ ମଧ୍ୟରେ ରହିଛି । ପ୍ରତ୍ୟେକ ବିଭାଗ ତାହାର କଳାତ୍ମକ ଶୈଳୀ, ଗୁଣର ବିଶେଷତାକୁ ନେଇ ପ୍ରସ୍ତାବିତ ହେଇଛି ଯାହାକୁ ଶିକ୍ଷାର୍ଥୀମାନେ ଉପଲବ୍ଧି କରିପାରିବେ । ଏହାର ଉପଯୋଗ କରି ଆପଣ ବିଭିନ୍ନ କ୍ରିୟାକଳାପର ଆୟୋଜନ କରିବା ପାଇଁ ଏବଂ ସଂସାଧନ ଯୋଗାଡ଼ କରିବା ପାଇଁ ଏଠାରେ ବହୁତଗୁଡ଼ିଏ ସଙ୍କେତ ପ୍ରଦାନ କରାଯାଇଛି । ସ୍ଥାନୀୟ କଳାକାର, ଲୋକ ସଂଗୀତଜ୍ଞ, ନୃତ୍ୟଶିଳ୍ପୀ ଏବଂ ଅନ୍ୟାନ୍ୟ କଳାକାରମାନଙ୍କୁ ବିଦ୍ୟାଳୟକୁ ନିମନ୍ତ୍ରଣ କରି ଶିକ୍ଷାର୍ଥୀମାନଙ୍କ ସହ ଆଲୋଚନା କରିପାରିବେ । ଏହା ବ୍ୟତୀତ ଅଭିଭାବକ, ପିତାମାତା କିମ୍ବା ଅନ୍ୟାନ୍ୟ ସମୁଦାୟର ସଦସ୍ୟ ଯେଉଁମାନେ କି ବିଭିନ୍ନ କଳାରେ ପାରଦର୍ଶିତା ଲାଭ କରିଛନ୍ତି ସେମାନେ ମଧ୍ୟ ସ୍ୱେଚ୍ଛାକୃତ ଭାବେ ଶିକ୍ଷାର୍ଥୀଙ୍କ ନିମନ୍ତେ କଳା ପରିବେଷଣ କରିପାରନ୍ତି । କଳାକାର ଓ କଳା ପରିବେଷଣକାରୀମାନଙ୍କ ସହିତ ଆଲୋଚନା ଓ ଭାବର ଆଦାନପ୍ରଦାନ କାର୍ଯ୍ୟକ୍ରମ ମଧ୍ୟ ବିଦ୍ୟାଳୟରେ ନିୟମିତ ଭାବରେ ଆୟୋଜନ କରାଯାଇପାରିବ । ଏହାଦ୍ୱାରା ଶିକ୍ଷାର୍ଥୀମାନେ ସେମାନଙ୍କର ସନ୍ଦେହ ଦୂର କରିବା ପାଇଁ ଓ ପ୍ରଶ୍ନ ପଚାରିବା ପାଇଁ ଉତ୍ସାହିତ ହେବେ । ଏହା ଶିକ୍ଷାର୍ଥୀମାନଙ୍କୁ ପ୍ରେରଣା ଯୋଗାଇବ । ଆପଣ ଶିକ୍ଷାର୍ଥୀମାନଙ୍କୁ ଶ୍ରେଣୀ କକ୍ଷରୁ ବାହାରକୁ ନେବାକୁ ହେବ, ଏପରିକି ବିଦ୍ୟାଳୟ ପରିସର ଭିତର ଓ ବାହାରକୁ, ଯେଉଁଠାରେ ସେମାନେ ବାହାର ଜଗତକୁ ଦେଖିବେ, ପ୍ରକୃତିକୁ ଅନୁଭବ କରିବେ ଏବଂ ଚାରିପାଖରେ ଥିବା ଲୋକମାନଙ୍କର ଦୈନନ୍ଦିନ କାର୍ଯ୍ୟକଳାପକୁ ଅନୁଧ୍ୟାନ କରିବେ । ନାଟକ, ନୃତ୍ୟପ୍ରଦର୍ଶନ, ସଂଗୀତ ସମାରୋହ ଓ ଚିତ୍ରକଳା ପ୍ରଦର୍ଶନୀ ଆଦିର ଆୟୋଜନ କରିବେ ଯାହା ସେମାନଙ୍କୁ କଳାକ୍ଷେତ୍ରରେ ଉତ୍ସାହିତ କରିବ । ଏଠାରେ ବହୁତ ପ୍ରକାରର କ୍ରିୟାକଳାପ ଦିଆଯାଇଛି । ସେଥିରୁ କିଛି ପସନ୍ଦ କରି ସେହିପରି ଆହୁରି ଅନେକ କ୍ରିୟାକଳାପ ସୃଷ୍ଟି କରିବେ । ଆବଶ୍ୟକ ସ୍ଥଳେ ବିଷୟବସ୍ତୁ ସହିତ ସଂଯୋଗ କରି ସ୍ଥାନୀୟ ଉପଲବ୍ଧ ସାମଗ୍ରୀ ଏବଂ ସଂସାଧନକୁ ବ୍ୟବହାର କରି କ୍ରିୟାକଳାପ ଆୟୋଜନ କରିବେ । ପୁସ୍ତକରେ ଦିଆଯାଇଥିବା ଅଧିକାଂଶ କ୍ରିୟାକଳାପ ନିଜ ଅଞ୍ଚଳରେ ଉପଲବ୍ଧ ହେଉଥିବା ସାମଗ୍ରୀ/ସମ୍ବଳ ବ୍ୟବହାର କରି ସହଜରେ ପ୍ରସ୍ତୁତ କରାଯାଇପାରିବ ।

ବିଦ୍ୟାଳୟ ସମୟ ସାରଣୀ ଏଭଳି ଭାବେ ପ୍ରସ୍ତୁତି ହେବା ଦରକାର ଯେ ପ୍ରତ୍ୟେକ ସପ୍ତାହରେ ପ୍ରତ୍ୟେକ କଳା ବିଷୟ ପାଇଁ ଦିଆଯାଇଥିବା ସ୍ୱତନ୍ତ୍ର ଶ୍ରେଣୀ ନିର୍ଘଣ୍ଟରେ ସୁଯୋଗ ପିଲାମାନେ ପାଇପାରିବେ ଏବଂ ଯେଉଁଠି ସମ୍ଭବ ଏକ ଲମ୍ବା ନିର୍ଘଣ୍ଟ କିମ୍ବା ଦୁଇଟି ନିର୍ଘଣ୍ଟକୁ ଏକତ୍ର କରି ପିଲାମାନଙ୍କ କ୍ରିୟାକଳାପ ପାଇଁ ବ୍ୟବହାର କରାଯାଇପାରିବ, ଯେହେତୁ ପ୍ରତିଟି କ୍ରିୟାକଳାପ ସଂପୂର୍ଣ୍ଣ ମନ ନିମଗ୍ନକାରୀ ଓ ଆନନ୍ଦଦାୟକ ଅଟେ । ଜାତୀୟ ଶିକ୍ଷାନୀତି (NEP 2020) ଅନ୍ୟାନ୍ୟ ସମସ୍ତ ବିଷୟ ସହିତ କଳା ବିଷୟକୁ ମଧ୍ୟ ସମାନ ଗୁରୁତ୍ୱ ପ୍ରଦାନ କରିଛି । ଏଣୁ ପିତାମାତା ଓ ଅଭିଭାବକମାନଙ୍କୁ ବିନମ୍ର ଅନୁରୋଧ ଯେ ଘରେ ପିଲାମାନଙ୍କୁ କଳାତ୍ମକ କ୍ରିୟାକଳାପ କରିବାକୁ ନିରୁତ୍ସାହିତ କରନ୍ତୁ ନାହିଁ । ବିଦ୍ୟାଳୟ ଏବଂ ଶିକ୍ଷକମାନେ ନିଶ୍ଚିତ କରିବା ଦରକାର ଯେ କଳା ଶିକ୍ଷା ପାଇଁ ଆବଣ୍ଟିତ ନିର୍ଘଣ୍ଟ ଯେପରି ଅନ୍ୟ ବିଷୟ ଶିକ୍ଷାଦାନରେ ଉପଯୋଗ ନ ହୁଏ ।

ପ୍ରତ୍ୟେକ କଳାଶ୍ରେଣୀର ଆରମ୍ଭରେ ପିଲାମାନେ ପ୍ରଥମେ କିଛି ମୁହୂର୍ତ୍ତ ପାଇଁ ନିଜ ନିଜର ଆଖି ବନ୍ଦ କରି ପୂର୍ବ ଶ୍ରେଣୀରେ କରିଥିବା କ୍ରିୟାକଳାପ ସବୁକୁ ମନେ ପକାଇବେ ।

ଶ୍ରେଣୀର ଶେଷ ୧୦ ମିନିଟ୍‌କୁ ଆଲୋଚନା କରିବା ପାଇଁ "ସର୍କଲ ଟାଇମ୍" ଭାବରେ ରଖାଯାଇପାରିବ । ଯେପରିକି ନାଟକ ବିଭାଗରେ ପ୍ରସ୍ତାବିତ ହୋଇଛି, ଏଥିରେ ସମସ୍ତ ପିଲା ଏବଂ ଶିକ୍ଷକ ଏକତ୍ର ବସି ଖୋଲାଖୋଲି କଥାବାର୍ତ୍ତା ହୋଇପାରିବେ । କିନ୍ତୁ ଏହି ଅନୌପଚାରିକତା କେବଳ ପିଲାମାନଙ୍କ ପାଇଁ ଉଦ୍ଦିଷ୍ଟ । ଶିକ୍ଷକମାନେ ସେମାନଙ୍କର ନିଜ ଉପଯୋଗ ପାଇଁ ଟିପ୍‌ପଣୀ କରିବେ ଯାହା ତା'ର ପରବର୍ତ୍ତୀ ପାଠ୍ୟ ଯୋଜନାରେ ପ୍ରୟୋଗ କରିପାରିବେ । ପିଲାମାନେ ବିଚାରଧାରାକୁ ବୁଝିବା ପାଇଁ ସେମାନଙ୍କ ନିମନ୍ତେ ପରିକଳ୍ପନା କରାଯାଇଥିବା ସାମଗ୍ରୀକ ଶିକ୍ଷଣ ପରିବେଶ ଏହି ପାଠ୍ୟପୁସ୍ତକ ଓ ଶିକ୍ଷା ପଦ୍ଧତିରେ ସଂପୂର୍ଣ୍ଣ ରୂପେ ପ୍ରତିଫଳିତ ହୋଇଅଛି । ବିଭିନ୍ନ କାର୍ଯ୍ୟଦକ୍ଷତାର ବିକାଶ ନିମନ୍ତେ ଶିକ୍ଷକ ବ୍ୟକ୍ତିଗତ କିମ୍ବା ଦଳଗତ ଭାବରେ କାର୍ଯ୍ୟକରିବା ପାଇଁ ସହଯୋଗ କରିବା ଉଚିତ୍ । ଚତୁଃପାର୍ଶ୍ୱକୁ ଦେଖିବା, ଅନୁଭବ ଓ ଅନୁସନ୍ଧାନ କରିବା ତଥା ବିଦ୍ୟାଳୟର ଶ୍ରେଣୀ କକ୍ଷରେ କରିଥିବା କ୍ରିୟାକଳାପଗୁଡ଼ିକର ଅନୁରୂପ ଘରେ ଅଭ୍ୟାସ ଜାରି ରଖିବା ପାଇଁ ଉତ୍ସାହିତ କରାଯିବ । ଶିକ୍ଷାର୍ଥୀମାନଙ୍କର ଦକ୍ଷତା ଓ କୌଶଳ ବିକାଶ କ୍ଷେତ୍ରରେ ପ୍ରଗତିର ସ୍ତରକୁ ଅନୁଧ୍ୟାନ କରିବା ପାଇଁ ମୂଲ୍ୟାୟନ ସାଧନୀ ମଧ୍ୟ ପ୍ରସ୍ତାବିତ ହୋଇଛି । କଳାରେ କୌଣସି ପ୍ରକାର ଭୁଲ୍-ଠିକ୍ କିମ୍ବା ଭଲ ବା ଖରାପର ବିଚାର କରାଯାଏ ନାହିଁ ବରଂ ଏଥିରେ ଅଗ୍ରଗତି କରିବାର ଅନେକ ସୁଯୋଗ ରହିଛି । ତେଣୁ ସେମାନଙ୍କୁ ନିରୁତ୍ସାହିତ ନ କରି ବିଷୟବସ୍ତୁକୁ ଠିକ୍ ଭାବରେ ବୁଝିବିଚାରି କ୍ରିୟାକଳାପଗୁଡ଼ିକ ସମାପନ କରିବା ଦିଗରେ ଉତ୍ସାହିତ କରିବା ଉଚିତ୍ । ସେମାନଙ୍କ ପାଇଁ ଶିକ୍ଷା ହେଉଛି ଏକ ଲମ୍ବା ଯାତ୍ରା । ଯେପରି ପ୍ରତ୍ୟେକ ଶିକ୍ଷାର୍ଥୀ ପ୍ରତ୍ୟେକଙ୍କ ଠାରୁ ଅଲଗା ସେପରି ସେମାନଙ୍କ କାର୍ଯ୍ୟଦକ୍ଷତା, ଭାବନା ଓ ପରିପ୍ରକାଶ ଅଲଗା ହୋଇଥାଏ । ଏହି ଭିନ୍ନତା ହିଁ ସେମାନଙ୍କ ଶୈଶବାବସ୍ଥାର ସୁନ୍ଦରତା ଅଟେ । ସେମାନଙ୍କ ବ୍ୟକ୍ତିଗତ ପ୍ରଗତିକୁ

ମୂଲ୍ୟାୟନ କରିବା ବ୍ୟତୀତ ତାଙ୍କୁ କିମ୍ବା ତାଙ୍କର କାର୍ଯ୍ୟକଳାପକୁ ବିଦ୍ୟାଳୟ ଶ୍ରେଣୀକକ୍ଷରେ ଅନ୍ୟ କାହା ସହ ତୁଳନା କରିବା ଅନୁଚିତ । ସେମାନେ ନିଜକୁ ନିଜ ସହ ତୁଳନା କରି ଆଗକୁ ପ୍ରଗତି କରିବେ ।

## ଗୋଟିଏ କଳା ଶ୍ରେଣୀ ପାଇଁ କ'ଣ ଆବଶ୍ୟକ ?

ପ୍ରତ୍ୟେକ କଳା ବିଷୟର କ୍ରିୟାକଳାପ ପାଇଁ ଆପଣଙ୍କୁ ଶ୍ରେଣୀ ଭିତରେ ବା ବାହାରେ ଏକ ଉପଯୁକ୍ତ ଆଲୋକିତ ସ୍ଥାନର ଆବଶ୍ୟକତା ରହିଛି ଯେଉଁଠାରେ କି ଶିକ୍ଷାର୍ଥୀମାନେ ଚାରିଆଡ଼େ ମୁକ୍ତ ଭାବରେ ବିଚରଣ କରିପାରିବେ । ନାଟକ ପାଇଁ ଅତ୍ୟନ୍ତ ସରଳ ସାମଗ୍ରୀଗୁଡ଼ିକ ନାଟ୍ୟ ଉପକରଣ ଭାବରେ ବ୍ୟବହାର କରିପାରିବେ । କଳା ପାଇଁ ଅତ୍ୟାବଶ୍ୟକ ସାମଗ୍ରୀ :- ଉପକରଣଗୁଡ଼ିକୁ ସୁରକ୍ଷିତ ଭାବରେ ସାଇତି ରଖିବା ପାଇଁ ସ୍ଥାନ, ଶିକ୍ଷାର୍ଥୀମାନଙ୍କ ଦ୍ୱାରା କରାଯାଇଥିବା କଳାକୃତି, ସେହି କଳାକୃତିକୁ ପ୍ରଦର୍ଶନ କରିବା ପାଇଁ ପ୍ରଦର୍ଶନୀ ଫଳକ; କମ୍ପ୍ୟୁଟର, ପ୍ରୋଜେକ୍ଟର ଏବଂ ଦୃଶ୍ୟ-ଶ୍ରାବ୍ୟ ସାମଗ୍ରୀକୁ ବଜାଇବା ପାଇଁ ଧ୍ୱନୀବର୍ଦ୍ଧକ ବାକ୍ସ, ସରଳ ବାଦ୍ୟଯନ୍ତ୍ର ଇତ୍ୟାଦି । ଆପଣ ଧ୍ୟାନ ରଖିବା ଦରକାର ଯେ, ଉପକରଣ ଓ ସମ୍ବଳଗୁଡ଼ିକ ବ୍ୟବହାର ଉପଯୋଗୀ ତଥା ସ୍ଥାନୀୟ ଅଞ୍ଚଳରେ ସହଜରେ ଉପଲବ୍ଧ ହୋଇପାରୁଥିବ ।

ଆମେ ଆଶା କରୁ ଯେ ପ୍ରତ୍ୟେକ ଶିକ୍ଷକ ତଥା ପିତାମାତାଙ୍କ ପାଇଁ ଏଇ ପୁସ୍ତକଟି ବ୍ୟବହାର ଉପଯୋଗୀ ଓ ଆନନ୍ଦଦାୟକ ହେବ । ପ୍ରତ୍ୟେକ କଳା ଶ୍ରେଣୀକୁ ଉତ୍ସାହପ୍ରଦ କରିବା ପାଇଁ ଏବଂ ଆଗକୁ ବଢ଼ିବା ପାଇଁ ପଥପ୍ରଦର୍ଶକ ଭାବରେ କାର୍ଯ୍ୟ କରିବ । ଆମେ ପୁସ୍ତକର ବିଷୟବସ୍ତୁ ପ୍ରସ୍ତୁତିରେ ଅଧିକ ଉନ୍ନତି ସାଧନ ପାଇଁ ସହାୟକ ହେବା ପରି ମତାମତ ଅପେକ୍ଷା ରଖୁଛୁ । ପିଲାମାନେ ଦୃଶ୍ୟକଳା ଓ ପ୍ରଦର୍ଶନ କଳାକୁ ଜୀବନର ଏକ ମୁଖ୍ୟ ଅଙ୍ଗ ଭାବରେ ଗ୍ରହଣ କରିବାକୁ ଉତ୍ସାହିତ କରିବା ପାଇଁ ଏହା ଏକ ନିରବଚ୍ଛିନ୍ନ ଉଦ୍ୟମ । ଏହି ପ୍ରଚେଷ୍ଟା ସେମାନଙ୍କୁ ଆତ୍ମବିଶ୍ୱାସୀ ତଥା ମାନସିକ ସ୍ତରରେ ସଶକ୍ତ କରିବ ଏବଂ ଆସନ୍ତା କାଲିର ଉତ୍ତମ ତଥା ବ୍ୟବସ୍ଥିତ ନାଗରିକ ରୂପେ ଗଢ଼ିବାକୁ ସାହାଯ୍ୟ କରିବ ।

**ପ୍ରିୟ ଶିକ୍ଷାର୍ଥୀମାନେ,**

ତୁମେ ତୁମର ହାତରେ ଧରିଥିବା ପୁସ୍ତକଟି ହେଉଛି କଳାଶିକ୍ଷା ପୁସ୍ତକ "ଇନ୍ଦ୍ରଧନୁ" ଯାହାକୁ ତୁମେ ବହୁତ ଉପଭୋଗ କରିବ ବୋଲି ଆମର ଆଶା । ଏହା ତୁମକୁ ସୃଜନଶୀଳତାର ଏକ ଆକର୍ଷଣୀୟ ଯାତ୍ରାରେ ନେଇଯିବ ଏବଂ ତୁମର ଚତୁଃପାର୍ଶ୍ୱର ପରିବେଶ ସହିତ ପରିଚୟ କରାଇବ ।

ଆମେ ଜାଣୁ ଯେ ତୁମ୍ଭମାନଙ୍କ ମଧ୍ୟରୁ ଅଧିକାଂଶ ପୂର୍ବରୁ କୌଣସି ନା କୌଣସି କଳା ସହିତ ଜଡ଼ିତ ଥିବ । ତୁମେ ହୁଏତ ସେମାନଙ୍କୁ ଏକ କଳାଭାବରେ ଚିହ୍ନିତ କରି ନ ଥାଇ ପାର, କିନ୍ତୁ ସେଗୁଡ଼ିକ ହେଉଛି ନୃତ୍ୟ, ବାଦ୍ୟଯନ୍ତ୍ର ବଜାଇବା, ଗାରେଇବା, ଚିତ୍ର ଆଙ୍କିବା, ମାଟି ଏବଂ କାଗଜରେ ନମୂନା ତିଆରି କରିବା, ଗୀତ ଗାଇବା, ଅନୁକରଣ କରିବା ଓ ଅଭିନୟ କରିବା ଇତ୍ୟାଦି । ଯେଉଁମାନେ କଳାତ୍ମକ କ୍ରିୟାକଳାପ କରନ୍ତି, ସେମାନେ ପ୍ରକୃତରେ ସେମାନଙ୍କର ଦୈନନ୍ଦିନ ଜୀବନକୁ ଉପଭୋଗ କରନ୍ତି ।

ତୁମେ ବିଦ୍ୟାଳୟରେ ଥାଅ କିମ୍ବା ଘରେ ଥାଅ ଅଥବା ତୁମେ ଯେଉଁଠାକୁ ଯାଉଛ, ତୁମ ଚାରିପାଖରେ ଉଡୁଥିବା ପକ୍ଷୀମାନଙ୍କ ଠାରୁ ଆରମ୍ଭ କରି କାମ କରୁଥିବା ଲୋକଙ୍କ ପର୍ଯ୍ୟନ୍ତ ସାଧାରଣ ଜିନିଷଗୁଡ଼ିକୁ ନିରୀକ୍ଷଣ କରିବା ଆନନ୍ଦଦାୟକ ଅଟେ । ଆମେ ପ୍ରକୃତି ମଧ୍ୟରେ ଯେଉଁଠାରେ ବାସ କରୁ ତାହା କଳା ପାଇଁ ପ୍ରେରଣାର ସବୁଠାରୁ ବଡ଼ ଉତ୍ସ ଅଟେ ।

ପିଲାମାନେ, ତୁମେ ନିଜର ଚତୁଃପାର୍ଶ୍ୱକୁ ଦେଖ, ଘରେ, ବିଦ୍ୟାଳୟରେ, ଖେଳପଡ଼ିଆରେ କିମ୍ବା ଭ୍ରମଣ ସମୟରେ ଯେଉଁଠାକୁ ଯାଅ ନା କାହିଁକି, ତୁମେ କିଛି ନା କିଛି କଳାକୃତିକୁ ଦେଖିବାକୁ ପାଇବ । କେତେବେଳେ ସେ ସବୁ ପ୍ରକୃତି ଦ୍ୱାରା ସୃଷ୍ଟି ହୋଇଛି ତ, କେତେବେଳେ ତାହା ମାନବ ଦ୍ୱାରା ସୃଷ୍ଟି ହୋଇଛି । ଏଗୁଡ଼ିକୁ ନିରୀକ୍ଷଣ କରିବା ଓ ଶିଖିବା ତୁମପାଇଁ ଅତ୍ୟନ୍ତ ଆନନ୍ଦଦାୟକ ହେବ ।

ତୁମେମାନେ କ'ଣ ଜାଣ ଯେ, ମଣିଷ ଆରମ୍ଭରୁ ହିଁ ସୃଜନଶୀଳ ? ସେମାନେ କହିବା କିମ୍ବା ଲେଖିବା ଆରମ୍ଭ କରିବା ପୂର୍ବରୁ କାନ୍ଥରେ ଚିତ୍ର ଆଙ୍କୁଥିଲେ, ଗୀତ ଗାଉଥିଲେ ଏବଂ ନୃତ୍ୟ କରୁଥିଲେ । ବିଶେଷକରି ଆମ ଦେଶ ଭାରତର କଳାରେ ଏକ ଅତ୍ୟନ୍ତ ସମୃଦ୍ଧ ଐତିହ୍ୟ ଓ ପରମ୍ପରା ରହିଛି । ଦୃଶ୍ୟକଳାରୁ ଆରମ୍ଭ କରି କବିତା, ସଂଗୀତ, ନୃତ୍ୟ ଓ ନାଟ୍ୟକଳା ହଜାର ହଜାର ବର୍ଷ ପୂର୍ବରୁ ଚାଲି ଆସୁଅଛି ଏବଂ ଅନ୍ୟାନ୍ୟ ଅନେକ ବିଷୟ ସହିତ ଏହାର ନିବିଡ଼ ସଂପର୍କ ରହିଛି । କଳା ଆମ ଚାରିପାଖରେ କୌଣସି ନା କୌଣସି ରୂପରେ ରହିଛି ଏବଂ ଆମେ ସମସ୍ତେ କିଛି ନା କିଛି ସୃଷ୍ଟି କରିବାରେ, ପ୍ରଦର୍ଶନ କରିବାରେ – ଦେଖିବା, ଅନୁଭବ କରିବା ଓ ଅଭିଜ୍ଞତା ଅର୍ଜନ କରିବାରେ ସେ ସବୁକୁ ଉପଭୋଗ କରୁ । ଏହି କଳାକୃତି ଆମ ଜୀବନକୁ ସରସ, ସୁନ୍ଦର କରିଥାଏ ଏବଂ ଆମକୁ ଆନନ୍ଦ ମଧ୍ୟ ଦେଇଥାଏ । ଏହା ବ୍ୟତୀତ ତୁମମାନଙ୍କ ମଧ୍ୟରେ ଥିବା ଛୋଟ କଳାକାରଟିଏ ଅଛି, ଯିଏକି ସୃଷ୍ଟିକରିବା, ଅଭିଜ୍ଞତା ଅର୍ଜନ କରିବା ଓ ପ୍ରଦର୍ଶନ କରିବା ପାଇଁ ଆଗ୍ରହୀ ହୋଇଥାଏ ।

"ଇନ୍ଦ୍ରଧନୁ"ରେ ତୁମେମାନେ ଅନେକ ମଜାଦାର କ୍ରିୟାକଳାପ ମାଧ୍ୟମରେ ଚାରୋଟି କଳା ରୂପ/ଶୈଳୀର ଅନୁସନ୍ଧାନ ଏବଂ ଅଭିଜ୍ଞତା ଅର୍ଜନ କରିପାରିବ ।

୧) ଦୃଶ୍ୟକଳାରେ ତୁମ୍ଭେମାନେ ମଜାଳିଆ ଚିତ୍ର କରିବା, କାଗଜ କାଟିବା, ଅଠାରେ ଯୋଡ଼ିବା, ମାଟି ଏବଂ ରଙ୍ଗ ସହିତ ପ୍ରାକୃତିକ ପଦାର୍ଥକୁ ନେଇ ଖେଳିବାର ମଜାପାଇବ ।

୨) ତୁମେ ଦେଶର ବିଭିନ୍ନ ପ୍ରାନ୍ତର ଗୀତ ଶିଖିପାରିବ, ସେଗୁଡ଼ିକୁ ବିଭିନ୍ନ ଭାଷାରେ ଗାଇପାରିବ, ବାଦ୍ୟ ବଜାଇବା ଶିଖିବ ଏବଂ ବାଦ୍ୟଯନ୍ତ୍ର ବିଷୟରେ ଜାଣିପାରିବ ।

୩) ନୃତ୍ୟରେ ତୁମ୍ଭେମାନେ ମୁକ୍ତ ଭାବରେ ଗତି କରିବା, ତାଳ ଏବଂ ସଂଗୀତର ଗତିକୁ ଉପଭୋଗ କରିବା, ବିଭିନ୍ନ ହସ୍ତମୁଦ୍ରା ଏବଂ ପାଦଭେଦ(ଭଙ୍ଗୀ)ମାନଙ୍କ ବିଷୟରେ ଜାଣିପାରିବା ସହିତ ଆହୁରି ଅନେକ କିଛି ଶିଖିପାରିବ ।


୪) ନାଟ୍ୟକଳାରେ ତୁମ୍ଭେମାନେ ନିଶ୍ଚିତ ଭାବରେ ବିଦୂଷକଙ୍କୁ ଭଲପାଇବ ଯିଏ ତୁମ୍ଭମାନଙ୍କୁ କାହାଣୀ କହିବା, ଅଭିନୟ ତଥା ମଞ୍ଚରେ ପ୍ରଦର୍ଶନ କରିବାକୁ ଆଗେଇ ନେବାରେ ସାହାଯ୍ୟ କରିବେ ।

ଏଣୁ ପିଲାମାନେ ଭିନ୍ନ ଭିନ୍ନ କଳା ରୂପ/ଶୈଳୀକୁ ଅନ୍ୱେଷଣ କରିବାକୁ ପ୍ରସ୍ତୁତ ହୁଅ ଏବଂ ତୁମର ଶିକ୍ଷକ, ବନ୍ଧୁପରିଜନ ସହିତ ପ୍ରତିଦିନ କିଛି ନା କିଛି ଅଭିନବ କଳାକୃତି ସୃଷ୍ଟି କରିବାର ମଜା ନିଅ ।

# ସିଲାବସ୍ ଓ ପାଠ୍ୟପୁସ୍ତକ ସମୀକ୍ଷା ପାଇଁ କୋର୍ କମିଟି

| କ୍ର.ନଂ | ନାମ ଓ ପଦବୀ | |
|---|---|---|
| ୧ | କମିଶନର ତଥା ଶାସନ ସଚିବ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ, ଓଡ଼ିଶା ସରକାର | ଅଧ୍ୟକ୍ଷ |
| ୨ | ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ, ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ | ସଦସ୍ୟ |
| ୩. | ନିର୍ଦ୍ଦେଶକ, ଉଚ୍ଚ ମାଧ୍ୟମିକ ଶିକ୍ଷା | ସଦସ୍ୟ |
| ୪. | ନିର୍ଦ୍ଦେଶକ, ମାଧ୍ୟମିକ ଶିକ୍ଷା | ସଦସ୍ୟ |
| ୫. | ନିର୍ଦ୍ଦେଶକ, ପ୍ରାଥମିକ ଶିକ୍ଷା | ସଦସ୍ୟ |
| ୬. | ସଭାପତି, ମାଧ୍ୟମିକ ଶିକ୍ଷା ପରିଷଦ | ସଦସ୍ୟ |
| ୭. | ଅଧ୍ୟକ୍ଷ, ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ | ସଦସ୍ୟ |
| ୮. | ନିର୍ଦ୍ଦେଶକ, ପାଠ୍ୟ ପୁସ୍ତକ ଉତ୍ପାଦନ ଓ ବିକ୍ରୟ ନିର୍ଦ୍ଦେଶାଳୟ | ସଦସ୍ୟ |
| ୯. | ନିର୍ଦ୍ଦେଶକ, ବୈଷୟିକ ଶିକ୍ଷା ଓ ପ୍ରଶିକ୍ଷଣ | ସଦସ୍ୟ |
| ୧୦. | ନିର୍ଦ୍ଦେଶକ, ଓଡ଼ିଆ ଭାଷା ପ୍ରତିଷ୍ଠାନ | ସଦସ୍ୟ |
| ୧୧. | ନିର୍ଦ୍ଦେଶକ, ସମାଜ କଲ୍ୟାଣ, ମହିଳା ଓ ଶିଶୁ ବିକାଶ ବିଭାଗ | ସଦସ୍ୟ |
| ୧୨. | ଏନ୍.ସି.ଆଇ.ଟି, ନୂଆଦିଲ୍ଲୀ ପ୍ରତିନିଧି | ସଦସ୍ୟ |
| ୧୩. | ଅଧ୍ୟକ୍ଷ, ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ, ଭୁବନେଶ୍ୱର | ସଦସ୍ୟ |
| ୧୪. | ପ୍ରଫେସର ନିତ୍ୟାନନ୍ଦ ପ୍ରଧାନ, ଅବସରପ୍ରାପ୍ତ ଅଧ୍ୟକ୍ଷ, ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ ଭୋପାଳ ଏବଂ ଅଧ୍ୟକ୍ଷ, ଓ.ସି.ଏଫ୍, ଓଡ଼ିଶା | ସଦସ୍ୟ |
| ୧୫. | ଡକ୍ଟର ଗୋପାଳ ପ୍ରସାଦ ମହାପାତ୍ର, ଅବସରପ୍ରାପ୍ତ ପ୍ରାଧ୍ୟାପକ, ସଂସ୍କୃତ ବିଭାଗ | ସଦସ୍ୟ |

| କ୍ର.ନଂ | ନାମ ଓ ପଦବୀ | |
|---|---|---|
| ୧୬. | ଡକ୍ଟର କିଶୋର ଚନ୍ଦ୍ର ମହାନ୍ତି, ଅବସରପ୍ରାପ୍ତ ଶିକ୍ଷାବିତ (ବିଜ୍ଞାନ) | ସଦସ୍ୟ |
| ୧୭. | ଡକ୍ଟର ବିନୟ ପଟ୍ଟନାୟକ, ମୁଖ୍ୟ ପରାମର୍ଶଦାତା, ଏନ୍.ଏସ୍.ଟି କାର୍ଯ୍ୟକ୍ରମ, ଏନ୍.ସି.ଇ.ଆର.ଟି., ନୂଆଦିଲ୍ଲୀ | ସଦସ୍ୟ |
| ୧୮. | ଡକ୍ଟର ସୁଶାନ୍ତ କୁମାର ଦାସ, ଅବସରପ୍ରାପ୍ତ ପ୍ରାଧ୍ୟାପକ, ଅର୍ଥନୀତି ବିଭାଗ ପୂର୍ବତନ ସଭାପତି, ମାଧ୍ୟମିକ ଶିକ୍ଷାପରିଷଦ, ଭୁବନେଶ୍ୱର | ସଦସ୍ୟ |
| ୧୯. | ଡକ୍ଟର ଲଳିତ କୁମାର ଲେଙ୍କା, ଅବସରପ୍ରାପ୍ତ ପ୍ରାଧ୍ୟାପକ ସହଯୋଗୀ ପ୍ରଫେସର, ଓଡ଼ିଆ ବିଭାଗ | ସଦସ୍ୟ |
| ୨୦. | ଡକ୍ଟର ସରୋଜଲକ୍ଷ୍ମୀ ସିଂ, ଅଧ୍ୟକ୍ଷ, ରମାଦେବୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ଭୁବନେଶ୍ୱର | ସଦସ୍ୟ |
| ୨୧. | ଡକ୍ଟର ଖଗେଶ୍ୱର ଦାସ, ଇଂରାଜୀ ବିଶେଷଜ୍ଞ, ଅଧ୍ୟକ୍ଷ, ପଦ୍ମପୁର କଲେଜ, ବରଗଡ଼ | ସଦସ୍ୟ |
| ୨୨. | ଡକ୍ଟର ବଳରାମ ସାହୁ, ପ୍ରଫେସର ମାଇକ୍ରୋବାଇଓଲୋଜି, ସୋଆ ବିଶ୍ୱବିଦ୍ୟାଳୟ, ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର | ସଦସ୍ୟ |
| ୨୩. | ଡକ୍ଟର ଗୌରାଙ୍ଗ ମହାନ୍ତି, ପଦାର୍ଥ ବିଜ୍ଞାନ ବିଶେଷଜ୍ଞ, ଅବସରପ୍ରାପ୍ତ ଅଧ୍ୟକ୍ଷ, ଖଲିକୋଟ ସ୍ୱୟଂଶାସିତ କଲେଜ, ଗଞ୍ଜାମ | ସଦସ୍ୟ |
| ୨୪. | ନିର୍ଦ୍ଦେଶକ, ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟ ଏବଂ ରାଜ୍ୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ | ସଦସ୍ୟ ସଚିବ |




# ବନ୍ଦେ ଉତ୍କଳ ଜନନୀ

ବନ୍ଦେ ଉତ୍କଳ ଜନନୀ
ଚାରୁହାସମୟୀ ଚାରୁଭାଷମୟୀ ଜନନୀ, ଜନନୀ, ଜନନୀ ।
ପୂତ – ପୟୋଧି – ବିଧୌତ – ଶରୀରା,
ତାଳତମାଳ – ସୁଶୋଭିତ – ତୀରା,
ଶୁଭ୍ର ତଟିନୀକୂଳ – ଶୀକର – ସମୀରା
ଜନନୀ, ଜନନୀ, ଜନନୀ ।।

ଘନବନଭୂମି ରାଜିତଅଙ୍ଗେ,
ନୀଳ ଭୂଧରମାଳା ସାଜେ ତରଙ୍ଗେ,
କଳ କଳ ମୁଖରିତ ଚାରୁବିହଙ୍ଗେ
ଜନନୀ, ଜନନୀ, ଜନନୀ ।।


ସୁନ୍ଦରଶାଳି – ସୁଶୋଭିତ – କ୍ଷେତ୍ରା,
ଜ୍ଞାନବିଜ୍ଞାନ – ପ୍ରଦର୍ଶିତ – ନେତ୍ରା
ଯୋଗୀରଷିଗଣ – ଉଟଜ – ପବିତ୍ରା
ଜନନୀ, ଜନନୀ, ଜନନୀ ।।

ସୁନ୍ଦରମନ୍ଦିରମଣ୍ଡିତ – ଦେଶା,
ଚାରୁ କଳାବଳି – ଶୋଭିତ – ବେଶା
ପୁଣ୍ୟ ତର୍ଥଚୟ – ପୂର୍ଣ୍ଣ – ପ୍ରଦେଶା
ଜନନୀ, ଜନନୀ, ଜନନୀ ।।

ଉତ୍କଳ ସୁରବର – ଦର୍ପିତ – ଗେହା,
ଅରିକୁଳ – ଶୋଣିତ – ଚର୍ଚ୍ଚିତ – ଦେହା,
ବିଶ୍ୱଭୂମଣ୍ଡଳ – କୃତବର – ସ୍ନେହା
ଜନନୀ, ଜନନୀ, ଜନନୀ ।

କବିକୁଳମୌଳିସୁନନ୍ଦନ – ବନ୍ଦ୍ୟା,
ଭୁବନବିଘୋଷିତ – କୀର୍ତ୍ତିଅନିନ୍ଦ୍ୟା,
ଧନ୍ୟେ, ପୁଣ୍ୟେ, ଚିର ଶରଣ୍ୟେ
ଜନନୀ, ଜନନୀ, ଜନନୀ ।।

# ସୂଚୀପତ୍ର



## ଦୃଶ୍ୟକଳା


୧. କଳାତ୍ମକ ବସ୍ତୁ ... ୩

୨. ଚିତ୍ରକଳାରେ ବୃକ୍ଷଲତା ... ୧୪

୩. କଳାରେ ଜୀବଜନ୍ତୁ ... ୨୪

୪. ଆମ ଚାରିପଟରେ ଥିବା ମଣିଷ ... ୩୨

୫. ପର୍ବପର୍ବାଣୀ ଏବଂ ଉତ୍ସବ ... ୩୭




## ସଙ୍ଗୀତ


୬. ଆମ ଜାତୀୟ ସଙ୍ଗୀତ ... ୪୭

୭. ତାଳକୁ ଅନୁଭବ କର ... ୪୯

୮. ବିଭିନ୍ନ ଅଞ୍ଚଳକୁ ଯାତ୍ରା ... ୬୨

୯. ସଙ୍ଗୀତରେ ବ୍ୟବହୃତ ବାଦ୍ୟଯନ୍ତ୍ର ... ୬୮

୧୦. ଉତ୍ସବ ସମ୍ପର୍କୀୟ ସଙ୍ଗୀତ ... ୭୫




## ଭଙ୍ଗୀ ଓ ନୃତ୍ୟ


୧୧. ଆସ ନୃତ୍ୟ କରିବା ... ୮୬

୧୨. ଆନନ୍ଦରେ ନୃତ୍ୟ ... ୯୨

୧୩. ମୁଁ ଖେଳେ ଓ ନାଚେ ... ୯୭
୧୪. ପ୍ରକୃତି ସହିତ ନୃତ୍ୟ ... ୧୦୨




## ନାଟ୍ୟକଳା

୧୫. ବିଶଦ ଆଲୋଚନା ... ୧୧୧
୧୬. କଳ୍ପନା ... ୧୨୨
୧୭. ଆସ ସୃଷ୍ଟି କରିବା ... ୧୨୮
୧୮. ଚାରିଆଡ଼କୁ ଦେଖ ... ୧୩୨
୧୯. କ୍ରିୟାକଳାପ ... ୧୩୯
୨୦. ସମସ୍ତ ପ୍ରକାର କଳାର ସମନ୍ୱୟନ ... ୧୪୧

●

# ଦୃଶ୍ୟକଳା





## ଶିକ୍ଷକମାନଙ୍କ ପାଇଁ...

- ପିଲାମାନେ ଆରାମରେ ବସି କାର୍ଯ୍ୟ କରିବା ପାଇଁ ଯଥେଷ୍ଟ ଆଲୋକ ଓ ବାୟୁ ଚଳାଚଳ ହେଉଥିବା ପର୍ଯ୍ୟାପ୍ତ ସ୍ଥାନର ବ୍ୟବସ୍ଥା କରିବେ ।
- ପିଲାମାନଙ୍କ କଳାକୃତୀକୁ ପ୍ରଦର୍ଶନ କରିବା ନିମିତ୍ତ ପ୍ରାଚୀର ଫଳକ (Display Board) ର ବ୍ୟବସ୍ଥା କରିବେ । ଯାହାକୁ ନିୟମିତ ଭାବରେ ପରିବର୍ତ୍ତନ କରାଯାଇ ପାରିବ । ଏହାଦ୍ୱାରା ସେମାନେ ଉତ୍ସାହିତ ହେବେ ।
- ପିଲାମାନଙ୍କୁ ନିଜସ୍ୱ ଭାବନା, କଳ୍ପନା, ଜିଜ୍ଞାସା ଓ ଆବେଗକୁ ପରିପ୍ରକାଶ କରିବା ନିମନ୍ତେ ଉତ୍ସାହିତ କରିବେ ଏବଂ ସେମାନଙ୍କ ସରଳତା ଓ ମୌଳିକତାକୁ ତାଙ୍କ କାର୍ଯ୍ୟରେ ପ୍ରତିଫଳିତ କରିବାକୁ ସୁଯୋଗ ଦେବେ ।
- ପିଲାମାନଙ୍କୁ ଅନ୍ୱେଷଣ, ପରୀକ୍ଷଣ ଓ ସେମାନଙ୍କ ଭାବନାକୁ ନେଇ ଆଲୋଚନା କରିବେ । ଏଥିସହିତ ଅନ୍ୟ କିଛି ବିଶେଷ କ୍ରିୟାକଳାପ କରିବାକୁ ଶ୍ରେଣୀରେ ସୁଯୋଗ ଦେବେ ।
- କ୍ରିୟାକଳାପ ସରିବା ପରେ ସେହି ସ୍ଥାନକୁ ସଫେଇ କରିବା, ବ୍ୟବହୃତ ଜିନିଷପତ୍ରକୁ ଯତ୍ନର ସହିତ ଉପଯୁକ୍ତ ସ୍ଥାନରେ ସଜାଡ଼ି ରଖିବା ଏବଂ କଳାକୃତି ନିମନ୍ତେ ଆବଶ୍ୟକ ହେଉଥିବା ଉପକରଣ ଗୁଡ଼ିକୁ ଯତ୍ନର ସହ ବ୍ୟବହାର ପାଇଁ ପିଲାମାନଙ୍କୁ ଅଭ୍ୟାସ କରାଇବେ ।
- ଶ୍ରେଣୀରେ କରାଯାଉଥିବା କ୍ରିୟାକଳାପ ସମ୍ବନ୍ଧରେ ଛାତ୍ରଛାତ୍ରୀମାନେ ନିଜ ଘରେ ଆଲୋଚନା କରିବା ଓ ସେମାନଙ୍କ ଅଭିଭାବକମାନଙ୍କୁ କଳା ଓ ସଂସ୍କୃତିର ଶିକ୍ଷଣ ତଥା ଅଭ୍ୟାସ କାର୍ଯ୍ୟରେ ସମ୍ପୃକ୍ତ କରିବାକୁ ଉତ୍ସାହିତ କରିବେ ।
- ଆଖପାଖ ସହରରେ ହେଉଥିବା ଶିଶୁ ଚିତ୍ରକଳା ପ୍ରଦର୍ଶନୀ ଓ ପ୍ରତିଯୋଗିତାକୁ ଦେଖିବା ଓ ସେଥିରେ ଅଂଶଗ୍ରହଣ କରିବାର ସୁଯୋଗ ସୃଷ୍ଟି କରିବେ ।



# ୧ କଳାତ୍ମକ ବସ୍ତୁ

ଆମ ଚାରିପାଖରେ ଆମେ ବିଭିନ୍ନ ପ୍ରକାରର ବସ୍ତୁ ଦେଖିଥାଉ । ଆମେ ସେଗୁଡ଼ିକୁ ଦୈନନ୍ଦିନ କାର୍ଯ୍ୟରେ ଯଥା- ଘରରସାଜସଜ୍ଜା, କୃଷିକାର୍ଯ୍ୟ, ବିଦ୍ୟାଳୟରେ କିମ୍ବା ରୋଷେଇ ଘରେ ବ୍ୟବହାର କରିଥାଉ । ଏହି ଗୁଡ଼ିକର ଆକାର ସ୍ୱତନ୍ତ୍ର ଓ ଭିନ୍ନ ଭିନ୍ନ ଉପକରଣରେ ନିର୍ମିତ ହୋଇଥାଏ ।

















ଏହି ଅନୁଚ୍ଛେଦ ଶେଷରେ ତୁମେମାନେ ବସ୍ତୁଗୁଡ଼ିକର ଚିତ୍ର ଅଙ୍କନ କର ଓ ରଙ୍ଗ ଦିଅ । ତୁମେ ସେହିଗୁଡ଼ିକୁ ମାଟିରେ ମଧ୍ୟ ତିଆରି କରିପାରିବ । ଏହାଦ୍ୱାରା ତୁମେ ବସ୍ତୁଗୁଡ଼ିକର ଆକାର, ଆକୃତି, ରଙ୍ଗ ଏବଂ ତାହାର ବିଭିନ୍ନ ଉପାଦାନ ସମ୍ପର୍କରେ ଜାଣି ପାରିବ ।

## କ୍ରିୟାକଳାପ-୧ ସହଜରେ ଚିତ୍ର ଅଙ୍କନ ପାଇଁ ରେଖା ସହ ଖେଳ




**ଭିନ୍ନ ଭିନ୍ନ ପ୍ରକାରର ଗାର ଟାଣି ଚମତ୍କାରିତା ଦେଖ ।**

କିଛି ଗାର ଶୀଘ୍ରଶୀଘ୍ର ଓ କିଛି ଗାର ଧୀରେଧୀରେ ଅଙ୍କନ କର । ପେନ୍‌ସିଲ୍ ମାଡ଼ିକରି (4B Pencil) ମୋଟା ଗାର ଓ ପୁଣି ହାଲକା କରି ପତଳା ଗାର ପକାଅ । ନିମ୍ନ ପ୍ରକାରର ଗାରଗୁଡ଼ିକୁ ଅଭ୍ୟାସ କର ।


- ବିନ୍ଦୁଦ୍ୱାରା ଗାର 
- ଛାଡ଼ି ଛାଡ଼ି ଗାର 
- ମୋଟା ଓ ପତଳା ଗାର 
- ଠିଆ ହେବା ପରି ଗାର 
- ଅଙ୍କାବଙ୍କା ଗାର 
- ଢେଉ ଢେଉକା ଗାର 
- ଶୋଇବା ପରି ଗାର 
- ଖସଡ଼ା ପରି ଗାର 
- ଗୁଡ଼େଇ ତୁଡ଼େଇ ଗାର 
- ଅର୍ଦ୍ଧବୃତ୍ତ ପରି ଗାର 
- ବୃତ୍ତାକାର 

# ଅଭ୍ୟାସ କର


## ସରଳ ରେଖାରେ ଚିତ୍ର ଅଙ୍କନ




ବର୍ଗାକାର ବାକ୍ସ




ଗୁଡ଼ିର ଚିତ୍ର




ଆୟତାକାର ବାକ୍ସ



ଅର୍ଦ୍ଧବୃତ୍ତରେ ଅଙ୍କିତ ଚିତ୍ର





ଅର୍ଦ୍ଧବୃତ୍ତ ଓ ସରଳ ରେଖାରେ ଅଙ୍କିତ ଚିତ୍ର




ବୃତ୍ତାକାର ଚିତ୍ର


# ଅଭ୍ୟାସ କର










ବକ୍ର ରେଖାର ଚିତ୍ର





ଅଣ୍ଡା ଆକାର ଚିତ୍ର







ସିଲିଣ୍ଡର ଆକାର ଚିତ୍ର


**କ୍ରିୟାକଳାପ-୨** **ତୁମ ଚାରିପାଖରେ ଦେଖୁଥିବା ବସ୍ତୁଗୁଡ଼ିକୁ ଅଙ୍କନ କର ଓ ରଙ୍ଗ ଦିଅ ।**

ତୁମ ଚାରିପାଖରେ ଥିବା ବସ୍ତୁଗୁଡ଼ିକୁ ଦେଖ, ସ୍ପର୍ଶ କର ଓ ତାହାକୁ ଆଙ୍କିବାକୁ ଚେଷ୍ଟା କର । ବସ୍ତୁଗୁଡ଼ିକର ବାହ୍ୟରେଖା, ଆକାର ଓ ରଙ୍ଗକୁ ଲକ୍ଷ୍ୟ କର । ଯେକୌଣସି ତିନୋଟି ଭିନ୍ନ ଭିନ୍ନ ଆକୃତିର ଚିତ୍ର ଅଙ୍କନ କରି ରଙ୍ଗ ଦିଅ ।









ଅଧିକ ଅଭ୍ୟାସ ପାଇଁ ଧଳା କାଗଜ, କଳାପଟା ଉପରେ କିମ୍ବା ଚିତ୍ରାଙ୍କନ ଖାତାରେ ଚିତ୍ର କର ।

ତୁମ ଘରେ ଥିବା କିଛି ଜିନିଷର ଚିତ୍ର ଆଙ୍କି ରଙ୍ଗ ଦିଅ । ତୁମ ଘର ଚାରିଆଡ଼େ ଥିବା ଭିନ୍ନଭିନ୍ନ ଆକାର ଓ ଆକୃତିର ବସ୍ତୁଗୁଡ଼ିକୁ ଲକ୍ଷ୍ୟ କର । ନିମ୍ନଲିଖିତ କାମଗୁଡ଼ିକ ପାଇଁ **ବ୍ୟବହୃତ ହେଉଥିବା ଉପକରଣ ମଧ୍ୟରୁ ଗୋଟିଏ ଲେଖାଏଁ ଚିତ୍ର ଅଙ୍କନ କର ।**

- **ରୋଷେଇ ଉପକରଣ**
- **କୃଷି ଉପକରଣ**
- **କ୍ରୀଡ଼ା ଉପକରଣ**
- **ପାଠ୍ୟ ଉପକରଣ**
- **ଶୋଇବା ଉପକରଣ**

ଏହିଗୁଡ଼ିକ ମଧ୍ୟରୁ କେତୋଟି ଚିତ୍ରରେ ରଙ୍ଗ ଦିଅ ।


ତୁମର ଚିତ୍ରଗୁଡ଼ିକୁ ସାଙ୍ଗମାନଙ୍କୁ ଦେଖାଅ ।


## କ୍ରିୟାକଳାପ-୩ ଚିତ୍ରକୁ ଟ୍ରେସିଂ କରି କାଟ ଓ ଅନ୍ୟ ଚିତ୍ର ଉପରେ ମଡ଼ାଅ ।


ଏହି କ୍ରିୟାକଳାପରେ ଯେକୌଣସି ତିନୋଟି ଭିନ୍ନ ପ୍ରକାରର ବସ୍ତୁ ବ୍ୟବହାର କରି ତିଆରି କରାଯାଇପାରିବ ଯେପରିକି ପତ୍ର, ଛୋଟ ବସ୍ତୁ ଏବଂ କାଳ୍ପନିକ ଆକୃତି ।

### ସୋପାନ-୧

ଯେକୌଣସି ତିନୋଟି ବସ୍ତୁକୁ ବାଛ ଓ ସେହିଗୁଡ଼ିକର ରେଖାଚିତ୍ର ଅଙ୍କନ କର ।



ବସ୍ତୁ- ୧


ବସ୍ତୁ- ୨


ବସ୍ତୁ-୩

### ସୋପାନ-୨

ତୁମ ଚିତ୍ର ଉପରେ ଟ୍ରେସିଙ୍ଗ ପେପର ରଖି ପ୍ରତ୍ୟେକ ତିନୋଟିର ବାହ୍ୟରେଖାଗୁଡ଼ିକୁ ଅଲଗାଅଲଗା ଅଙ୍କନ କର ।




**ଶିକ୍ଷକଙ୍କ ପାଇଁ :**

- ଟ୍ରେସିଂରେ ଗାର ମଡ଼େଇବା ଦ୍ୱାରା ହାତର ଚାଳନା ଓ ପେନ୍‌ସିଲ୍‌କୁ ଧରିବା କୌଶଳ ବିକଶିତ ହୁଏ ।
- ଗୋଟିଏ ଚିତ୍ର ଉପରେ ଅନ୍ୟ ଚିତ୍ର ମଡ଼ାଇବା ଦ୍ୱାରା ନୂତନ ଆକୃତି ଓ ରଙ୍ଗ ସୃଷ୍ଟି ହୋଇଥାଏ ।

### ସୋପାନ-୩

ଟ୍ରେସିଂ କରାଯାଇଥିବା ତିନୋଟି ବସ୍ତୁର ଚିତ୍ରର ବାହ୍ୟରେଖା କାଟି ତାହାର ଆକାରକୁ ବାହାର କର ।



### ସୋପାନ-୪

ତୁମ ଚିତ୍ରାଙ୍କନ କାଗଜ ଉପରେ ପ୍ରଥମ ବସ୍ତୁର କଟାଯାଇଥିବା ଚିତ୍ରକୁ ରଖି, ତାହାର ବାହ୍ୟରେଖା ଅଙ୍କନ କର ।



## ସୋପାନ-୫

ଦ୍ୱିତୀୟ ଚିତ୍ରର କଟାଯାଇଥିବା ନମୂନାଟିକୁ ପ୍ରଥମ ଚିତ୍ର ଉପରେ ଅଳ୍ପ ଚଢ଼ାଇ ରଖ ଓ ଏହାର ବାହ୍ୟରେଖା ଅଙ୍କନ କର।

## ସୋପାନ-୬

ତୃତୀୟ ଚିତ୍ରର କଟାଯାଇଥିବା ନମୂନାଟିକୁ ପୂର୍ବଚିତ୍ର ଉପରେ ଏହିଠାରେ ଦିଆଯାଇଥିବା ଚିତ୍ରପରି ଅଳ୍ପ ଚଢ଼ାଇ କରି ରଖ ଓ ବାହ୍ୟରେଖା ଅଙ୍କନ କର।

ବାଃ ! ଦେଖ ତୁମେ ଗୋଟିଏ ନୂଆ ଆକୃତି ତିଆରି କରିଦେଲ !


## ସୋପାନ-୭

ପ୍ରତ୍ୟେକ ଆକୃତିକୁ ପୃଥକ୍ ଭାବରେ କ୍ରେୟନ୍ ରଙ୍ଗ ସାହାଯ୍ୟରେ ନାଲି, ହଳଦିଆ ଓ ନୀଳରଙ୍ଗ ଦିଅ। ତୁମେ ଏଥିରେ ଜଳରଙ୍ଗ ମଧ୍ୟ ବ୍ୟବହାର କରିପାରିବ।

ବାଃ ! ତୁମେ ମଡ଼ାଇଥିବା ସ୍ଥାନମାନଙ୍କରେ ତିନୋଟି ନୂଆ ରଙ୍ଗ ସୃଷ୍ଟି ହେବାର ଦେଖିବ।

## ସୋପାନ-୮

ଏବେ ତୁମ କାମ ସରିଯାଇଛି, ଅବଶିଷ୍ଟ ଅଂଶ ସଫା କରିଦିଅ।



## କ୍ରିୟାକଳାପ-୪ ଗୋଟିଏ ବୋତଲର ଚିତ୍ର ଅଙ୍କନ କର ଏବଂ ଖେଳ ।

ମୁଁ ଗୋଟିଏ ବୋତଲ ଠିପି
ଜାଣିଛ ତୁମେ ଆକାର ମୋର
ଦୁଃଖର କଥା କହୁଛି ଶୁଣ
ହଜି ଯାଇଛି ବୋତଲ ମୋର । ୧ ।

କେତେ ରଙ୍ଗ ଓ କେତେ ଆକାରେ
ବୋତଲ ପରା ମିଳେ ବଜାରେ
ଗଢ଼ିଦେବ କି ମୋ ପାଇଁ କିଏ
ସବୁଠୁ ଅଲଗା ବୋତଲଟିଏ । ୨ ।

ଏପରି ବୋତଲ ତିଆରି କର
ଜାଣିବି ଯେମିତି ସେଇଟି ମୋର,
ଗୋଟିଏ ବଦଳେ ଦୁଇଟି କଲେ
ଖୁସି ହୋଇଯିବ ସାଙ୍ଗ ମୋହର । ୩ ।

## କ୍ରିୟାକଳାପ-୫ ମାଟି ସହିତ ଖେଳ

ମାଟି ସହିତ ଖେଳିବାକୁ ମଜା ଲାଗେ ନାହିଁ କି ?

ମାଟିର ବସ୍ତୁଗୁଡ଼ିକ ବିଭିନ୍ନ ଆକାର ଓ ଆକୃତିରେ ତିଆରି ହୋଇପାରିବ ।

ତୁମ ଚାରିପାଖରେ ଥିବା କିଛି ବସ୍ତୁ (ଯଥା ଆମ୍ବ, ବାଇଗଣ, କଣ୍ଢେଇ କିମ୍ବା କପ୍)ର ମୂଳ ଆକାରକୁ ଅଙ୍କନ କର । ସେହିଗୁଡ଼ିକୁ କିଛି ଯାଦୁଗରୀ ଆକାରରେ ତିଆରି କରି ସାଙ୍ଗମାନଙ୍କ ସହ ତୁମର ଚିନ୍ତାଧାରା ବିତରଣ କର ।

ସେଗୁଡ଼ିକୁ ମାଟିରେ ତିଆରି କର ଓ ତାହାକୁ ଗୋଟିଏ କାଠି ବା ପାତ ସାହାଯ୍ୟରେ ବିଭିନ୍ନ ଆକୃତି, ନମୂନା, ବିନ୍ଦୁ ଓ ଗାର ଦ୍ୱାରା ସମ୍ପୂର୍ଣ୍ଣ କର ।




ସେଗୁଡ଼ିକ ସମ୍ପୂର୍ଣ୍ଣ କରି ବିଭିନ୍ନ ନାମରେ ନାମିତ କର । ବସ୍ତୁଟିକୁ ମାଟିରେ ତିଆରି କରିବାପରେ ଚଟାଣକୁ ପରିଷ୍କାର କରି ହାତ ଧୋଇବାକୁ ଯେପରି ଭୁଲି ନ ଯାଅ ।

**ତୁମେ ଜାଣିଛ କି ?**

ସ୍ୱତନ୍ତ୍ର ମାଟିରେ ତିଆରି ହୋଇଥିବା ଏକ ବାଦ୍ୟଯନ୍ତ୍ର ଭାରତୀୟ ସଂଗୀତରେ ବ୍ୟବହୃତ ହୋଇଥାଏ । ଏହାକୁ ଘଟମ୍ କୁହାଯାଏ ।

**ଜାରି ରଖିବା :**

- ଆଞ୍ଚଳିକ ସଂଗ୍ରହାଳୟ, ହସ୍ତଶିଳ୍ପ ମେଳା କିମ୍ବା କୁମ୍ଭାରଶାଳକୁ ଯାଅ, ବିଭିନ୍ନ ପ୍ରକାର ବସ୍ତୁ ଦେଖ । ସେଠାରେ ତୁମେ ବହୁ ପ୍ରକାରର ମାଟିରେ ତିଆରି ବସ୍ତୁ ଦେଖିବାକୁ ପାଇବ । ସେଗୁଡ଼ିକ ମଧ୍ୟରୁ ଯାହା ଭଲ ଲାଗୁଛି, ତାହା ଅଙ୍କନ କର । ତୁମକୁ ବହୁତ ମଜା ଲାଗିବ ।



## କ୍ରିୟାକଳାପ-୬ ମାଟି ପାତ୍ର ନିର୍ମାଣ



୧ - ଏହି ଚିତ୍ରଗୁଡ଼ିକରେ ତୁମେ କେଉଁ ବସ୍ତୁଗୁଡ଼ିକ ଦେଖୁଛ ?

______________________________

______________________________

୨ - ତୁମେ କେତେ ପ୍ରକାର ଆକାର ଓ ଆକୃତିର ମାଟିପାତ୍ର ଦେଖୁଛ ?

______________________________

______________________________

୩- ପ୍ରଦତ୍ତ ପ୍ରତ୍ୟେକ ଚିତ୍ରରେ ଲୋକମାନେ କ'ଣ କରୁଛନ୍ତି ?

______________________________

______________________________

ଗୋଟିଏ ମାଟିପାତ୍ରକୁ ରଙ୍ଗ ଦେଇ ସଜାଅ ।



## ୨ ଚିତ୍ର କଳାରେ ବୃକ୍ଷଲତା

ଆମେ ଆମ ଚାରିପାଖରେ ନାନା ପ୍ରକାର ଗଛ ଓ ଲତା ଦେଖିବାକୁ ପାଉ । ଏହି ଅନୁଚ୍ଛେଦ ଶେଷରେ ବଗିଚା, ଗାଁ’ ଦାଣ୍ଡ, କ୍ଷେତ କିମ୍ବା ଜଙ୍ଗଲିଆ ସ୍ଥାନ ବୁଲିବା ଦ୍ୱାରା କିମ୍ବା ତାହାର କାହାଣୀ ମାଧ୍ୟମରେ ଗଛ ଲତାର ଗୁରୁତ୍ୱ ବିଷୟରେ ବୁଝିପାରିବା । ପ୍ରକୃତି ବିଷୟରେ ଅନେକ କାହାଣୀ ସଂଗ୍ରହ କରି ସେହିଗୁଡ଼ିକୁ ନିଜର କଳା ମାଧ୍ୟମରେ ପରିପ୍ରକାଶ କରିପାରିବା । ତୁମେ ପ୍ରକୃତିରେ ଥିବା ଏହିପରି ବିଭିନ୍ନ **ରେଖା, ଆକୃତି, ରଙ୍ଗ ବିନ୍ୟାସ** ଦେଖିବାକୁ ପାଇବ । ସେହିଗୁଡ଼ିକୁ ବିଭିନ୍ନ ଲୁଗାରେ ଥିବା ଆକାର ଗୁଡ଼ିକ ସହିତ ଯେଉଁ ସାମଞ୍ଜସ୍ୟ ଅଛି ତାହାକୁ ମିଳାଇ ଦେଖ ।





ତୁମେ ପ୍ରକୃତିରୁ ପାଉଥିବା କାଠି, ମଞ୍ଜି, ବାଲିଗରଡ଼ା, ଶୁଖିଲା ପତ୍ର, ଫୁଲ କିମ୍ବା ଅନ୍ୟ ଯେ କୌଣସି ଜିନିଷ ଦ୍ୱାରା ବିଭିନ୍ନ ଆକୃତି ତିଆରି କରିବାକୁ ଚେଷ୍ଟା କର । ତୁମେ ତୁମ କଳ୍ପନାରୁ ଚିତ୍ର ମଧ୍ୟ ଆଙ୍କି ପାରିବ । ତୁମେ ନିଜର ରେଖାଚିତ୍ର, ରଙ୍ଗବିନ୍ୟାସ ଓ କାରୁକାର୍ଯ୍ୟ ଦ୍ୱାରା ଜାଲି ଛାଞ୍ଚ (Stencil) ଓ ଅଭିନନ୍ଦନ ପତ୍ର ଏବଂ ପୋଷାକ ପାଇଁ ନିଜସ୍ୱ ଢାଞ୍ଚା ଆଦିର ଚିତ୍ର କରିପାରିବ ।





## କ୍ରିୟାକଳାପ-୧ ପ୍ରକୃତି ଭ୍ରମଣ ଓ ଚିତ୍ରାଙ୍କନ

ଶ୍ରେଣୀଗୃହରୁ ବାହାରକୁ ବାହାରି ଆସ ଓ ବିଦ୍ୟାଳୟର ବଗିଚା, ଆଖ ପାଖରେ ଥିବା ପାର୍କ, ପଡ଼ିଆ, କ୍ଷେତ ଓ ଯେକୌଣସି ସୁରକ୍ଷିତ ଜଙ୍ଗଲିଆ ଜାଗାକୁ ବୁଲିବାକୁ ଯାଅ । ସେଠାରେ ଗଛର ମୂଳ, କାଣ୍ଡ, ଡାଳ, ପତ୍ର, ଫୁଲ, ଫଳର ମଞ୍ଜି, କୀଟ, ପତଙ୍ଗ ଓ ପ୍ରଜାପତିମାନଙ୍କୁ ଛୁଅଁ ଓ ନିକଟରୁ ଦେଖ ।

ଏହିମାନଙ୍କଠାରେ କେଉଁପ୍ରକାର ଆକାର, ଆକୃତି, ରଙ୍ଗ ବିନ୍ୟାସ ଓ ଢାଞ୍ଚା ଦେଖୁଛ ?

ସେହିଗୁଡ଼ିକ ଛୁଇଁବା ପରେ ତୁମେ କ'ଣ ଅନୁଭବ କରୁଛ ?



ବି.ଦ୍ର. - ବୁଲିବା ସମୟରେ ପିଲାମାନେ ସାଙ୍ଗରେ ଖାତା, ପେନ୍‌ସିଲ୍ ନେଇକରି ଯିବେ ।

## କ୍ରିୟାକଳାପ-୨ ପ୍ରକୃତିର ଚିତ୍ର ଆଙ୍କିବା

ତିନି ଚାରୋଟି ଭିନ୍ନଭିନ୍ନ ଆକୃତିର ପତ୍ର, ଫୁଲ କିମ୍ବା ଚଢ଼େଇମାନଙ୍କର ଚିତ୍ର ଆଙ୍କିବା ଓ ରଙ୍ଗ ଦେବା ।





**ଜାରି ରଖିବା :**

ଚାଲ ଆମେ ପ୍ରକୃତିରୁ ନିଜେ ରଙ୍ଗ ତିଆରି କରିବା । କିଛି ଫୁଲ, ଫଳ, ପରିବା, ମୂଳ କିମ୍ବା ପତ୍ରର କିଛି ଅଂଶକୁ ମକଚି ଅଳ୍ପ ପାଣିରେ ମିଶାଇବା ଓ କେଉଁ ଜିନିଷରୁ କେଉଁ ରଙ୍ଗ ତିଆରି ହେଉଛି ଲକ୍ଷ୍ୟ କରିବା ଓ ଟିପା ଖାତାରେ ଲେଖିରଖିବା ।

## କ୍ରିୟାକଳାପ-୩ ରସରୁ ରଙ୍ଗ

ଫୁଲ, ଫଳ ଓ ପତ୍ରରୁ ରଙ୍ଗ ତିଆରି କରାଯାଇପାରିବ ।

ତୁମ ଜିଭର ରଙ୍ଗ କିପରି ହୋଇଥାଏ ଯେତେବେଳେ ତୁମେ ଖାଅ –

ବିଟ୍ ପରିବା




ଜାମୁ କୋଳି



ହଳଦୀ



ଉପରେ ଦିଆଯାଇଥିବା ରେଖାଚିତ୍ରକୁ ଉପଯୁକ୍ତ ରଙ୍ଗଦ୍ୱାରା ପୂରଣ କର ।




ଉପରେ ଥିବା ପ୍ରାକୃତିକ ରଙ୍ଗକୁ ନେଇ ତୁମେ ଚିତ୍ର ଆଙ୍କି ରଙ୍ଗ ଦେଇପାରିବ ।

## କ୍ରିୟାକଳାପ-୪ କୋଠାବାଡ଼ିର ଜାଲି କାମ

ପ୍ରକୃତିରୁ ପ୍ରେରଣା ନେଇ ଅନେକ ସମୟରେ ପଥର ଉପରେ ଫୁଲ, ଫଳ, ପତ୍ର, ଲତା ଓ ଜ୍ୟାମିତିକ ଆକୃତି ଇତ୍ୟାଦିକୁ ନେଇ ଜାଲି ଖୋଦେଇ କରାଯାଇଥାଏ । ତୁମ ଚତୁଃପାର୍ଶ୍ୱରେ ଥିବା କୋଠାବାଡ଼ିମାନଙ୍କରେ ଥିବା କେଉଁ ପ୍ରକାରର ଏହିପରି ଡାଳି ଓ ଲତାର ଜାଲି ଝରକା ଦେଖିଛ ?

ତୁମେ କବାଟ ଓ ଝରକାମାନଙ୍କରେ ଥିବା ବିଭିନ୍ନ ପ୍ରକାରର ଢାଞ୍ଚାର ଜାଲି କାମ ଲକ୍ଷ୍ୟ କରିଛ କି ?

**ବି.ଦ୍ର.** ଗୋଟିଏ ପୁରାତନ ମନ୍ଦିର ବା କୋଠାବାଡ଼ିକୁ ପିଲାମାନଙ୍କୁ ବୁଲାଇବାକୁ ନିଅ । ସେହିଠାରେ ଜାଲିରେ ଥିବା ବିଭିନ୍ନ ଡାଳ, ଫୁଲର ଆକୃତିକୁ ଦେଖାଅ ।



ପେନ୍‌ସିଲ୍ ସାହାଯ୍ୟରେ ଦିଆଯାଇଥିବା
ଜାଲିଚିତ୍ରର ଖାଲି ସ୍ଥାନକୁ ପୂରଣ କର ।



## କ୍ରିୟାକଳାପ-୫ କାଗଜରେ ନିଜେ ଜାଲି (ଝାଲର) ତିଆରି କରିବା ।

କଇଁଚି ବ୍ୟବହାର କରିବା ସମୟରେ ଖୁବ୍ ସତର୍କତା ଅବଲମ୍ବନ କର । ତୁମ ଶିକ୍ଷକ କିମ୍ବା ତୁମ ପିତାମାତାଙ୍କ ସାହାଯ୍ୟ ନିଅ ।

ଡାଳି କାଟିବା ସମୟରେ ଓ କାଗଜ ମୋଡ଼ିବାରେ ଯଦି ତୁମ ସାଙ୍ଗମାନଙ୍କୁ ଅସୁବିଧା ହୁଏ, ସେହିମାନଙ୍କୁ ସାହାଯ୍ୟ କର ।

### ସୋପାନ-୧

ଗୋଟିଏ ପୁରୁଣା ଖବର କାଗଜକୁ ଅନେକ କୁଞ୍ଚ କରି ଭାଙ୍ଗ ।



### ସୋପାନ-୨

ଦୁଇଟି କିମ୍ବା ତିନୋଟି ଭିନ୍ନ ଭିନ୍ନ ପତ୍ରର ଆକୃତି ଅଙ୍କନ କର ।



### ସୋପାନ-୩

ସମସ୍ତ ଭାଙ୍ଗଗୁଡ଼ିକୁ ସିଧା ରଖି ଆକୃତି ଗୁଡ଼ିକୁ ପ୍ରଦତ୍ତ ଚିତ୍ର ପରି କାଟିଦିଅ ।



### ସୋପାନ-୪

ଏବେ ଭାଙ୍ଗଗୁଡ଼ିକୁ ଖୋଲି ତୁମର ଜାଲିଗୁଡ଼ିକୁ ଦେଖ ଓ ରଙ୍ଗ ଦିଅ ।



**ବି.ଦ୍ର. -** ଏବେ ତୁମର ଜାଲିକୁ ଷ୍ଟେନ୍‌ସିଲ୍ (ଛାଞ୍ଚ) ଭାବରେ ବ୍ୟବହାର କର ଏବଂ କାଗଜ ଉପରେ ପକାଇ ଡିଜାଇନ୍ ତିଆରି କର । ଏଠାରେ ଦିଆଯାଇଥିବା ନମୂନାକୁ ସେହିଭଳି ତିଆରି କର । ସ୍କୁଲ୍‌ରେ ଗଣେଶ ପୂଜା କିମ୍ବା ସରସ୍ୱତୀ ପୂଜାରେ ଏହିଭଳି ଜାଲି ରଙ୍ଗିନ କାଗଜରେ କାଟି ସୁନ୍ଦର ଭାବେ ସଜାଅ ।








## କ୍ରିୟାକଳାପ-୬ ଚିତ୍ରରେ କାହାଣୀ

ତୁମେ ଗଛ ଉପରେ କୌଣସି ଗପ ଜାଣିଛ କି ? ଗୋଟିଏ ଗପକୁ ନେଇ ଏକ ଚିତ୍ର ଆଙ୍କି ରଙ୍ଗ ଦିଅ ।







ଚତୁର କାଉ

**ଶିକ୍ଷକଙ୍କ ପାଇଁ :**

ପ୍ରତ୍ୟେକ ପିଲାଙ୍କୁ ଗଛଲତା ଓ ପ୍ରାଣୀମାନଙ୍କ ବିଷୟରେ ଗପ କହିବାକୁ ସୁଯୋଗ ଦେବେ । ସେହି ଗପକୁ ନେଇ ଚିତ୍ର କରିବା ଶିଖାଇବେ । ଆବଶ୍ୟକସ୍ଥଳେ ଭଲ ଚିତ୍ରଗୁଡ଼ିକୁ ବିଦ୍ୟାଳୟରେ ପ୍ରଦର୍ଶନ କରିବେ ଏବଂ ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିବେ ।

ଚିତ୍ରରେ ଦେଖାଯାଇଥିବା ପରି ତୁମ ଘରେ ଦେଖୁଥିବା ଶାଢ଼ି, ବିଛଣା ଚାଦର ଓ ଅନ୍ୟାନ୍ୟ ବସ୍ତ୍ର ଉପରେ ଉଦ୍ଭିଦର ବିଭିନ୍ନ ଚିତ୍ର ଥିଲେ ସେଗୁଡ଼ିକୁ ସଂଗ୍ରହ କର ଏବଂ ଏହି ପୃଷ୍ଠାର ଡାହଣ ପାଖେ ଅଙ୍କନ କରି ରଙ୍ଗ ଦିଅ ।





**କ୍ରିୟାକଳାପ-୭** **ଉଦ୍ଭିଦ ସମ୍ବନ୍ଧିତ ଛବି ଅଙ୍କନ କରିବା ।**

ଆବଶ୍ୟକୀୟ ଉପକରଣ :

୧. ସାଧା କାଗଜ, ଚାର୍ଟ ପେପର୍, ପୁରୁଣା ଖବର କାଗଜ କିମ୍ବା ରଙ୍ଗୀନ୍ କାଗଜ, ସୂତା ।

୨. ଉଦ୍ଭିଦର ବିଭିନ୍ନ ପରିତ୍ୟକ୍ତ ଅଂଶ ଯେପରିକି ମଞ୍ଜି, ଫୁଲ, ପାଖୁଡ଼ା, ପତ୍ର ଯାହା ଝଡ଼ି ତଳେ ପଡ଼ିଥିବ, ସେହିଗୁଡ଼ିକୁ ବ୍ୟବହାର କରିବା ।

୩. ଅଠା ।

**ବି.ଦ୍ର.**-ଗଛରୁ ସଦ୍ୟ ପତ୍ର ଓ ଫୁଲ ଛିଣ୍ଡାଇବାକୁ ବାରଣ କରିବା ।

କେବଳ ଝଡ଼ି ପଡ଼ିଥିବା ପତ୍ର, ଫୁଲ, ମଞ୍ଜି ଓ ପାଖୁଡ଼ା ଇତ୍ୟାଦିକୁ ନେଇ ଚିତ୍ରରେ ବ୍ୟବହାର କରିବା ।



ପିଲାମାନେ, ତୁମେ ତୁମ ଶିକ୍ଷକ ଓ ସାଙ୍ଗସାଥୀମାନଙ୍କ ସହ ନିଜେ ଭାବିଥିବା ଚିତ୍ର ବିଷୟରେ ଆଲୋଚନା କରି ଉପକରଣ ବାଛ । ଗଛକୁ ନେଇ ଗୋଟିଏ ଅଭିନନ୍ଦନ ପତ୍ର କିମ୍ବା ଶାଢ଼ି ଧଡ଼ିର ଚିତ୍ର କର । ଏଠାରେ ତୁମର ଭାବନାକୁ ଅଙ୍କନ କରି ରଙ୍ଗ ଦିଅ ।


# ୩ କଳାରେ ଜୀବଜନ୍ତୁ

ଆମ ଚାରିପାଖରେ ବିଭିନ୍ନ ପ୍ରକାର ପଶୁପକ୍ଷୀ, କୀଟପତଙ୍ଗ ଏବଂ ଜୀବଜନ୍ତୁ ଅଛନ୍ତି । ସେମାନଙ୍କ ମଧ୍ୟରୁ କେତେକ ଆକାଶରେ, ପାଣିରେ, ମାଟି ଉପରେ ଓ ମାଟି ଭିତରେ ଥାଆନ୍ତି ।











ପ୍ରାଣୀମାନଙ୍କୁ ଲକ୍ଷ୍ୟ କଲେ ତୁମେ ସେମାନଙ୍କର ଆକାର, ଆକୃତି, ରଙ୍ଗ, ମୂଳ ଗଠନ, ସ୍ୱତନ୍ତ୍ରତା ଓ ଢାଞ୍ଚାରୁ ସେମାନଙ୍କୁ ଚିହ୍ନିପାରିବ । ତୁମେ ବିଭିନ୍ନ ଗପରୁ ସେହି ପ୍ରାଣୀମାନଙ୍କର ଜୀବନଶୈଳୀ ଏବଂ ବାସସ୍ଥାନ ବିଷୟରେ ଜାଣିପାରିବ । ଏହାପରେ ତୁମ ମନରୁ ଚିତ୍ରକଳା ସୃଷ୍ଟି କରି ଆନନ୍ଦ ଅନୁଭବ କରିପାରିବ । ବିଭିନ୍ନ ପ୍ରକାର କଳାସାମଗ୍ରୀ ଓ ଶୈଳୀର କୌଶଳ ବ୍ୟବହାର କରି ସେହି ପ୍ରାଣୀମାନଙ୍କୁ ଚିତ୍ରଣ କର ।

## କ୍ରିୟାକଳାପ-୧ ପଶୁମାନଙ୍କର ଏକ କାହାଣୀ ତିଆରି କର ।

କିଛି ପଶୁମାନଙ୍କୁ ନେଇ ଏକ କାହାଣୀ କଳ୍ପନା କରି ନିମ୍ନରେ ଥିବା ଖାଲି ସ୍ଥାନରେ ସେହି ଅନୁସାରେ ଚିତ୍ର କର ।



ତୁମ ନିଜ କଳ୍ପନାରୁ ଗୋଟିଏ ପ୍ରାଣୀର କାର୍ଯ୍ୟକଳାପର କ୍ରମାନ୍ୱୟରେ ଦୁଇଟି କିମ୍ବା ତିନୋଟି ଚିତ୍ର ଅଙ୍କନ କର । ଯାହା ପ୍ରଥମରେ, ଦ୍ୱିତୀୟରେ ଓ ତାହାପରେ ଏହିପରି ଭାବରେ କିପରି ଆକାରର ପରିବର୍ତ୍ତନ ହେଉଛି (ଚିତ୍ରରେ ଦିଆଯାଇଥିବା ପରି) ଦେଖ ।



**ଅଭ୍ୟାସ କାର୍ଯ୍ୟ :** ଏହିପରି ତୁମ ଚାରିପାଖରେ ଦେଖାଯାଉଥିବା କେତେକ ପଶୁ, ପକ୍ଷୀ, କୀଟ ଓ ପତଙ୍ଗମାନଙ୍କ ଚିତ୍ର ଅଙ୍କନ କରି ରଙ୍ଗ ଦିଅ ।

## କ୍ରିୟାକଳାପ-୨ ମୁଁ ଓ ଜୀବଜନ୍ତୁ

ତୁମେ ତୁମ ଦଳରେ କିପରି ଗୋଟିଏ ମୁଖା ତିଆରି କରିବ ଆଲୋଚନା କର ।

**ସୋପାନ-୧**

ନିଜ ମନ ପସନ୍ଦର ଏକ ପଶୁକୁ ବାଛ ।

**ସୋପାନ-୨**

ଏହା ମୁହଁର ରୂପରେଖ, ଆକାର ଓ ରଙ୍ଗକୁ ଲକ୍ଷ୍ୟ କର ।

**ସୋପାନ-୩**

ତୁମ ମୁଖାରେ ପଶୁଟିର ଆଖି, ନାକ ଓ କାନ ଅଙ୍କନ କର ।


**ସୋପାନ-୪**

ସହଜରେ ମିଳୁଥିବା ଆବଶ୍ୟକ ସାମଗ୍ରୀ ଓ ଉପକରଣ ବ୍ୟବହାର କରି ମୁଖାଟିକୁ ତିଆରି କରି ରଙ୍ଗ ଦିଅ ।

**ଶିକ୍ଷକଙ୍କ ପାଇଁ**

ତିନିରୁ ଚାରିଜଣ ଶିଶୁଙ୍କୁ ନେଇ ସେମାନଙ୍କୁ ସେମାନଙ୍କ ପସନ୍ଦ ଅନୁସାରେ ସାମଗ୍ରୀ ଯୋଗାଇ ଦିଅ । ଯେପରି ସେମାନେ ପ୍ରତ୍ୟେକ ଦଳରେ ଗୋଟିଏ ଗୋଟିଏ ମୁଖା ତିଆରି କରିପାରିବେ ।





## କ୍ରିୟାକଳାପ-୩ ଜୀବଜନ୍ତୁଙ୍କ କ୍ରିୟାକଳାପ ଅଭିନୟ

ତୁମର ପଶୁମୁଖାଗୁଡ଼ିକୁ ତୁମେମାନେ ମୁହଁରେ ପିନ୍ଧ ।

- ପଶୁ ପରି ଜୀବନ୍ତ କାର୍ଯ୍ୟକଳାପର ଅଭିନୟ କର ।
- ପଶୁ ଭଳି ଚାଲ ଏବଂ ସେହିମାନଙ୍କ ଭଳି ଶବ୍ଦ କର ।
- ପଶୁମାନେ କିପରି ଖେଳନ୍ତି ?
- ପଶୁମାନେ କିପରି ଭାବବିନିମୟ କରନ୍ତି ?

ଦଳଗତ କାର୍ଯ୍ୟ ଭାବରେ ଜୀବଜନ୍ତୁମାନଙ୍କର ଗୋଟିଏ ଦିନର କାର୍ଯ୍ୟକଳାପକୁ ମନରେ କଳ୍ପନା କର ଓ ଜୀବଜନ୍ତୁଙ୍କ ଉପରେ ଗୋଟିଏ ଗପ ରଚନା କର । ତୁମ ମୁଖାଗୁଡ଼ିକ ମୁହଁରେ ଲଗାଅ ଓ ସେହି ଗପରେ ଅଭିନୟ କର । ଏହି କ୍ରିୟାକଳାପଟି ଏହି ପୁସ୍ତକର ନାଟ୍ୟ ବିଭାଗର ମଧ୍ୟ ଏକ ଅଂଶ ହେବ ।



## କ୍ରିୟାକଳାପ-୪ ବିଭିନ୍ନ ଆକୃତିକୁ ନେଇ ଜୀବଜନ୍ତୁଙ୍କ ଚିତ୍ର ଅଙ୍କନ

ଗୋଟିଏ ହାତୀର ତୁମେ କେଉଁ ଆକୃତିକୁ ଲକ୍ଷ୍ୟ କରୁଛ ? ଚିତ୍ର ଦେଖି ଅନୁମାନ କର।


ତୁମେ ଅନ୍ୟ ପଶୁମାନଙ୍କ ମଧ୍ୟରେ ଏହିପରି ଆକୃତିକୁ ଦେଖିଛ କି ?

ଚିତ୍ରରେ ପ୍ରଦତ୍ତ ବିଭିନ୍ନ ସୋପାନ ଦେଇ ଏହାର ଆକାର ଓ ପ୍ରତିରୂପ ଅଙ୍କନ କରି ରଙ୍ଗ ଦିଅ । ଏଥିପାଇଁ ପ୍ରଥମେ ଗୋଟିଏ ଛାୟାଚିତ୍ରର ଉଦାହରଣ ଦିଆଯାଇଛି । ବର୍ତ୍ତମାନ ଅନ୍ୟ ପ୍ରାଣୀ, କୀଟପତଙ୍ଗ, ସରୀସୃପ କିମ୍ବା ପକ୍ଷୀର ଚିତ୍ର ନିଜ ମନରୁ ଏହିପରି ଅଙ୍କନ କର।




**ସୋପାନ-୧**

ଆଖି ବନ୍ଦ କର ଏବଂ ଗୋଟିଏ ପଶୁର ଶରୀରକୁ ମନ ମଧ୍ୟରେ କଳ୍ପନା କର।



**ସୋପାନ-୨**

ବିଭିନ୍ନ ଆକୃତିକୁ ଭାବ ଯେ ଏହାର ଶରୀରର କେଉଁଠାରେ ଏହା ବ୍ୟବହାର କରିପାରିବ।



**ସୋପାନ-୩**

ପଶୁଟିକୁ ଅଙ୍କନ କର।


**ସୋପାନ-୪**


ରଙ୍ଗ ଦିଅ ।






ଉପରେ ପ୍ରଦତ୍ତ ଚିତ୍ର ପରି ବିଭିନ୍ନ ଆକାରକୁ ନେଇ ପକ୍ଷୀଟିର ଚିତ୍ର ଆଙ୍କ ଓ ରଙ୍ଗ ଦିଅ ।

ଉପର ଚିତ୍ରପରି ବିଭିନ୍ନ ଆକୃତି ନେଇ କୁକୁଡ଼ାର ଚିତ୍ର କର ।

ଉପର ଚିତ୍ରପରି ବିଭିନ୍ନ ଆକୃତିକୁ ନେଇ ଭାଲୁର ଚିତ୍ର କର ।

**କ୍ରିୟାକଳାପ-୫** **ଆସ, ପାଳିତ ପଶୁପକ୍ଷୀଙ୍କ ପାଇଁ ଘର ତିଆରି କରିବା ।**

ତୁମେ ଭାବ, ତୁମର ଗୋଟିଏ ପୋଷା ଜନ୍ତୁ ଅଛି । ସିଏ ପାଣିରେ, ମାଟିରେ, ମାଟି ତଳେ କିମ୍ବା ସବୁ ସ୍ଥାନରେ ରହିପାରେ । ତୁମ ପୋଷା ଜନ୍ତୁ (ପଶୁ ବା ପକ୍ଷୀର) ନାମକରଣ କର । ପ୍ରାକୃତିକ ପରିବେଶରୁ କିଛି ଜିନିଷ ବ୍ୟବହାର କରି ତାଙ୍କ ପାଇଁ ଗୋଟିଏ ଘର ତିଆରି କର । ତଳେ ତୁମ ପାଳିତ ପଶୁ ବା ପକ୍ଷୀ ପାଇଁ ତିଆରି କରିବାକୁ ଥିବା ଗୋଟିଏ ଘରର ଚିତ୍ର ଅଙ୍କନ କର ।



# ୪ ଆମ ଚାରିପଟରେ ଥିବା ମଣିଷ

ଆମ ଚାରିପାଖରେ ଥିବା ସମସ୍ତ ମଣିଷ ସ୍ୱତନ୍ତ୍ର ଅଟନ୍ତି । ଯେମିତିକି ଆମ ପରିବାରର ସଦସ୍ୟ, ଶିକ୍ଷକ ଏବଂ ସାଙ୍ଗସାଥୀ । ସେମାନଙ୍କ ନାକ, ଆଖି, କେଶ, ଚର୍ମ ଓ ମୁହଁ ସବୁ ଅଲଗାଅଲଗା ଦେଖାଯାଏ । ସେମାନେ ଭିନ୍ନଭିନ୍ନ ଅବସରରେ ଭିନ୍ନଭିନ୍ନ ସାମଗ୍ରୀରେ ତିଆରି ହୋଇଥିବା ପୋଷାକ ମଧ୍ୟ ପିନ୍ଧିଥାନ୍ତି ।





ଏହି ଅନୁଚ୍ଛେଦ ଶେଷରେ ତୁମେ ଲକ୍ଷ୍ୟ କରିବ ଯେ, ସେମାନଙ୍କର ଶାରୀରିକ ଗଠନ ମଧ୍ୟ ଭିନ୍ନଭିନ୍ନ ପ୍ରକାରର ହୋଇଥାଏ । ଚିତ୍ରରେ ଦିଆଯାଇଥିବା ପରି ବିଭିନ୍ନ ଗଠନର କଣ୍ଢେଇ ତିଆରି କରି ତୁମେ ନିଜେ ମଧ୍ୟ ସେମାନଙ୍କ ପାଇଁ ପୋଷାକ ବନାଇ (ସଜାଇ) ପାରିବ । ଯେଉଁଥିରେ ଭିନ୍ନଭିନ୍ନ କଳା ସାମଗ୍ରୀର ଉପାଦାନ ମଧ୍ୟ ବ୍ୟବହାର କରିବ, ଯାହାଦ୍ୱାରା ସେମାନେ ପରସ୍ପର ଠାରୁ ଭିନ୍ନ ଦେଖାଯିବେ ।



## କ୍ରିୟାକଳାପ-୧ ଆସ ପୋଷାକରେ ସଜେଇ ହେବା

ତୁମେ ସବୁ ସମୟରେ କ'ଣ ଗୋଟିଏ ପ୍ରକାରର ପୋଷାକ ପିନ୍ଧୁଛ ?

ତୁମେ କେଉଁକେଉଁ ପ୍ରକାରର ପୋଷାକ ପିନ୍ଧୁଛ ?

ତୁମ ପୋଷାକରେ ଥିବା କିଛି ଚିତ୍ରର ନମୁନା / ଢାଞ୍ଚା ସବୁକୁ ଲକ୍ଷ୍ୟ କରିଛ କି ?

ପୃଷ୍ଠା ଡାହାଣପଟେ ତୁମେ ନିଜେ ନିଜ ପସନ୍ଦରେ ପିନ୍ଧୁଥିବା ଗୋଟିଏ ପୋଷାକର ଚିତ୍ର ଅଙ୍କନ କର । ସେଥିରେ ରଙ୍ଗ ଦିଅ ଓ ନିଜ ପସନ୍ଦ ଅନୁସାରେ ନମୁନା ନେଇ **ଚିତ୍ର ବିଚିତ୍ର କର** । ନମୁନା ତିଆରି କରିବା ସମୟରେ ବିଭିନ୍ନ ପ୍ରକାର ଆକୃତି, ଗାର ଓ ବିନ୍ଦୁ ବ୍ୟବହାର କର ।

ଗୋଟିଏ ପୋଷାକର ଚିତ୍ର ଅଙ୍କନ କର

**ମଜା କଥା**

ଯେତେବେଳେ ବିଭିନ୍ନ ଆକୃତିଗୁଡ଼ିକୁ ବାରମ୍ବାର ଅଙ୍କାଯାଏ, ସେହିଗୁଡ଼ିକ ଆପେଆପେ ଏକ ଢାଞ୍ଚାରେ ପରିଣତ ହୁଏ ।

## କ୍ରିୟାକଳାପ-୨ କେତେବେଳେ କ'ଣ ପିନ୍ଧିବାକୁ ଭଲପାଅ ?

ତୁମେ କ'ଣ ପିନ୍ଧିବ ? ଖାତାରେ ଆଙ୍କ ।

କିମ୍ବା,

ତୁମ ସମ୍ପର୍କୀୟ ଭାଇ/ଭଉଣୀଙ୍କ ବାହାଘରକୁ ଯାଉଛ । ତୁମେ କ'ଣ ପିନ୍ଧିବାକୁ ପସନ୍ଦ କରିବ ? ତୁମେ ଭାବ ଯେ ଗୋଟିଏ ପାରମ୍ପରିକ ପୋଷାକ ପିନ୍ଧିଛ ଏବଂ ଏହାକୁ ଅଙ୍କନ କର ।

କିମ୍ବା,

ଆଗାମୀ ଜନ୍ମଦିନ ଉତ୍ସବରେ ତୁମେ କ'ଣ ପିନ୍ଧିବ ? ଭାବ ଏବଂ ଏହାର ଚିତ୍ର ଅଙ୍କନ କର ।

## କ୍ରିୟାକଳାପ-୩ ମୁହଁଟିଏ ଆଙ୍କ

ଗୋଟିଏ ମୁହଁ ଆଙ୍କ ଏବଂ ଏହାର ଆଖି, କାନ, କେଶ, ନାକ, ଓଠ ଇତ୍ୟାଦି ସଠିକ୍ ସ୍ଥାନରେ ଅଙ୍କନ କର ଏବଂ ଏଥିରେ ଯେକୌଣସି ସାମଗ୍ରୀ ବ୍ୟବହାର କରି ଯେକୌଣସି ଶୈଳୀରେ ଅଙ୍କନ କର ।




ଚାଲୁରଖ - ଏହି ଚିତ୍ରପରି ଶରୀରର ଅନ୍ୟ ଅଂଶ କିମ୍ବା ଅଙ୍ଗ ପ୍ରତ୍ୟଙ୍ଗ ଯଥା ହାତ, ଆଙ୍ଗୁଠି, ପାଦ, ପାଦଆଙ୍ଗୁଠି କିମ୍ବା ତୁମମାନଙ୍କ କଳ୍ପନା ଅନୁଯାୟୀ ଅନ୍ୟ କିଛି ଆଙ୍କ ।

## କ୍ରିୟାକଳାପ-୪ ହାତର ଚିତ୍ର ଆଙ୍କ

ତୁମ ନିଜ ହାତ ଦେଖି ଅଙ୍କନ କର ।

ଜଣେ ବୟସ୍କଙ୍କ ହାତ ଦେଖି ଚିତ୍ର କର ।

# ୫ ପର୍ବପର୍ବାଣୀ ଏବଂ ଉତ୍ସବ

ଆମେ ବର୍ଷସାରା ବିଭିନ୍ନ ପର୍ବପର୍ବାଣୀ ଏବଂ ଉତ୍ସବ ପାଳନ କରୁ । ଏହା ଆମ ଘରକୁ ଆଲୋକିତ କରିବା ସହିତ ଆମ ହୃଦୟକୁ ଆନନ୍ଦ ପ୍ରଦାନ କରେ । ଆମେ ଏହି ଆନନ୍ଦକୁ ଅନେକ ଉପାୟରେ ପ୍ରକାଶ କରୁ । ଏଥିରେ ସୁସ୍ୱାଦୁ ଖାଦ୍ୟ, ଘର ସାଜସଜ୍ଜା, ସଙ୍ଗୀତ, ନୃତ୍ୟ, ସ୍ୱତନ୍ତ୍ର ପର୍ବପର୍ବାଣୀ ପୋଷାକ ଏବଂ ଲୋକମାନେ ଏକାଠି ହେବା ଇତ୍ୟାଦି ଅନ୍ତର୍ଭୁକ୍ତ ।









ଏହି ଅଧ୍ୟାୟର ଶେଷ ଭାଗରେ, ତୁମେ କିଛି ଚିତ୍ରକଳା ପରମ୍ପରା ସହିତ ପରିଚିତ ହେବ, ଯାହା ଏକ ଉତ୍ସବମୁଖର ପରିବେଶ ସୃଷ୍ଟି କରିବ । ଏଥିରେ ଚଟାଣରେ, ଝୋଟି ବା ମୁରୁଜ, କାନ୍ଥ ଚିତ୍ରଣ, ମାଳା, ତୋରଣ ଏବଂ ଚାନ୍ଦୁଆ ଅନ୍ତର୍ଭୁକ୍ତ ।

ଏହି ଅଧ୍ୟାୟରେ, ତୁମେ ତୁମମାନଙ୍କ ନିଜ ଘର ଏବଂ ପଡ଼ୋଶୀ ସମ୍ପ୍ରଦାୟମାନଙ୍କର ପାରମ୍ପରିକ କଳାକୁ ନେଇ କ୍ରିୟାକଳାପ କରିବ ।

**କ୍ରିୟାକଳାପ-୧** **ଚଟାଣ ଓ କାନ୍ଥ ଅଳଙ୍କରଣ ।**

ତୁମେ କେବେ ବିଭିନ୍ନ ପ୍ରକାରର କାନ୍ଥଚିତ୍ର କିମ୍ବା ଘରର ଚଟାଣରେ ଝୋଟି ଅଙ୍କନ ହୋଇଥିବା ଦେଖିଛ କି ?

କେଉଁଠାରେ ତୁମେ ଏହା ଦେଖିଛ ?

କେତେବେଳେ ଆମେ ଆମ ଘରର ଚଟାଣ ବା କାନ୍ଥର (ଚିତ୍ରଣ) ସାଜସଜ୍ଜା କରୁ ?

ତଳେ ଥିବା ସ୍ଥାନରେ ଗୋଟିଏ ଭୂମି ଅଳଙ୍କରଣ ଚିତ୍ର, ମୁରୁଜ ଓ ଝୋଟି ଚିତ୍ର ଅଙ୍କନ କର ।




______________________________


______________________________


| ଗୋଟିଏ ଝୋଟି ଚିତ୍ର ଅଙ୍କନ କର | ମୁରୁଜ ବ୍ୟବହାର କରି ରଙ୍ଗୋଲି ଅଙ୍କନ କର । |
| --- | --- |

ବିନ୍ଦୁ ଓ ରେଖା ଦ୍ୱାରା ମଧ୍ୟ ମୁରୁଜ ଅଙ୍କନ ହୋଇପାରିବ ।

ପାଖରେ ଥିବା ନମୁନାକୁ ଦେଖି ନିଜେ ରେଖା ଓ ବିନ୍ଦୁରେ ବିନ୍ଦୁକୁ ଯୋଡ଼ି ମୁରୁଜ ଆଙ୍କିବାକୁ ଚେଷ୍ଟା କର ।







**କ୍ରିୟାକଳାପ-୨** ସୂତାରେ ଗୁନ୍ଥା ଫୁଲଗୁଡ଼ିକର ଗୀତ ।

ଆମେ ବିଶେଷ ପର୍ବପର୍ବାଣୀ ପାଇଁ ଫୁଲ ଏବଂ ପତ୍ରକୁ ବ୍ୟବହାର କରି ମାଳ ତିଆରି କରୁ । ଆମେ ତୋରଣ ମଧ୍ୟ ତିଆରି କରୁ । ସେହିମାନଙ୍କର ରଙ୍ଗ ଏବଂ ସୁଗନ୍ଧ ଏହାକୁ ଉତ୍ସବ ମୁଖର କରିଥାଏ । ଲାଗେ, ଯେମିତି କି ସୂତାରେ ଗୁନ୍ଥା ଫୁଲଗୁଡ଼ିକ ଗୀତ ଗାଉଛନ୍ତି ।

ଆସ ତୁମେ ନିଜର ଫୁଲମାଳ ଏବଂ ତୋରଣ ତିଆରି କରିବ ! ତୁମେ ଫୁଲ, ପତ୍ର, କାଠି, କାଗଜ, ସୂତା, ମାଳି ଏବଂ ଅନ୍ୟାନ୍ୟ ସାମଗ୍ରୀ ବ୍ୟବହାର କରିପାରିବ ।

**ସୋପାନ-୧**

ତିନି ଫୁଟ ଲମ୍ବା କିମ୍ବା ତୁମ ଆଙ୍ଗୁଠିରୁ ବାହୁ ପର୍ଯ୍ୟନ୍ତ ଲମ୍ବା ସୂତାଟିଏ ନିଅ ।

**ସୋପାନ-୨**

କାଗଜ, ପତ୍ର, ଫୁଲ ଇତ୍ୟାଦି ସହିତ ଏକ ନମୁନା ତିଆରି କର ଏବଂ ସେହିଗୁଡ଼ିକୁ ସୂତାରେ ବାନ୍ଧି ଏକ ତୋରଣ ତିଆରି କର ।

**ସୋପାନ-୩**

ତୁମେ ତିଆରି କରିଥିବା ତୋରଣରେ ପ୍ରବେଶ ଦ୍ୱାରକୁ ସୁନ୍ଦର କରି ସଜାଅ ।

## କ୍ରିୟାକଳାପ-୩ ନିଜର ଏକ କାଗଜ ଲଣ୍ଠନ ତିଆରି କର ।

ତୁମେ ପୂର୍ବରୁ ଜାଲି ତିଆରି କରିସାରିଛ; ଏବେ ତୁମେ ଚିତ୍ରରେ ଦିଆଯାଇଥିବା ପରି କାଗଜର ଏକ ଲଣ୍ଠନ ମଧ୍ୟ ତିଆରି କରିପାରିବ । ତୁମକୁ କେବଳ କାଗଜରେ ଦୁଇଟି ଧାରକୁ ଯୋଡ଼ି, ଏକ ସିଲିଣ୍ଡର୍ ଭଳି ତିଆରି କରିବାକୁ ହେବ । ତୁମ କାଗଜ ଲଣ୍ଠନକୁ ଆକର୍ଷଣୀୟ କରିବା ପାଇଁ ବିଭିନ୍ନ ରଙ୍ଗର କାଗଜ ବ୍ୟବହାର କର ।



## କ୍ରିୟାକଳାପ-୪ ତୁମେ ନିଜର ମାଟି ଦୀପ ତିଆରି କର


ତୁମେ ପୂର୍ବରୁ ମାଟିରେ ବିଭିନ୍ନ ଜିନିଷ ତିଆରି କରିସାରିଛ ! ତୁମେ କ'ଣ କୌଣସି ମାଟିର ଦୀପ ତିଆରି କରିଛ ? ଚିତ୍ରକୁ ଦେଖି ମାଟିରେ ସେହିପରି ଦୀପ ତିଆରି କର ।

ତୁମେ କେତେ ପ୍ରକାର ଓ ଆକୃତିରେ ଦୀପ ତିଆରି କରିପାରିବ ? ତୁମ ତିଆରି ମାଟି ଦୀପକୁ ସୂର୍ଯ୍ୟକିରଣରେ ଶୁଖାଇ ଦିଅ ଏବଂ ତାହାପରେ ଏହାକୁ ରଙ୍ଗ କରି ବିଭିନ୍ନ ଡିଜାଇନ୍ କର ! ବଜାରରେ ମିଳୁଥିବା ଛୋଟଛୋଟ ଦର୍ପଣ, ଟେପ୍, ବିନ୍ଦି ଲଗାଇ ଏହାକୁ ସଜାଯାଇପାରିବ । ପ୍ରଥମେ ଗୋଟିଏ ତିଆରି କରିବାକୁ ଚେଷ୍ଟା କର !



## କ୍ରିୟାକଳାପ-୫ କାଗଜର ଗହଣା ତିଆରି କର ।

କାଗଜ, କଇଁଚି, ରଙ୍ଗ ଓ ଅଠା ବ୍ୟବହାର କରି ଗହଣା ତିଆରି କର । ଏହାଛଡ଼ା ଅଧିକ ସଜାଇବା ଲାଗି ନିଜ ପସନ୍ଦ ଅନୁସାରେ ଜିନିଷ ଲଗାଅ ।







**ସୋପାନ-୧**

ଦୁଇଟି କାଗଜର ପଟି କାଟି ନିଜ ହାତର ମଣିବନ୍ଧରେ ଗୁଡ଼ାଇ ପିନ୍ଧ ।

**ସୋପାନ-୨**

ଗୋଟିଏ କାଗଜ ପଟିକୁ ନିଜ ପସନ୍ଦର ଫୁଲର ରଙ୍ଗ ଅନୁସାରେ ରଙ୍ଗ ଦିଅ ।

**ସୋପାନ-୩**

ଆର କାଗଜ ପଟିକୁ ଅନ୍ୟ ଏକ ରଙ୍ଗରେ ରଙ୍ଗିନ୍ କର ।

**ସୋପାନ-୪**

ଏହି ମଣିବନ୍ଧ ଗହଣା ଦୁଇଟିକୁ ସଜାଇବା ପାଇଁ କିଛି ଆକୃତିର ନମୁନା ସବୁ ଅଙ୍କନ କର ଏବଂ ଅନ୍ୟାନ୍ୟ ଜିନିଷ ମଧ୍ୟ ଲଗାଅ ।

**ସୋପାନ-୫**

ମଣିବନ୍ଧରେ କାଗଜ ପଟିକୁ ଗୁଡ଼ାଅ ଓ ଅଠା ଦ୍ୱାରା ଦୁଇମୁଣ୍ଡକୁ ଯୋଡ଼ିଦିଅ ।

ତୁମ ମଣିବନ୍ଧ ଗହଣା (କଙ୍କଣ) ଏବେ ପ୍ରସ୍ତୁତ ହୋଇଗଲା ।

ବି.ଦ୍ର. : ଏବେ ଏହିପରି ଅନ୍ୟାନ୍ୟ ଗହଣା ମଧ୍ୟ ତିଆରି କରିପାରିବ । ପ୍ରାକୃତିକ ସାମଗ୍ରୀ ବ୍ୟବହାର କରି ସୁନ୍ଦରସୁନ୍ଦର ଗହଣା ତିଆରି କର । ସାଙ୍ଗସାଥିମାନଙ୍କ ସହ ଅଦଳ ବଦଳ କର ଓ ସେମାନଙ୍କୁ ଉପହାର ମଧ୍ୟ ଦିଅ ।

## ଓଡ଼ିଶାର କେତେଜଣ ଖ୍ୟାତନାମା ଶିଳ୍ପୀ



ଚିତ୍ରଶିଳ୍ପୀ
ବିଦ୍ୟାଧର ବର୍ମା



ଚିତ୍ରଶିଳ୍ପୀ
ଗୋପାଳ କାନୁନଗୋ



ଚିତ୍ରଶିଳ୍ପୀ
ବିଭୂତି କାନୁନ୍‌ଗୋ




ପଟ୍ଟ ଚିତ୍ରଶିଳ୍ପୀ
ଜଗନ୍ନାଥ ମହାପାତ୍ର




ଚିତ୍ରଶିଳ୍ପୀ
ମୁରଲୀଧର ଟାଲି



ଚିତ୍ରଶିଳ୍ପୀ
ଅଜିତ କେଶରୀ ରାୟ



ଚିତ୍ରଶିଳ୍ପୀ
ଡ. ଦୀନନାଥ



ଚିତ୍ରଶିଳ୍ପୀ
ଶିବ ପାଣିଗ୍ରାହୀ



ଭାସ୍କର୍ଯ୍ୟଶିଳ୍ପୀ
ରଘୁନାଥ ମହାପାତ୍ର

## ଆମ ଓଡ଼ିଶାର କଳାକୃତି



କୋଣାର୍କ ସୂର୍ଯ୍ୟ ମନ୍ଦିର



ଆଧୁନିକ ଚିତ୍ରକଳା



ଓଡ଼ିଶାର ପାରମ୍ପରିକ ପଟ୍ଟଚିତ୍ର



ଆଧୁନିକ ଭାସ୍କର୍ଯ୍ୟ



ଓଡ଼ିଶାର ଆଦିବାସୀ ଚିତ୍ର



ପ୍ରସିଦ୍ଧ ଡୋକ୍ରା କଳାକୃତି


## ଭାରତର କେତେଜଣ ଖ୍ୟାତନାମା ଚିତ୍ରଶିଳ୍ପୀ


ଚିତ୍ରଶିଳ୍ପୀ
ରାଜା ରବି ବର୍ମା



ଅମ୍ରିତା ଶେରଗିଲ୍



ଜାମିନୀ ରାୟ


ରବୀନ୍ଦ୍ରନାଥ ଠାକୁର


ଗଗନେନ୍ଦ୍ରନାଥ ଠାକୁର


ନନ୍ଦଲାଲ ବୋସ୍


ଯତୀନ ଦାସ



ଏମ୍.ଏଫ୍ ହୁସେନ୍


ଅଞ୍ଜଳୀ ଇଲା ମେନନ୍

## ଭାରତର ପ୍ରସିଦ୍ଧ ଚିତ୍ର ଓ ଭାସ୍କର୍ଯ୍ୟ କଳା


ଅଜନ୍ତାର ଭିତ୍ତିଚିତ୍ର


ଭାରତୀୟ ଲଘୁ ଚିତ୍ରକଳା


ବୁଦ୍ଧଦେବ


ଅଶୋକସ୍ତମ୍ଭ ଭାସ୍କର୍ଯ୍ୟ କଳା


ଆଧୁନିକ ଚିତ୍ରକଳା


ପ୍ରସିଦ୍ଧ ଆଧୁନିକ ଭାସ୍କର୍ଯ୍ୟ


ଖଜୁରାହୋ ମନ୍ଦିର ସ୍ଥାପତ୍ୟକଳା


ସଙ୍ଗୀତ

**ଶିକ୍ଷକମାନଙ୍କ ପାଇଁ ସୂଚନା :**



- ପିଲାମାନେ ଶ୍ରେଣୀଗୃହରେ ଯାହା ଶିଖିଲେ, ତାହାକୁ ଘରେ ଅଭ୍ୟାସ କରିବା ପାଇଁ ଉତ୍ସାହିତ କରିବେ।
- ପର୍ବପର୍ବାଣୀ ବା ଉତ୍ସବାନୁଷ୍ଠାନ ସମୟରେ ଘରେ ବୋଲାଯାଉଥିବା ଗୀତଗୁଡ଼ିକୁ ଗାଇବା ପାଇଁ ପିଲାମାନେ ଭଲପାଆନ୍ତି । ସେହି ଗୀତଗୁଡ଼ିକୁ ପିଲାମାନଙ୍କୁ ଶିଖିବା ପାଇଁ ଉତ୍ସାହିତ କରିବା ସହିତ ତାହାକୁ ଶ୍ରେଣୀ ଗୃହରେ ଗାଇବା ପାଇଁ ସୁଯୋଗ ଦିଅନ୍ତୁ।
- ଦୈନନ୍ଦିନ ଜୀବନରେ ପିଲାମାନେ ସଙ୍ଗୀତ ଶୁଣିବା ଓ ଗାଇବାର ଅନେକ ସୁଯୋଗ ଥାଏ। ଉଦାହରଣ ସ୍ୱରୂପ- ଶ୍ରେଣୀ କକ୍ଷରେ, ବିଦ୍ୟାଳୟ ସଂସଦସଭାରେ, ପ୍ରାର୍ଥନା ସଭାରେ, ବିଦ୍ୟାଳୟରେ ଘଣ୍ଟି ବଜାଇବା ପରିବର୍ତ୍ତେ ଏକାଠି ହୋଇ ସୁମଧୁର ସଙ୍ଗୀତ ଶୁଣାଇବେ।
- ଆମ ଦେଶ, ରାଜ୍ୟ ତଥା ବିଭିନ୍ନ ଅଞ୍ଚଳର ବିଭିନ୍ନ ଶୈଳୀର ସଙ୍ଗୀତକୁ ଏକତ୍ରିତ ହୋଇ ଶୁଣନ୍ତୁ ଏବଂ ସେଥିରେ ବ୍ୟବହୃତ ବିଭିନ୍ନ ସ୍ୱର, ବାଦ୍ୟଯନ୍ତ୍ର, ଭାଷା ଓ ସେହିଗୁଡ଼ିକର ଶୈଳୀ ବିଷୟରେ ପିଲାମାନଙ୍କ ସହିତ କଥା ହୁଅନ୍ତୁ।
- ବହିରେ ଥିବା ଏହି ବିଭାଗରେ ବିଭିନ୍ନ ପ୍ରକାର କ୍ରିୟାକଳାପଗୁଡ଼ିକ ଦିଆଯାଇଛି । ଆପଣ ଖୋଲା ମନରେ ଚିନ୍ତାକରି ନିଜସ୍ୱ କ୍ରିୟାକଳାପ ଓ ବିବିଧତାକୁ ତାହା ସହିତ ଯୋଡ଼ନ୍ତୁ, ଫଳତଃ ଆପଣଙ୍କ ଶିକ୍ଷାଦାନ ଅଧିକ ପ୍ରେରଣାଦାୟୀ ହୋଇପାରିବ।
- ଶିକ୍ଷକମାନେ ପିଲାମାନଙ୍କ ସଙ୍ଗୀତର ବିକାଶ ଦିଗରେ ନିଜ ଅଞ୍ଚଳ ଓ ବିଭିନ୍ନ ସମ୍ପ୍ରଦାୟର କଳାକାର, ପିତାମାତା ଓ ଅନ୍ୟାନ୍ୟ ଶିକ୍ଷକମାନଙ୍କ ସହାୟତାର ସୁଯୋଗ ସୁନିଶ୍ଚିତ ନେବେ।

# ୬ ଆମ ଜାତୀୟ ସଙ୍ଗୀତ

**କ୍ରିୟାକଳାପ-୧** ଆସ ଜାତୀୟ ସଙ୍ଗୀତ ଗାଇବା



ଗୀତ

ଜନ-ଗଣ-ମନ ଅଧିନାୟକ ଜୟ ହେ,
ଭାରତ ଭାଗ୍ୟ ବିଧାତା ।
ପଞ୍ଜାବ ସିନ୍ଧୁ ଗୁଜୁରାଟ ମରାଠା,
ଦ୍ରାବିଡ଼ ଉତ୍କଳ ବଙ୍ଗ
ବିନ୍ଧ୍ୟ ହିମାଚଳ ଯମୁନା ଗଙ୍ଗା,
ଉଚ୍ଛଳ ଜଳଧିତ ରଙ୍ଗ
ତବ ଶୁଭ ନାମେ ଜାଗେ,
ତବ ଶୁଭ ଆଶିଷ ମାଗେ,
ଗାଏ ତବ ଜୟ ଗାଥା,
ଜନଗଣ ମଙ୍ଗଳ ଦାୟକ ଜୟ ହେ,
ଭାରତ ଭାଗ୍ୟ ବିଧାତା ।
ଜୟ ହେ, ଜୟ ହେ, ଜୟ ହେ,
ଜୟ ଜୟ ଜୟ ଜୟ ହେ ।

ରଚୟିତା - **ରବିନ୍ଦ୍ରନାଥ ଠାକୁର**

**ତୁମେ ଜାଣ କି ?**

ପ୍ରତ୍ୟେକ ଦେଶର ଗୋଟିଏ ଜାତୀୟ ସଙ୍ଗୀତ ରହିଛି ଯାହା ପ୍ରତ୍ୟେକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମରେ ଗାନ କରାଯାଇଥାଏ । ଯେତେବେଳେ ଏହା ଗାନ କରାଯାଏ, ଦେଶ ପ୍ରତି ସମ୍ମାନ ଜଣାଇବା ଉଦ୍ଦେଶ୍ୟରେ ଆମେ ନିଶ୍ଚିତ ଠିଆ ହେବା ।

ଜାତୀୟ ସଙ୍ଗୀତ ଗାନ କରୁଥିବା ବେଳେ ତୁମେ କିପରି ଅନୁଭବ କରୁଛ ?

ତୁମ ବିଦ୍ୟାଳୟର ପ୍ରାର୍ଥନା କିମ୍ବା ଗୀତକୁ ଶୁଣ ଏବଂ ଗାଅ ।


ଏହି ଗୀତ ପରି ତୁମେ ଆଉ କେଉଁ ଗୀତ ସହିତ ପରିଚିତ ଅଛ ?

## କ୍ରିୟାକଳାପ-୨ ଧ୍ୱନି ଏବଂ ସଙ୍ଗୀତ





ଆମ ଚାରିପାଖରେ ବିଭିନ୍ନ ପ୍ରକାରର ଧ୍ୱନି ଆମେ ଶୁଣିଥାଉ । ଯେପରି,



ବର୍ଷାର ଧ୍ୱନି, ପକ୍ଷୀମାନଙ୍କ ସ୍ୱର, ଗତିଶୀଳ ରେଳଗାଡ଼ିର ଧ୍ୱନି, ଗାଈର ହମ୍ବା ରଡ଼ି, ଶୁଖିଲା ପତ୍ରର ଖସ୍‌ଖସ୍ ଶବ୍ଦ, ମନ୍ଦିର ଘଣ୍ଟିର ଧ୍ୱନି, ବିଭିନ୍ନ ସ୍ଥାନରେ ହେଉଥିବା ପୂଜା ଓ ପ୍ରାର୍ଥନାର ଧ୍ୱନି, ବିଭିନ୍ନ ପ୍ରକାର ବାଜା ଯେପରିକି ମର୍ଦ୍ଦଳ, ଢୋଲ, ମୃଦଙ୍ଗ, ଗିନି, ଝାଞ୍ଜ, ତାସା ଓ ନିସାନ ଇତ୍ୟାଦି ।

ତୁମେ ଲକ୍ଷ୍ୟ କରିଛ କି, ସେହିଗୁଡ଼ିକର ଗୋଟିଏ ଗୋଟିଏ ସ୍ୱତନ୍ତ୍ର ଧ୍ୱନି ଅଛି ?

ତୁମ ଚାରିପାଖରେ ଶୁଣାଯାଉଥିବା ବିଭିନ୍ନ ପ୍ରକାର ଧ୍ୱନି ବିଷୟରେ ଭାବ ଓ ସେହିଗୁଡ଼ିକ ନିମ୍ନରେ ଥିବା ଖାଲି ସ୍ଥାନରେ ଲେଖ ।

**ଲେଖ**

.................................................................................................

.................................................................................................

.................................................................................................

.................................................................................................

.................................................................................................

**ତୁମେ ଜାଣିଛ ?**

ଏମିତି କିଛି ସୁମଧୁର ଧ୍ୱନି ଅଛି ଯାହା ସଙ୍ଗୀତ ସୃଷ୍ଟି କରିଥାଏ । ତୁମେମାନେ ଏହା ଜାଣିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଯେ, କେଉଁ ଉପାଦାନଗୁଡ଼ିକ ସଙ୍ଗୀତରେ ସୁମଧୁର ଓ ତାଳ ସୃଷ୍ଟି କରି ଆମକୁ ଆନନ୍ଦ ଦେଇଥାଏ ।

# ୭ ତାଳକୁ ଅନୁଭବ କର



ସଙ୍ଗୀତରେ "ତାଳ" ହେଉଛି ଅତି ଗୁରୁତ୍ୱପୂର୍ଣ୍ଣ ।

ଘଡ଼ିର ଟିକ୍ ଟିକ୍ ଶବ୍ଦ, ନଳରୁ ପଡୁଥିବା ପାଣିବୁନ୍ଦାର ଟପ୍ ଟପ୍ ଶବ୍ଦ କିମ୍ବା ଚଢ଼େଇର କିଚିରି ମିଚିରି ଶବ୍ଦକୁ ନିରୀକ୍ଷଣ କର ।

- ତୁମ ଚାରିପାଖରେ କେଉଁଭଳି ଭାବରେ ନିୟମିତ ତାଳ ସୃଷ୍ଟି ହେଉଅଛି, ତାହା ଜାଣିବାକୁ ଚେଷ୍ଟା କର ?
- କେଉଁ ଧ୍ୱନିଗୁଡ଼ିକରେ ନିୟମିତ ତାଳ ସୃଷ୍ଟି ହୁଏ ନାହିଁ ? ତାହାହେଲା ଗଛରୁ ଝଡୁଥିବା ପତ୍ର, ପ୍ରେସର କୁକର୍‌ର ଧ୍ୱନି, ଟ୍ରାଫିକ୍‌ରେ ଥିବା କାର୍‌ର ଧ୍ୱନିଗୁଡ଼ିକରେ କୌଣସି ନିୟମିତ ତାଳ ନ ଥାଏ ।

ତୁମେ ନିୟମିତ ଧ୍ୱନିକୁ ପସନ୍ଦ କରୁଛ ନା ଅନିୟମିତ ଧ୍ୱନିକୁ ? ଏହାକୁ ଭାବ ଓ ପ୍ରତ୍ୟେକରୁ କିଛି ଉଦାହରଣ ଦିଅ ।

## କ୍ରିୟାକଳାପ-୧ ତା, କ, ତା, କି, ତା

ତଳେ ଦିଆଯାଇଥିବା ବିଭିନ୍ନ ହାତ ଓ ପାଦର କ୍ରିୟାକଳାପ କରି (ତାଳି ମାରିବା, ଚୁଟ୍‌କି ମାରିବା, ପାଦ ବାଡ଼େଇବା ଓ ପାଦ ଘଷିବା) ସେହିପରି ଚେଷ୍ଟା କର ।
ଏହିପରି ଚାରୋଟି ମାତ୍ରାକୁ ନେଇ ଆହୁରି ଅନେକ ତାଳ ସୃଷ୍ଟି କର ଏବଂ ମଜା ନିଅ ।

| | | | | |
|---|---|---|---|---|
| ୧ |  |  |  |  |
| ୨ |  |  |  |  |
| ୩ |  |  |  |  |

**ତୁମେ ଜାଣିଛ କି?**

**ନିୟମିତ ତାଳର ଧ୍ୱନି :** ଯେଉଁ ତାଳର ଧ୍ୱନିକୁ ଆମେ ଏକ ନିର୍ଦ୍ଦିଷ୍ଟ ସମୟର ବ୍ୟବଧାନ ଅନୁସାରେ ଶୁଣିଥାଉ ।

**ଅନିୟମିତ ଧ୍ୱନି :** ଯେଉଁ ଧ୍ୱନିଗୁଡ଼ିକ ନିର୍ଦ୍ଦିଷ୍ଟ ସମୟର ବ୍ୟବଧାନରେ ସଙ୍ଗଠିତ ହୋଇ ନ ଥାଏ । କୌଣସି ଏକ ଗୀତ ଶୁଣିବା ବେଳେ ସେଥିରେ ବିଭିନ୍ନ ବାଦ୍ୟଯନ୍ତ୍ର ବାଜୁଥିବା ତୁମେମାନେ ଶୁଣିଥିବ । ଯାହା, ଗୀତର ଗତି ଅନୁସାରେ ଆରମ୍ଭ ହୋଇ ପୁଣି ଶେଷ ହୋଇଥାଏ । ଏହାକୁ ସଙ୍ଗୀତରେ (ତାଳର) ଲୟ ବୋଲି କୁହାଯାଏ ।

## କ୍ରିୟାକଳାପ-୨ କ୍ରିୟା ଏବଂ ପ୍ରତିକ୍ରିୟାର ପ୍ରଦର୍ଶନ

ଆମ ଶରୀରର ଅଙ୍ଗକୁ ବ୍ୟବହାର କରି ତାଳ ସୃଷ୍ଟି କରିବା । ଯେପରି,

- ତାଳି ମାରିବା
- ଚୁଟ୍‌କି ମାରିବା
- ପାଦକୁ ତଳେ ବାଡ଼େଇବା ।
- ପାଟିରୁ ଧ୍ୱନି ସୃଷ୍ଟି କରିବା ।

ଆସ, ଏହିଗୁଡ଼ିକୁ ସଂଖ୍ୟାରେ ସୂଚିତ କରିବା ।

ତାଳି - ୧

ଚୁଟ୍‌କି - ୨

ପାଦବାଡ଼େଇବା - ୩

ପାଟିରେ ଧ୍ୱନି ସୃଷ୍ଟି କରିବା - ୪

ତୁମ ଶରୀରର ଅଙ୍ଗକୁ ବ୍ୟବହାର କରି ଏହିପରି ଭାବରେ ତୁମେ ନିଜ ମନରୁ ବିଭନ୍ନ ତାଳର ଶୈଳୀ ସୃଷ୍ଟି କର । ଯେଉଁ ତାଳଗୁଡ଼ିକୁ ତୁମେମାନେ ସୃଷ୍ଟି କଲ ତାହାକୁ ନିଜ ସାଙ୍ଗମାନଙ୍କ ସହିତ ମିଶି ଅଭ୍ୟାସ କର ।

| | | | | |
|---|---|---|---|---|
| କ | ୧ | ୨ | ୩ | ୪ |
| ଖ | ୨ | ୩ | ୧ | ୪ |
| ଗ | | | | |
| ଘ | | | | |
| ଙ | | | | |
| ଚ | | | | |
| ଛ | | | | |
| ଜ | | | | |

## କ୍ରିୟାକଳାପ-୩ ଆସ, ଶୁଣିବା ଏବଂ ଶିଖିବା

ଆସ, ବିଶ୍ୱର ବିଭିନ୍ନ ସ୍ଥାନରେ ଓ ବିଭିନ୍ନ ଭାଷାରେ ଗାନ କରାଯାଉଥିବା ଏହି ଲୋକପ୍ରିୟ ସଙ୍ଗୀତଟିକୁ ଶିଖିବା । ଏଠାରେ ଏହି ଗୀତଟିକୁ ଇଂରାଜୀ, ହିନ୍ଦୀ ଏବଂ ଓଡ଼ିଆ ଭାଷାରେ କ୍ରମାନ୍ୱୟରେ ଲେଖା ଯାଇଅଛି ।

### ହମ୍ ହୋଙ୍ଗେ କାମୟାବ୍ (ହିନ୍ଦୀ)

ହମ୍ ହୋଙ୍ଗେ କାମୟାବ୍
ହମ୍ ହୋଙ୍ଗେ କାମୟାବ୍
ହମ୍ ହୋଙ୍ଗେ କାମୟାବ୍ ଏକ୍ ଦିନ୍,
ହୋ ହୋ ମନ୍ ମେ ହେ ବିଶ୍ୱାସ୍,
ପୁରା ହେ ବିଶ୍ୱାସ୍,
ହମ୍ ହୋଁଙ୍ଗେ କାମୟାବ୍ ଏକଦିନ୍



### English

We shall overcome,
We shall overcome,
We shall overcome someday.
Oh, deep in my heart,
I do believe,
That we shall overcome some day.

### ଓଡ଼ିଆ

ଆମେ ହେବା ବିଜୟୀ,
ଆମେ ହେବା ବିଜୟୀ,
ଆମେ ହେବା ବିଜୟୀ ଯେ ଦିନେ,
ହୋ ହୋ ମନରେ ଅଛି ବିଶ୍ୱାସ,
ଅଛି ଏହି ବିଶ୍ୱାସ,
ଆମେ ହେବା ବିଜୟୀ,
ଯେ ଦିନେ ।

## କ୍ରିୟାକଳାପ-୪ ବାଦ୍ୟଯନ୍ତ୍ର ସହିତ ତାଳ ବାଦନ ଶିଖିବା

ତୁମ ନିଜ ପସନ୍ଦର ଏକ ଗୀତରେ ତାଳ କିପରି ବାଜୁଛି ଲକ୍ଷ୍ୟ କର ଏବଂ ସେହିଭଳି ଭାବରେ ତୁମେ ବଜେଇବାକୁ ଚେଷ୍ଟା କର ।

ଦାସକାଠିଆ, ଗିନି, ଝାଞ୍ଜ, ଖଞ୍ଜଣୀ, ଝୁମୁକା, ଦାଣ୍ଡିଆ ବାଡ଼ି ସହିତ ତୁମେ ତାଳ ପକେଇ ପାରିବ କି ?

ତୁମେ ଏହି ବାଦ୍ୟଯନ୍ତ୍ରଗୁଡ଼ିକ ସହିତ ଉପଯୁକ୍ତ ତାଳ ବଜାଇ ତାହାର ମଜା ନେଇପାରିବ ।

**ତୁମେ ଜାଣିଛ କି?**

ତାଳ ସମ୍ପର୍କିତ ସୂଚନା ପ୍ରଥମେ ସାମବେଦରୁ ହିଁ ମିଳିଥିଲା । ଷୋଡ଼ଶ ଶତାବ୍ଦୀ ପର୍ଯ୍ୟନ୍ତ ଉତ୍ତର ଭାରତ ଓ ଦକ୍ଷିଣ ଭାରତୀୟ ସଙ୍ଗୀତରେ ବ୍ୟବହୃତ ତାଳରେ କୌଣସି ବିଶେଷ ପାର୍ଥକ୍ୟ ନ ଥିଲା ।

## କ୍ରିୟାକଳାପ-୫ ତୁମର ଶରୀରର ବିଭିନ୍ନ ଅଙ୍ଗକୁ ବ୍ୟବହାର କରି ତାଳ ଶିଖ ।

ପାପୁଲିରେ ତାଳି ମାରିବା କିମ୍ବା ପାଦକୁ ତଳେ ବାଡ଼େଇ ଗଣିବା ।

(ଆରମ୍ଭ କର ଏକ ସମୟରେ ଗୋଟିଏ ଅଙ୍ଗ ବ୍ୟବହାର କରିବା) । ତାଳ ଚାଲୁ ରହିବା ପାଇଁ ବିଭିନ୍ନ ପ୍ରକାରର ତାଳି ଅଭ୍ୟାସ – ବାମ ପାର୍ଶ୍ୱରେ, ଦକ୍ଷିଣ ପାର୍ଶ୍ୱରେ ମୁଣ୍ଡ ଉପରେ କିମ୍ବା ନୀରବରେ ।

**ଉଦାହରଣ –** ୧, ୨, ୩, ତାଳି ବଜାଅ, ୫, ୬, ୭, ତାଳି ବଜାଅ
୧, ୨, ୩, ଦକ୍ଷିଣ ପାର୍ଶ୍ୱରେ ୫, ୬, ୭, ବାମ ପାର୍ଶ୍ୱରେ ୧, ୨, ୩, ମୁଣ୍ଡ ଉପର ପାର୍ଶ୍ୱରେ ୫, ୬, ୭, ନୀରବରେ ।

ତେଣୁ ତୁମେ ଅନୁଭବ କରୁଛ ଯେ, ଏହି ତାଳିମାରିବା ପଦ୍ଧତି ଆମକୁ ତାଳ ଶିଖିବାରେ ସାହାଯ୍ୟ କରେ । (୫ ମିନିଟ୍‌ରୁ ୧୦ ମିନିଟ୍ ଅଭ୍ୟାସ ପରେ)

ଏଥର ଆସ କିଛି ତବଲା ବାଦନର ବୋଲ୍ ସହିତ ଏହାକୁ ଯୋଡ଼ିବା ।

ଧା, ଗେ, ନା ତି (ପୁନରାବୃତ୍ତି) ତାଳିରେ ଏବଂ ଗଣିବାରେ ଅଭ୍ୟାସ । ତା’ପରେ ନା, କ, ଧି, ନା ଗଣିବାରେ ଅଭ୍ୟାସ କରିବା ।

ତବଲା ବାଦ୍ୟର ବୋଲ୍ ସହିତ ଧା, ଗେ, ନା, ତି, ନା, କ, ଧି, ନା କୁ କହରୱା ତାଳ କୁହାଯାଏ ।

**ଯେପରିକି -ତା କ ଧି, ମି - ତା କ ଝେ, ଣୁ (ଆଦିତାଳ)**

ଆସ, ତାଳିମାରି, ଗୀତ ଗାଇବା ଓ ଆନନ୍ଦ ଉପଭୋଗ କରିବା ।

ଏହିପରି ଆଠଟି ଅକ୍ଷରକଳାକୁ ନେଇ (ଆଠ ମାତ୍ରା)

ଗଠିତ ତାଳକୁ କର୍ଣ୍ଣାଟକୀ ସଙ୍ଗୀତରେ “ଆଦି ତାଳ” କୁହାଯାଏ ।

## କ୍ରିୟାକଳାପ-୬ ଆସ ସଙ୍ଗୀତର ସ୍ୱର ଶୁଣିବା

ଭାରତୀୟ ଶାସ୍ତ୍ରୀୟ ସଙ୍ଗୀତ ଭଳି ବିଶ୍ୱର ଅନେକ ପ୍ରକାର ସଙ୍ଗୀତରେ ମଧ୍ୟ ସେହି ସାତଟି ସ୍ୱର ଅଛି ।

ସା, ରେ, ଗା, ମା, ପା, ଧା, ନି.......

ଉପରୋକ୍ତ ସ୍ୱର ଗାଇବା ପରେ 'ସା'କୁ ଉଚ୍ଚ ସ୍ୱରରେ ଗାଅ ।

ଏହି ସାତଗୋଟି ସ୍ୱରର ସ୍ଥାନକୁ 'ସପ୍ତକ' କୁହାଯାଏ ।

ଆସ, ଏହି ସାତଟି ସ୍ୱରକୁ ବାରମ୍ବାର ଗାଇବା ଓ ଅଭ୍ୟାସ କରିବା ।

ଉପରକୁ (ଆରୋହ)ରେ ଯିବା ଓ ତଳକୁ (ଅବରୋହ)ରେ ଆସିବା ଅଭ୍ୟାସ କର ।

ଯେପରି– ଆରୋହ :- ସା ରେ ଗା ମା ପା ଧା ନି ସାଂ ।

ଅବରୋହ :- ସାଂ ନି ଧା ପା ମା ଗା ରେ ସା ।



### ତୁମେ ଜାଣିଛ କି?

ଭରତ ମୁନିଙ୍କ ଲିଖିତ "ନାଟ୍ୟଶାସ୍ତ୍ର" ଭାରତର ଏକ ପୁରାତନ ଶାସ୍ତ୍ର । ଏଥିରେ ସଙ୍ଗୀତ, ନୃତ୍ୟ ଓ ନାଟକ ବିଷୟରେ ଉଲ୍ଲେଖ ଅଛି । ଏହି 'ନାଟ୍ୟଶାସ୍ତ୍ର' ପ୍ରତ୍ୟେକ ସ୍ୱର ଓ ସଙ୍ଗୀତର ବିଭିନ୍ନ ଆବେଗ ସହ ଜଡ଼ିତ ଥିବା କୁହାଯାଇଛି । ଏହାର ଅର୍ଥ ତୁମେ ଯେଉଁ ସଙ୍ଗୀତ ଗାଉଛ ବା ବାଦନ କରୁଛ ତାହା ମନରେ ଭିନ୍ନ ଭିନ୍ନ ଭାବନା ତିଆରି କରିପାରେ । ଅବଶ୍ୟ ତାହା ତୁମେ ବ୍ୟବହାର କରୁଥିବା ସ୍ୱରର ଗାୟନ ବା ବାଦନ ଶୈଳୀ ଉପରେ ନିର୍ଭର କରେ ।

## କ୍ରିୟାକଳାପ-୭ ମୁଣ୍ଡ, କାନ୍ଧ, ଆଣ୍ଠୁ ଓ ପାଦ ଆଙ୍ଗୁଠିକୁ ବ୍ୟବହାର କରି ଗୀତ ଗାଇବା ।



ଆସ ପିଲାମାନେ,

ଗୋଟିଏ ମଜାଳିଆ କ୍ରିୟାକଳାପ କରିବା । ତୁମେ ଗୀତ ଗାଇଲା ବେଳେ ତୁମ ମୁଣ୍ଡ, କାନ୍ଧ, ଆଣ୍ଠୁ ଓ ପାଦଆଙ୍ଗୁଠିକୁ ସ୍ପର୍ଶ କର । ଏହା ତୁମକୁ ତୁମର ଓଡ଼ିଆ ଭାଷା ସହିତ ପରିଚିତ କରିବା ସହିତ ତୁମର ସଙ୍ଗୀତ ଦକ୍ଷତା ବୃଦ୍ଧିକରିବାରେ ମଧ୍ୟ ସହଯୋଗ କରିବ ।

**ଗୀତ**

ମୁଣ୍ଡ, କାନ୍ଧ, ଆଣ୍ଠୁ ଓ ପାଦଆଙ୍ଗୁଠି ।
ମୁଣ୍ଡ, କାନ୍ଧ, ଆଣ୍ଠୁ ଓ ପାଦଆଙ୍ଗୁଠି ।
ଆଣ୍ଠୁ ଓ ପାଦଆଙ୍ଗୁଠି ।
ଏବଂ ଆଖି ଆଉ କାନ ଏବଂ ପାଟି ଆଉ ନାକ ।
ମୁଣ୍ଡ, କାନ୍ଧ, ଆଣ୍ଠୁ ଏବଂ ପାଦଆଙ୍ଗୁଠି,
ଆଣ୍ଠୁ ଏବଂ ପାଦଆଙ୍ଗୁଠି ।

**ତୁମେ ଜାଣିଛ କି?**

"ଲୟ" ସଙ୍ଗୀତରେ ତାଳ ଓ ଗୀତର ଗତିକୁ ବୁଝାଏ । ଏହା ତୁମର ହୃଦ୍ ସ୍ପନ୍ଦନ ଗତି ପରି ସ୍ଥିର ଅଟେ । ଠିକ୍ ଯେପରି ଦୌଡ଼ିବା ସମୟରେ ଆମର ହୃତ୍ ସ୍ପନ୍ଦନ ବଢ଼ିଥାଏ ଏବଂ ଶୋଇବା ବେଳେ କମିଯାଏ । "ଲୟ" ସେହିଭଳି ବିଭିନ୍ନ ରଚନାର ଗାୟନ ବାଦନ ପାଇଁ ଭିନ୍ନ ଭିନ୍ନ ହୋଇଥାଏ ।

**ଇଂରାଜୀ ଅନୁବାଦ**

Heads, shoulders, knees and toes, let's go
Heads, shoulders, knees and toes, knees and toes
And eyes and ears and a mouth and a nose.
Heads, shoulders, knees and toes, knees and toes.



ଏବେ ତୁମେ ଜାଣ କିପରି ଏହି ଗୀତକୁ ଗାଇବ ଏବଂ ଏହାର କ୍ରିୟାକଳାପ ଦୁଇଟି ଭାଷାରେ କରିବ । ତୁମେ ଜାଣିଥିବା ଅନ୍ୟ ଏକ ଭାଷାରେ ଏହି କ୍ରିୟା କରିପାରିବ କି ? ଉପରୋକ୍ତ ଗୀତଟିକୁ ବିଭିନ୍ନ ଲୟ/(ବେଗ) ଯଥା- ବିଳମ୍ବିତ, ମଧ୍ୟ ଓ ଦ୍ରୁତ ଲୟରେ ଗାଇବାକୁ ଚେଷ୍ଟା କର ।

## କ୍ରିୟାକଳାପ-୮ ଏକ ଜନ୍ମ ଦିନର ଗୀତ

**ପ୍ରତ୍ୟେକଙ୍କ ପାଇଁ ନିଜର ଜନ୍ମଦିନ ଗୁରୁତ୍ୱପୂର୍ଣ୍ଣ । ଆସ ଏହି ଜନ୍ମଦିନର ଗୀତ ଶିଖିବା ।**

**ଗୀତ :**



ଜନ୍ମ ଦିନ ମିଦମ୍ ଅୟି ପ୍ରିୟ ସଖେ
ଶନ୍ତନୋତୁ ତେ ସର୍ବଦା ମୁଦମ୍ ॥ ୧ ॥
ପ୍ରାର୍ଥୟାମହେ ଭବ ଶତାୟୁଷୀ
ଈଶ୍ୱର ସଦା ତ୍ୱାମ୍ ଚ ରକ୍ଷତୁ ॥ ୨ ॥
ପୁଣ୍ୟ କର୍ମଣା କୀର୍ତ୍ତିମର୍ଜୟ
ଜୀବନଂ ତବ ଭବତୁ ସାର୍ଥକମ୍ ॥ ୩ ॥

**ଗୀତିକାର - ସ୍ୱାମୀ ତେଜୋମୟାନନ୍ଦ,**
**ଭାଷା - ସଂସ୍କୃତ ।**

**ଶିକ୍ଷକଙ୍କ ପାଇଁ**

ଶ୍ରେଣୀ ଗୃହରେ ଜଣେ ଶିକ୍ଷାର୍ଥୀର ଜନ୍ମଦିନ ପାଳନ କରନ୍ତୁ । ନାଚ ସହିତ ଗୋଟିଏ ଗୀତ ବୋଲନ୍ତୁ ଏବଂ ଶୁଭେଚ୍ଛା ଜଣାଇବା ପାଇଁ କାର୍ଡ଼ ତିଆରି କରନ୍ତୁ । ଏହି କ୍ରିୟାକଳାପ ସ୍ୱଭାବିକ ଭାବରେ କଳାକୁ ପରସ୍ପର ସହିତ ସଂଯୋଗ କରିବ ।

**ଅର୍ଥ -**

ପ୍ରିୟ ସାଙ୍ଗମାନେ, ଜନ୍ମଦିନର ଶୁଭେଚ୍ଛା । ଏହା ତୁମପାଇଁ ଖୁସି ଏବଂ ଅନେକ ଭଲ ବାର୍ତ୍ତା ଆଣୁ । ତୁମର ସୁନ୍ଦର ସ୍ୱାସ୍ଥ୍ୟ ପାଇଁ ଆମେ ପ୍ରାର୍ଥନା କରୁଛୁ । ତୁମେ ଦୀର୍ଘଜୀବୀ ହୁଅ । ଈଶ୍ୱର ତୁମକୁ ସୁରକ୍ଷା ଦିଅନ୍ତୁ । ତୁମେ ତୁମ ଭଲ କର୍ମ ପାଇଁ ପରିଚିତ ହୁଅ । ତୁମ ଜୀବନର ଉଦ୍ଦେଶ୍ୟ ପୂର୍ଣ୍ଣ ହେଉ ।

ତୁମେ ତୁମ ମନ ପସନ୍ଦର ଗୀତିକାରମାନଙ୍କର ଗୀତ ଗାଇପାରିବ ଓ ହାତ ପାପୁଲି ବାଡ଼େଇ ତାଳ ମଧ୍ୟ ଦେଇପାରିବ କି ?

## କ୍ରିୟାକଳାପ-୯ ଏକ ଆକର୍ଷଣୀୟ ଗପ


ପ୍ରାଚୀନ ସଂସ୍କୃତ ପୁସ୍ତକ "ନାରଦୀୟ ଶିକ୍ଷା"ରେ ସଙ୍ଗୀତର ସ୍ୱରଗୁଡ଼ିକ ବିଭିନ୍ନ ପ୍ରକାର ପଶୁପକ୍ଷୀମାନଙ୍କର ଭାବରୁ ସୃଷ୍ଟି ହୋଇଥିବାର ଉଲ୍ଲେଖ ଅଛି । ଆସ, ସେଗୁଡ଼ିକୁ ଏଠାରେ ଜାଣିବା ।



**ଗୀତ :**

ରଙ୍ଗ ବେରଙ୍ଗର ମୟୂର ଲାଗି, 'ସା',
ବଳଶାଳୀ ବୃଷଭ ପାଇଁ 'ରେ' ।
ଚାରିଆଡ଼େ ଦୌଡୁଥିବା ଛେଳି ଲାଗି 'ଗା',
ଧଳା ସାରସ (ପକ୍ଷୀ ପାଇଁ) 'ମା' ।
ସୁନ୍ଦର ଓ ମଧୁର ସ୍ୱରରେ ଗାଉଥିବା କୋକିଳ ଲାଗି 'ପା',
ବହୁତ ଦୂର ପର୍ଯ୍ୟନ୍ତ ଦୌଡୁଥିବା ଘୋଡ଼ା ଲାଗି 'ଧା'
ବିଶାଳକାୟ ହାତୀ ପାଇଁ 'ନି' ।
ତାହା ଆମକୁ ପୂର୍ବ ପାଠକୁ ଫେରାଇ ନେଇ ଶିଖାଏ ଯେ,
ସା......
ସା ରେ ଗା ମା ପା ଧା ନି ସାଂ ପା ସାଂ
ସାଂ ନି ଧା ପା ମା ଗା ରେ ସା ପା ସାଂ





## କ୍ରିୟାକଳାପ-୧୦ ଜୀବଜନ୍ତୁ ଏବଂ ସେମାନଙ୍କର ସ୍ୱର


ତୁମ ଚାରିପାଖରେ ଥିବା ପଶୁପକ୍ଷୀ ମାନଙ୍କର ଉଚ୍ଚ ସ୍ୱର ଓ ନିମ୍ନ ସ୍ୱରକୁ ନକଲ କର ।

ତୁମ ଚାରିପଖରେ ଥିବା ପଶୁପକ୍ଷୀମାନଙ୍କର ସ୍ୱରକୁ ଶୁଣ ଓ ତାଲିକା କର । ସେହି ସ୍ୱରକୁ ତୁମର ପିତାମାତା ଓ ସାଙ୍ଗସାଥୀଙ୍କୁ ଶୁଣାଅ ।

ଟିପ୍ପଣୀ

## କ୍ରିୟାକଳାପ-୧୧ ସଙ୍ଗୀତର ଅଳଙ୍କାର (ସ୍ୱରର ଢାଞ୍ଚା) ତିଆରି କରିବା ।

ସଙ୍ଗୀତର ଅଳଙ୍କାର ଗୁଡ଼ିକ ଲେଖ । ଯେପରିକି ଇଟାଗୁଡ଼ିକୁ ନେଇ ଗୋଟିଏ କୋଠା ତିଆରି ହୋଇଛି । ପୂର୍ବରୁ ତୁମେ ଯେଉଁ ସପ୍ତସ୍ୱର ଶିଖିଛ ମନେ ରଖିଛ କି ? ଆସ ଶୁଣିବା ଏବଂ ଆଉଥରେ ଏକାଠି ଗାଇବା । ସେହିପରି କିଛି ଅଧିକ ସରଗମ୍ ବା ଅଳଙ୍କାର ଶିଖିବା । ଏହି "ଅଳଙ୍କାର" ଶବ୍ଦର ଅର୍ଥ ମଧ୍ୟ ସାଜସଜ୍ଜା ହୋଇପାରେ । ତୁମେ ଦେଖିବ ଏହା ସଙ୍ଗୀତକୁ କିପରି ସୁନ୍ଦର କରିବାରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରୁଛି ।



ଅରୋହ : ସାସା, ରେରେ, ଗାଗା, ମାମା, ପାପା, ଧାଧା, ନିନି, ସାଂସାଂ ॥

ଅବରୋହ : ସାଂସାଂ, ନିନି, ଧାଧା, ପାପା, ମାମା, ଗାଗା, ରେରେ, ସାସା ॥

ଅରୋହ : ସାରେଗା, ରେଗାମା, ଗାମାପା, ମାପାଧା, ପାଧାନି, ଧାନିସାଂ

ଅବରୋହ : ସାଂନିଧା, ନିଧାପା, ଧାପାମା, ପାମାଗା, ମାଗାରେ, ଗାରେସା

ତୁମକୁ ଦିଆଯାଇଥିବା ଅଳଙ୍କାର ଧାଡ଼ିଗୁଡ଼ିକରୁ କେଉଁ ଧାଡ଼ିଗୁଡ଼ିକ ସହଜ ଲାଗୁଛି ଓ ତୁମେ ତାହା ଗାନ କରିପାରୁଛ ?

ଯଦି ତୁମେ ଏହି ଅଳଙ୍କାରର ଧାଡ଼ିଗୁଡ଼ିକୁ ଗାନ କରିପାରୁ ନାହଁ ତେବେ ଭଲକରି ଅଭ୍ୟାସ କଲେ ତୁମେ ନିଶ୍ଚିତ ଗାଇପାରିବ ।

## କ୍ରିୟାକଳାପ-୧୨ ସଙ୍ଗୀତର ଅଳଙ୍କାର ଏବଂ ସରଗମ୍‌ଗୁଡ଼ିକୁ ଗାଅ ଓ ପୁନଃ ଅଭ୍ୟାସ କର

**ତୁମେ ଜାଣିଛ କି?**

ଆମେ 'ପିଚ୍'ର ଅର୍ଥ ସ୍ୱରର ଉଚ୍ଚତର ଓ ନିମ୍ନତର ଅବସ୍ଥାକୁ ବୁଝୁ । ଆମେ ସ୍ୱରର ଉଚ୍ଚତା ଓ ନିମ୍ନତମ ଅବସ୍ଥା ଜାଣିବା ପାଇଁ ତମ୍ବୁରା ବା ତାନପୁରା ନାମକ ବାଦ୍ୟଯନ୍ତ୍ର ବ୍ୟବହାର କରିଥାଉ । ତାନ୍‌ପୁରା ହେଉଛି ଲମ୍ବ ବେକଯୁକ୍ତ ତାର ବାଦ୍ୟଯନ୍ତ୍ର । କିନ୍ତୁ ଏକ ବୈଦ୍ୟୁତିକ ତାନ୍‌ପୁରା ଆପ ମଧ୍ୟ ଅଛି । ଯେତେବେଳେ ଭାରତୀୟ ସଙ୍ଗୀତ ଅଭ୍ୟାସ କରୁ ଏହା ଆମକୁ ଆମର କଣ୍ଠସ୍ୱରର ସ୍ୱର ସହ ମିଶାଇବାରେ ସାହାଯ୍ୟ କରେ ।



**ସ୍ୱର**

(୧) ସା ଗା ସା ଗା,
ସା ଗା ମା ଗା ରେ ସା
ରେ ଗା ରେ ଗା,
ରେ ଗା ପା ମା ଗା ରେ
ସା ସା ସା

ପାପୁଲିରେ ତାଳି ମାରି ଗାଅ ।

ଏହି ଶବ୍ଦଗୁଡ଼ିକୁ ନେଇ ତୁମେ ମଧ୍ୟ ଗାଇପାରିବ ।

ଆଓ ଗାଓ
ଖୁସିଆଁ ମନାଓ
ଗାଓ ଗାଓ
ସବ୍ ମିଲ୍‌କେ ଗାଓ ।

(୨) ଆସ ଆଉ ଗୋଟିଏ ସରଗମ୍ ବା ଅଳଙ୍କାର ଗାଇବା

ସା ସା ସା ରେ
ରେ ରେ ରେ ଗା
ଗା ଗା ଗା ମା
ମା ମା ମା ପା

ଶୂନ୍ୟସ୍ଥାନ ପୂରଣ କର ଓ ଗାଅ

____________________

____________________

ନି ନି ନି ସାଂ

(ସା ଉପରେ ଗୋଟିଏ ବିନ୍ଦୁ ଅଛି ଯାହାକି ଉଚ୍ଚ ସ୍ୱରରେ ଗାଇବାକୁ ସୂଚିତ କରିଥାଏ ।)

## କ୍ରିୟାକଳାପ-୧୩ ଆସ ତାଳ ବିଷୟରେ କିଛି ଶିଖିବା

ସଙ୍ଗୀତରେ କେତେକ ମାତ୍ରାକୁ ନେଇ ତାଳର ଗଠନ ହୁଏ । ସଙ୍ଗୀତରେ ତାଳ ମାଧ୍ୟମରେ ଗତିକୁ ନିୟନ୍ତ୍ରିତ କରାଯାଏ । ପ୍ରତ୍ୟେକ ତାଳରେ ନିର୍ଦ୍ଦିଷ୍ଟ ସଂଖ୍ୟକ ମାତ୍ରା ରହିଥାଏ ଏବଂ ତା'ର ପୁନରାବୃତ୍ତିକୁ ତାଳର ଆବର୍ତ୍ତନ କୁହାଯାଏ । ତୁମ୍ଭେମାନେ ଆଦି ତାଳ ବା କହରୱା ତାଳ ଶିଖିଥିଲ । ଆସ, ସେଗୁଡ଼ିକୁ ପୁଣି ଅଭ୍ୟାସ କରିବା । ଏବେ ଆଉ ଗୋଟିଏ ତାଳ ଅଭ୍ୟାସ କରିବା, ଯାହା ଛଅ ମାତ୍ରା ବିଶିଷ୍ଟ ଅଟେ ।

**ଧା ଧି ନା / ଧା ତୁ ନା**

ଏହି ତାଳର ନାମ ଦାଦରା । ଏହା ଉତ୍ତର ଭାରତୀୟ ସଙ୍ଗୀତ ପଦ୍ଧତି ହିନ୍ଦୁସ୍ଥାନୀ ସଙ୍ଗୀତରେ ବ୍ୟବହାର କରାଯାଏ । ଆମ ଓଡ଼ିଶୀ ସଙ୍ଗୀତ ପଦ୍ଧତିରେ ଏହି ତାଳକୁ 'ଖେମଟା' ତାଳ କୁହାଯାଏ । ଯଥା–

| | | | | | |
|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ |
| ଧା (×) | ଧିନା | କିଟା | ନା (୦) | ତିନା | କିଟା |

## କ୍ରିୟାକଳାପ-୧୪ ଆସ, ଏହି ଗୀତଟି ଶୁଣିବା ଏବଂ ଏହା ସହିତ ତାଳ ଦେଇ ଶିଖିବା



**ଗୀତ - ଦୀନବନ୍ଧୁ ଦଇତାରୀ** ଜଣାଣ

ଦୀନବନ୍ଧୁ ଦଇତାରୀ
ଦୁଃଖ ନ ଗଲା ମୋହରି
ହେଲ କି ନିଷ୍ଠୁର ଚିତ୍ତ
ନୀଳାଚଳେ ବିଜେ କରି
ଦୀନବନ୍ଧୁ ଦଇତାରୀ.... (ଘୋଷା)

ଲକ୍ଷେ ଯୋଜନରେ ଗଜ
ଡାକିଲା ହେ ଦେବରାଜ
ତା' ଡାକକୁ ଚତୁର୍ଭୁଜ
ଶୁଣିଛ ଶ୍ରବଣ ଡେରି । ୧ ।

ରଖ ବା ନ ରଖ ମୋତେ
ଶରଣ ତୋ ପାଦଗତେ
କହେ ବନମାଳୀ ଗୀତେ
ବସିଅଛି ଧ୍ୟାନ କରି । ୨ ।
ଦୀନବନ୍ଧୁ ଦଇତାରୀ...... (ଘୋଷା)

ଓଡ଼ିଶୀ ରାଗ - ଶଙ୍କରାଭରଣରେ ଏକ ଜଣାଣ ।
କବି - ବନମାଳୀ ଦାସ
ତାଳ - ଖେମଟା

## ସଙ୍ଗୀତରେ ବ୍ୟବହୃତ କେତେକ ପାରିଭାଷିକ ଶବ୍ଦାବଳୀ

ସଙ୍ଗୀତରେ ଆମେ ନିମ୍ନରେ ଦିଆଯାଇଥିବା କେତେକ ସାଧାରଣ ଶବ୍ଦାବଳୀ ବ୍ୟବହାର କରିଥାଉ ।



| ଭାରତୀୟ ସଂଗୀତରେ ଶବ୍ଦ | ଇଂରାଜୀରେ ଉଚ୍ଚାରଣ |
|---|---|
| ତାଳ | ତାଳ ଚକ୍ର (ରିଦ୍‌ମିକ୍ ସାଇକେଲ) |
| ଲୟ | ଗତି (ଟେମ୍ପୋ) |
| ସମ୍ | ତାଳର ପ୍ରଥମ ମାତ୍ରା (ଦ ଫାଷ୍ଟ ବିଟ୍ ଅଫ୍ ତାଳ) |
| ଆବର୍ତ୍ତନ | ତାଳର ଏକ ପୂର୍ଣ୍ଣ ଚକ୍ର (ୱାନ୍ ସାଇକଲ୍ ଅଫ୍ ତାଲ୍) (ତାଳର ଏକ ପୂର୍ଣ୍ଣଚକ୍ର କହିଲେ ଯାହା ଏକ ନିର୍ଦ୍ଦିଷ୍ଟ ମାତ୍ରାରୁ ଆରମ୍ଭ ହୋଇ ପୁଣି ସେହି ସ୍ଥାନରେ ଶେଷ ହୋଇଥାଏ ।) |





# ୮ ବିଭିନ୍ନ ଅଞ୍ଚଳକୁ ଯାତ୍ରା

## କ୍ରିୟାକଳାପ-୧ ନୂଆ ଭାଷାରେ ଗୀତ ଗାଇବା

ଆମମାନଙ୍କ ମଧ୍ୟରୁ ଅନେକ ଭିନ୍ନଭିନ୍ନ ଭାଷାରେ କଥା ହୋଇଥା'ନ୍ତି । ତୁମେ ଏବଂ ତୁମର ବନ୍ଧୁମାନେ ଘରେ କେଉଁ କେଉଁ ଭାଷାରେ କଥା ହୋଇଥାଅ ? ଯେକୌଣସି ବିଷୟରେ ଓ ବିଭିନ୍ନ ଭାଷାରେ ଗୀତଗୁଡ଼ିକୁ ଶୁଣ ଓ ବଡ଼ମାନଙ୍କଠାରୁ ଶିଖ, ଯଥା- ବିଭିନ୍ନ ଋତୁ, ପର୍ବପର୍ବାଣୀ, ଦେଶପ୍ରେମ ଇତ୍ୟାଦି ସମ୍ପର୍କରେ । ତୁମର ବାପା, ମାଆ, ଭାଇଭଉଣୀ କିମ୍ବା ଅନ୍ୟ କୌଣସି ଗୁରୁଜନଙ୍କୁ ଏଠାରେ ଗୀତ ଲେଖିବାକୁ କୁହ ।

ଏହାକୁ ଶ୍ରେଣୀରେ ପରିବେଷଣ କର ।

## କ୍ରିୟାକଳାପ-୨ ଗୀତିଶୀଳତା (ଚଳନ) ସମ୍ପର୍କରେ ଶିଖିବା

ଗୋଟିଏ ମଧୁର ସ୍ୱର ଓ ତାଳ ଥିବା ଗୀତ ବାଛନ୍ତୁ ଏବଂ ଏହି ଗୀତକୁ ଖେଳ ସହିତ ଅଭ୍ୟାସ କରାନ୍ତୁ ।

- ଗୋଟିଏ ପିଲାକୁ ଶ୍ରେଣୀର ବାହାରକୁ ଯିବା ପାଇଁ କୁହନ୍ତୁ । ପିଲାଟି ଚାଲିଯିବା ପରେ ଶ୍ରେଣୀ ଗୃହରେ କୌଣସି ସ୍ଥାନରେ ବୋତଲ କିମ୍ବା ଡଷ୍ଟର ଲୁଚାଇ ରଖନ୍ତୁ ।
- ଯେତେବେଳେ ପିଲାଟି ଫେରିଆସିବ, ଲୁଚାଯାଇଥିବା ବସ୍ତୁଟି ଖୋଜିବା ପାଇଁ, ସେହି ଅନୁସାରେ ଗୀତଟିଏ ବ୍ୟବହାର କର ।
- ଦଳ ହୋଇ ଗୀତ ଗାଇବା ଆରମ୍ଭ କରାନ୍ତୁ । ଯେତେବେଳେ ପିଲାଟି ବସ୍ତୁଟିର ନିକଟତର ହେବ, ସେତେବେଳେ ଉଚ୍ଚସ୍ୱରରେ ଗୀତଟିକୁ ଗାଇବା ଏବଂ ଯେତେବେଳେ ପିଲାଟି ଦୂରକୁ ଯିବ, ଧୀର ସ୍ୱରରେ ଗାଇବା କାମ କରନ୍ତୁ ।

**କ୍ରିୟାକଳାପ-୩** ଆସ ଗୋଟିଏ ଓଡ଼ିଆ ଗୀତ ଶିଖିବା

ଆସ ଆମେ ଚାରୋଟି ବିଟ୍ ଥିବା ତାଳରେ ଗୋଟିଏ ଓଡ଼ିଆ ପଲ୍ଲୀ ଗୀତଟିଏ ଶିଖିବା।

**ପଲ୍ଲୀ ଗୀତ**

ଶଗଡ଼ ଗାଡ଼ିଟି ମୋର, ଗଡ଼ି ଗଡ଼ିଯାଏ କେତେ ଯେ ଦୂର
ଶବଦକରେ ସେ କଟର କେଁ କଟର
ସଙ୍ଗାତରେ କଟର କେଁ କଟର ॥ ୧ ॥
ବଣିଜ ବେପାର ଚାଷ ବୋହି ନେଇଯାଏ କେତେ ଜିନିଷ
ଶଗଡ଼ରେ ଚଢ଼ି ମାମୁଘର ଯିବା ଆସ
ସଙ୍ଗାତରେ ମାମୁ ଘର ଯିବା ଆସ ॥ ୨ ॥
କେଉଁ କାଳୁ ଆମ ସାଥେ ରହି ଚାଲୁଅଛି ଜୀବନ ପଥେ
ବାପ, ଅଜା, ପଣ ଅଜା, ଅମଳରୁ ସତେ
ସଙ୍ଗାତରେ ଅଜା ଅମଳରୁ ସତେ ॥ ୩ ॥
ଦୁଇଟି ଚକରେ ଚାଲେ ଯୋଚା ହୋଇ ତହିଁ ବଳଦ ହଳେ
ବନ୍ଧୁ ପରି ସେତ କାମ କରେ ସଦାବେଳେ
ସଙ୍ଗାତରେ କାମ କରେ ସଦାବେଳେ ॥ ୪ ॥

ଓଡ଼ିଶାର ଲୋକପ୍ରିୟ "ରଜ ଦୋଳି ଗୀତ"
ସ୍ୱରରେ ଏହି ଗୀତଟିକୁ ଅଭ୍ୟାସ କରାଯାଇପାରେ।


## ଆଞ୍ଚଳିକ ଲୋକ ଗୀତ (ଡାଲ ଖାଇରେ)

ଡାଲ ଖାଇରେ ଡାଲ ଖାଇ ରେ
ଚଇତ ମାସରେ ଫଲସା ଫୁଲ
ଫୁଟି ଲାଲ ଦିଶଇ ଚାରିଆଡ଼
ପବନରେ ପଡ଼ି ଗୁଟେ କେ ଗୁଟେ
ବସୁଧାରେ ପଡ଼ି ଦୂତି ସେ
ଶୋଭା ପାଉଛେ
ଲୁଭ ଲାଗୁଛେ କାଏଁ ଡାଲ୍‌ଖାଇ ରେ....

**ଅର୍ଥ**

ଚୈତ୍ର ମାସରେ ପଳାସ ଫୁଲଗୁଡ଼ିକ ଫୁଟି ଚାରିଆଡ଼େ ଲାଲ ରଙ୍ଗ ଦିଶୁଥାଏ। ସେଗୁଡ଼ିକ ପବନରେ ଉଡ଼ି ଭୂଇଁ ଉପରେ ପଡ଼ିଥାଏ ଓ ଅତ୍ୟନ୍ତ ଲୋଭନୀୟ ହୋଇଥାଏ।

ଏହା ପଶ୍ଚିମ ଓଡ଼ିଶାର ଏକ ଲୋକପ୍ରିୟ ଗୀତ । ଏହି ଗୀତରେ ଝିଅମାନେ ବାଦ୍ୟର ତାଳେ ତାଳେ ସାମୂହିକ ଭାବେ ନୃତ୍ୟ କରନ୍ତି।



## କ୍ରିୟାକଳାପ-୪

## ଧରଣ (ବୋଲ) ସହିତ ତାଳ ଦିଅ

ଏକ - ଦୁଇ  ତିନି - ଚାରି

ଶୁଣ ଏବଂ ସେଗୁଡ଼ିକ ଏକ ନିୟମିତ ସ୍ଥିର ତାଳରେ ଗାଇବାକୁ ଚେଷ୍ଟା କର ।

ଯେତେବେଳେ ଆମେ ତାଳ ଉପରେ କହୁଛୁ ସେଠାରେ କିଛି ଧରଣ (ବୋଲ) ବ୍ୟବହାର ହେଉଛି ।

ଉଦାହରଣ- ଓଡ଼ିଶୀ ସଙ୍ଗୀତ ଶୈଳୀରେ ଆମେ ଯେଉଁ ତାଳ ବ୍ୟବହାର କରୁ, ତାହାର ଧରଣ (ବୋଲ) ଏଠାରେ ଦିଆଯାଇଛି । ଯାହାକୁ ମର୍ଦ୍ଦଳ ବାଦ୍ୟ ସାହାଯ୍ୟରେ ବାଦନ କରାଯାଏ ।

ଓଡ଼ିଶୀ ଆଦି ତାଳର ଏକ ଧରଣ – ଯାହା ୧୬ ମାତ୍ରା ବିଶିଷ୍ଟ ଅଟେ ।

ଧା ଧିନା କିଟା ଧିନି      ଧା ଧିନା କିଟା ଧିନି
x                          ୨

ନା ତିନା କିଟା ତିନି      ତା ଧିନା କିଟା ଧିନି
୦                          ୩

ଶ୍ରେଣୀରେ ତାଳି ସହିତ ପାଦବାଡ଼େଇ ବା କୌଣସି ବାଦ୍ୟଯନ୍ତ୍ରର ତାଳ ସହିତ ଅଭ୍ୟାସ କରିବା ।



ଆମେ ହିନ୍ଦୁସ୍ତାନୀ ଶୈଳୀରେ ମଧ ତାଳକୁ ଏହିପରି କହିଥାଉ । ଏହା ତବଲା ଦ୍ୱାରା ବାଦନ କରାଯାଏ ।

ଧା ଧା ତେ  ଟେ

ଧା ଧା ତୁଂ ନା

ତା ତା ତେ  ଟେ

ଧା ଧା ଧିନ୍ ନା

## କ୍ରିୟାକଳାପ-୫ କାଶ୍ମୀର ଅଞ୍ଚଳର ଏହି ଲୋକ ଗୀତଟି ଶୁଣିବା ଏବଂ ଶିଖିବା

ଗୀତର ତାଳକୁ ଅନୁକରଣ କରି ଅଙ୍ଗଚାଳନା କର ଓ ତାଳରେ ତାଳ ମିଶାଇ ଗାଅ ।

**ଗୀତ :**

ବୁମ୍‌ରୋ ବୁମ୍‌ରୋ
ବୁମ୍‌ରୋ ବୁମ୍‌ରୋ ଶାମ ରଙ୍ଗ ବୁମ୍‌ରୋ,
କ୍ୟାଜି ଛୁକ୍ ୟୁଥ ନାଲ୍‌ନୋ
ହୋ ହୋ ହୋ
ବୁମ୍‌ରୋ ବୁମ୍‌ରୋ
ହାଓଲ୍ ବାଉ ପାନୁନୁଇ ହା ଶାମ ସୁନ୍ଦରୋ
ଏସ୍ କାରୋୟ ଜାଓନ୍ କୁରବାନୋ
ହୋ ହୋ ହୋ
ବୁମ୍‌ରୋ ବୁମ୍‌ରୋ
ବୁମ୍ବୁରୁଜ୍ ୟେମ୍ବେର୍‌ଜାଲ ବେୟୀ ସାମଖାଓନ୍
ନେରୁନନ୍ ପ୍ରେଇଁ ଅରମାନୋ
ହୋ ହୋ ହୋ
ବୁମ୍‌ରୋ ବୁମ୍‌ରୋ



**ଗୀତ ବିଷୟରେ ପଦେ :-**

ଏହି ଗୀତଟି କାଶ୍ମୀରର ଲୋକଗୀତ । ଯାହା ଏକ କଳା ଭଅଁର ବିଷୟରେ ବର୍ଣ୍ଣିତ । ଏଥିରେ ଭଅଁରଟି ଉତ୍ସବ ବୁଲିବାକୁ ଆସିଥିବା କଥା କୁହାଯାଇଅଛି ।

## କ୍ରିୟାକଳାପ-୬ ଚାଲ ଗୋଟିଏ କୋଙ୍କଣୀ ଗୀତ ଶୁଣିବା ଓ ଶିଖିବା



### ଉନ୍ଦ୍ରା ମୋଜିଆ ମାମା

**ଗୀତ :**

ଉନ୍ଦ୍ରା ମୋଜିଆ ମାମା
ଅନି ହାଓ ସଙ୍ଗତା ତୁକା – ୨
ଅନି ମାଜୋରିଚା ପିଲା ଲାଗି ଫେଲୁମା
ଦି ନା କା – ୨
ଉନ୍ଦିର ମାମା ଆଇଲୋ,
ଆନି ପାଚେ ପୋନା ଲିପ୍‌ଲୋ – ୨
ଆନି ମାଜୋରିଚା ପିଲାନ୍ ତାକା ଏକା ଘାଷା
ଖାଇଲୋ – ୨
ୟା ୟା ମାୟା ୟା – ୨

ଏହି ଗୀତଟି ହେଉଛି କୋଙ୍କଣୀ ଭାଷାର ଏକ ପାରମ୍ପରିକ ଲୋକଗୀତ । ଏଠାରେ ଗୋଟିଏ ମୂଷାକୁ ବିରାଡ଼ିଠାରୁ ଦୂରରେ ରହିବାକୁ ଏବଂ ତା' ସହ ନ ଖେଳିବାକୁ ସତର୍କ କରାଯାଇ ପରାମର୍ଶ ଦିଆଯାଇଅଛି ।



## ଆସ ବଙ୍ଗଳା ଭାଷାରେ ଗୀତଟିଏ ଶୁଣିବା ଓ ଶିଖିବା

### ଦେଶାତ୍ମବୋଧକ ସଙ୍ଗୀତ

**ଗୀତ :**

ବୋଲୋ ବୋଲୋ ବୋଲୋ ସୋବେ
ସୋତୋ ବୀନା ବେନୁ ରୋବେ
ଭାରତ ଆବାର ଜୋଗୋତ ଶୋଭେ
ଶ୍ରେଷ୍ଠୋ ଆସୋନ ଲୋବେ

ଧୋର୍ମେ ମୋହାନ ହୋବେ
କୋର୍ମେ ମୋହାନ ହୋବେ
ନୋବୋ ଦିନ ମୋନି ଉଡ଼ିବେ ଆବାର
ପୁରାତୋନ ଏ ପୂରୋବେ

ଆଜୋ ଗିରି ରାଜ ରୋୟେଛେ ପ୍ରୋହୋରି
ଘିରି ତିନ ଦିକ୍ ନାଚିଛେ ଲୋହୋରି
ଯଇଁ ସୁକଯେ ଗୋଙ୍ଗା, ଗୋଦାବୋରୀ
ଏଖୋନ ଓ ଅମ୍ରିତୋବାହିନୀ

**ଅର୍ଥ :** ଏହା ବଙ୍ଗଳା ଭାଷାରେ ଲେଖାଯାଇଥିବା ଦେଶଭକ୍ତି ଗୀତ ଅଟେ । ଯେଉଁଥିରେ ଆମକୁ ଭାରତ ମାତାର ଗୁଣଗାନ କରିବାକୁ କୁହାଯାଇଛି ।

## କ୍ରିୟାକଳାପ-୭ ମାଳାୟଲାମ୍ ଭାଷାରେ ଏକ ଗୀତ ଶୁଣିବା ଓ ଶିଖିବା ।

### ଗୀତ

ଜନ୍ମକାରିଣୀ ଭାରତମ୍ (ଆ....) କର୍ମ ମେଦିନୀ ଭାରତମ୍
ନିମ୍ମଳାମ୍ ଜନକୋଡ଼ିତମ୍ ଅକ୍ଷୟାଗିୟ ଭାରତମ୍ । ୦ ।
ତଳଇଲ ମନ୍ୟଣି ମାମଳ ଚୂଡ଼ିୟ ତଙ୍ଗକିରୀ ଇଡ଼ବୁମ୍
ଉଡ଼ଲିଳ ଶସ୍ୟ ଶ୍ୟାମଳ ଶାଦ୍ୱଳ କୋମଳ କଞ୍ଚୁଗମୁନ୍
କୁଲୁଡିଲ୍ ନାନା ନଦିଗଳ ଚାର୍ତିୟ ପୋଂମଣୀ ମାଲଗଲୁମ୍ ।
କାଣୁଗ କାଣୁଗ ଜନ୍ମଭୂବିନ୍ କୋମଳ ମଳର୍ମେନୀ । ୧ ।
ନାନା ଭାଷଗଲମୃତଂ ପୋଲିୟୁମ୍ ତାବୁମ୍ ପୁଞ୍ଚରିୟୁମ୍
ନାନା ଦେଶକ୍କରଡ଼େ ନାନା ବେଶତନ୍ନେଲିୟୁମ୍
ଚିର ପୁରାତନ ସଂସ୍କାରଭିନ୍ ବେରୋଡୁମ୍ ମନ୍ନୁମ୍
ପାରିଲ ଶାନ୍ତି ବଳର୍ତୁମ ବୃତିୟୁମ୍ ଅକ୍ଷତନ ନେଟମ୍

**ଗୀତ ବିଷୟରେ :**

ଏହା ଏକ ଦେଶାତ୍ମବୋଧକ ଗୀତ ଅଟେ । ଏଥିରେ ଭାରତକୁ ଜନ୍ମକାରିଣୀ ମା' ଭାବରେ ସମ୍ବୋଧନ କରିବା ସହ ତାର ଶସ୍ୟ ଶ୍ୟାମଳ ସୁନ୍ଦର ପରିବେଶ ଓ ଭାଷାଭାଷୀ ତଥା ବେଶ ପୋଷକରେ ଭିନ୍ନତା ଥିଲେ ମଧ୍ୟ କିପରି ସମସ୍ତଙ୍କ ମଧ୍ୟରେ ଏକତା ଓ ଶାନ୍ତିର ବାତାବରଣ ରହିଛି ତାହା ବର୍ଣ୍ଣନା କରାଯାଇଛି ।



### ପଶ୍ଚିମ ଓଡ଼ିଶାର ଲୋକଗୀତ

### ଛୋଟ ଶିଶୁକୁ ଝୁଲାଇବାର ଗୀତ

ଝୁଲ୍‌ରେ ହାତି ଝୁଲ୍ ଝୁଲ୍
କିଆ କନ୍ଦା ଖାଇ ଫୁଲ୍ ଫୁଲ୍
ହାତୀ ଯାଉଛେ ସମ୍ବଲପୁର୍
ହାତୀର୍ ମୁଡେ କଇଁଫୁଲ୍ ।



## ୯ ସଙ୍ଗୀତରେ ବ୍ୟବହୃତ ବାଦ୍ୟଯନ୍ତ୍ର

### କ୍ରିୟାକଳାପ-୧ ବାଦ୍ୟଯନ୍ତ୍ରଗୁଡ଼ିକୁ ଜାଣିବା

ଏଠାରେ କେତେକ ଭାରତୀୟ ଶାସ୍ତ୍ରୀୟ ସଙ୍ଗୀତ ଓ ଲୋକଗୀତରେ ବ୍ୟବହୃତ ବାଦ୍ୟଯନ୍ତ୍ରର ଚିତ୍ର ଦିଆଯାଇଛି ।

ସିତାର



ହାରମୋନିୟମ୍



ତବଲା



ମର୍ଦ୍ଦଳ



ମୃଦଙ୍ଗ




ନିଶାନ



ତାସା




ଢୋଲ



ବଂଶୀ



ଦାସକାଠିଆ



କେନ୍ଦରା



ଖଞ୍ଜଣୀ




ଘଣ୍ଟ



ଝୁମୁକା



ସାହାନାଇ



ଯୋଡ଼ି ମହୁରୀ



**ଶିକ୍ଷକଙ୍କ ପାଇଁ**

ନିଜ ଅଞ୍ଚଳରେ ଥିବା ଜଣେ ବାଦ୍ୟକାରଙ୍କୁ ବିଦ୍ୟାଳୟକୁ ନିମନ୍ତ୍ରଣ କରନ୍ତୁ, ଯିଏକି ଶ୍ରେଣୀରେ ବିଭିନ୍ନ ବାଦ୍ୟଯନ୍ତ୍ରକୁ ବଜାଇପାରିବେ ।

**ତୁମେ କେଉଁ ବାଦ୍ୟଯନ୍ତ୍ରର ଶବ୍ଦକୁ ପୂର୍ବରୁ ଶୁଣିଛ ? କାଶ୍ମୀର ସଙ୍ଗୀତ ବୁମ୍ବ୍‌ରୋରେ ବ୍ୟବହୃତ ବାଦ୍ୟଯନ୍ତ୍ରକୁ ତୁମେ ଦେଖିଛ କି ?**

**କ୍ରିୟାକଳାପ-୨** **ରୋଷେଇ ଘରରେ ବ୍ୟବହୃତ ବାସନ ଓ ଡବାକୁ ନେଇ ବାଦ୍ୟ ବିଚିତ୍ରା ସଂଯୋଜନା କରିବା ।**

ଯେତେବେଳେ ଗୋଟିଏ ବାଦକ ଦଳ ଏକତ୍ର ବିଭିନ୍ନ ପ୍ରକାର ବାଦ୍ୟ ବଜାନ୍ତି ଏହାକୁ ବାଦକ ମଣ୍ଡଳୀ କୁହାଯାଏ ।



**ତୁମେ ତୁମ ଘରେ କିଛି ରୋଷେଇ ସରଞ୍ଜାମକୁ ନେଇ ବାଦ୍ୟ ସଙ୍ଗୀତ ବିଚିତ୍ରା ନିର୍ମାଣ କରିପାରିବ କି ?**


**ଏହି ବାଦ୍ୟ ସଙ୍ଗୀତ ବିଚିତ୍ରାରେ କେଉଁ କେଉଁ ରୋଷେଇ ସାମଗ୍ରୀ ବ୍ୟବହାର ହୋଇପାରିବ ?**

**ତୁମେ ଶିଖିଥିବା କୋଙ୍କଣୀ ସଙ୍ଗୀତ "ଉନ୍ଦ୍ରା ମୋଜିଆ ମାମା, ଯାହାକି ଆଗରୁ ଶିଖିଛ । ସେଥିରେ ରୋଷେଇ ସାମଗ୍ରୀ ବ୍ୟବହାର କରି ବାଦ୍ୟ ସଙ୍ଗୀତ ବଜାଇ ପାରିବ କି ?**

## କ୍ରିୟାକଳାପ-୩ ଝୁମୁକା ତିଆରି କରିବା

### ତୁମେ ଜାଣିଛ କି ?

ଝୁମୁକାରେ ଦିଆଯାଇଥିବା ଦାନା ଅନୁସାରେ ତା'ର ଶବ୍ଦ ଅଲଗା ଅଲଗା ହୋଇଥାଏ । ତୁମେ ଭିନ୍ନ ଭିନ୍ନ ପ୍ରକାରର ଖାଦ୍ୟ ଶସ୍ୟ, ବାଲି ଗରଡ଼ା ଓ ମଞ୍ଜି ବ୍ୟବହାର କରି ବଜାଇବାକୁ ଚେଷ୍ଟା କର ।



କେଉଁ ଶସ୍ୟଗୁଡ଼ିକ ସବୁଠାରୁ ଅଧିକ ଶବ୍ଦ ସୃଷ୍ଟି କରୁଛି । ଅଧିକ କିଛି ଶସ୍ୟ ଭର୍ତ୍ତି କଲେ ଜୋର୍‌ରେ ଶବ୍ଦ କରୁଛି କି ?

ଝୁମୁକା ଏକ ବାଦ୍ୟଯନ୍ତ୍ର ଯାହା ହାତଦ୍ୱାରା ହଲାଇଲେ ଶବ୍ଦ ସୃଷ୍ଟି ହୁଏ ଓ ତାଳରେ ବଜାଇହୁଏ ।

ନିଜେ ତିଆରି କରିବା ପାଇଁ ଆବଶ୍ୟକୀୟ ଉପକରଣଗୁଡ଼ିକ ହେଲା–

- ଗୋଟିଏ ପୁନଃଚକ୍ରଣ ଯୋଗ୍ୟ ବୋତଲ
- ମୁଠାଏ ଶୁଖିଲା ଶସ୍ୟ, ମାଳି, କିମ୍ବା ଗୋଡ଼ି
- ରଙ୍ଗ

**ଚାଲ, ଏଗୁଡ଼ିକୁ ନେଇ ଝୁମୁକା ତିଆରି କରିବା ।**

- ଗୋଟିଏ ବୋତଲର ଭିତର ଏବଂ ବାହାର ପାର୍ଶ୍ୱକୁ ଶୁଖିଲା କରି ରଖ ।
- ଏହାକୁ ଶୁଖିଲା ଶସ୍ୟ, ଡାଲି, ଚାଉଳ ଯାହା ତୁମ ଇଚ୍ଛା ଅନୁସାରେ ପୁରାଅ । ମନେରଖ- ଭିନ୍ନ ଭିନ୍ନ ଜିନିଷ ଦ୍ୱାରା ଭିନ୍ନ ଭିନ୍ନ ଶବ୍ଦ ସୃଷ୍ଟି ହେବ ।
- ବୋତଲକୁ ଭଲ ଭାବରେ ବନ୍ଦ କର ।
- ଏହାର ବାହାର ଅଂଶକୁ ରଙ୍ଗ କିମ୍ବା କାଗଜରେ ସଜାଇଦିଅ ।
- ଏହାକୁ ଶୁଖାଇ ଦିଅ ।
- ଏବେ ତୁମର ଝୁମୁକାଟି ବ୍ୟବହାର ପାଇଁ ପ୍ରସ୍ତୁତ ।



## କ୍ରିୟାକଳାପ-୪ ସଙ୍ଗୀତରେ ବାଦ୍ୟଯନ୍ତ୍ରର ଧ୍ୱନି


ଆମେ ପରେ ବାଦ୍ୟଯନ୍ତ୍ର ବଜାଇ ଶିଖିବା କିନ୍ତୁ ପ୍ରଥମେ ଆସ କିଛି ବାଦ୍ୟଯନ୍ତ୍ରର ଧ୍ୱନିକୁ ଶୁଣିବା । ଡଫ୍ଲି, ଡମ୍ବରୁ, ଢୋଲ, ଢୋଲ୍‌କି, ତବଲା, ଗିନି, ମୃଦଙ୍ଗ ଇତ୍ୟାଦି । ବାଦ୍ୟଯନ୍ତ୍ରଗୁଡ଼ିକ କାଠ କିମ୍ବା ବିଭିନ୍ନ ଧାତୁରେ ତିଆରି ଯାହାର ମୁଖଗୁଡ଼ିକ ବେଳେବେଳେ ଉପରକୁ, ବାମ ପାର୍ଶ୍ୱକୁ ଓ ଦକ୍ଷିଣ ପାର୍ଶ୍ୱକୁ ଥାଏ । ସେଗୁଡ଼ିକ ହାତ କିମ୍ବା ବାଡ଼ିଦ୍ୱାରା ବଜାଯାଇଥାଏ ।





## କ୍ରିୟାକଳାପ-୫

ତୁମ ଚାରିପାଖରେ ହେଉଥିବା ବିଭିନ୍ନ ଉତ୍ସବ ଓ ପର୍ବପର୍ବାଣୀରେ ବାଜୁଥିବା ବିଭିନ୍ନ ତାଳ ବାଦ୍ୟଯନ୍ତ୍ରଗୁଡ଼ିକୁ ତୁମେ ନିଶ୍ଚିତ ଭାବରେ ଦେଖିଥିବ । ସେଗୁଡ଼ିକର ଛବି ଦେଖିବା ସହ ଧ୍ୱନିକୁ ଶୁଣିବା ।


ଢୋଲ



ମୃଦଙ୍ଗ


ଡଫ୍ଲି


ନିସାନ୍


ତାସା


ଗିନି


ଡମ୍ବରୁ

କିଛି ବାଦ୍ୟଯନ୍ତ୍ରର ଛବି ସଂଗ୍ରହ କର ଏବଂ ସେଗୁଡ଼ିକୁ ଏଠାରେ ଲଗାଅ ।



ବଂଶୀ



ମହୁରୀ



ଶିଙ୍ଗା

## କ୍ରିୟାକଳାପ-୬ ସଙ୍ଗୀତରେ ବ୍ୟବହୃତ ବିଭିନ୍ନ ଅଳଙ୍କାରଗୁଡ଼ିକୁ ଶୁଣ ଓ ଶିଖ ।

ସ୍ୱର ଓ ତାଳର ପୁନରାବୃତ୍ତି ସମୟରେ ସ୍ୱରର ଢାଞ୍ଚା ବା ଅଳଙ୍କାରକୁ ଲକ୍ଷ୍ୟ କର ।

**ଶିକ୍ଷକଙ୍କ ପାଇଁ :**

ପିଲାମାନଙ୍କୁ 'ଆ' କାର ସରଗମ ଢାଞ୍ଚାରେ ଅଳଙ୍କାର ଗାଇବାକୁ ଦିଅନ୍ତୁ । ସେମାନଙ୍କର ପାପୁଲିରେ ତାଳି ଓ କୌଣସି ତାଳ ବାଦ୍ୟଯନ୍ତ୍ର ବଜାଇ ଗାଇବାକୁ ଦିଅନ୍ତୁ ।

ଗାଇବା ସମୟରେ ଆମକୁ ଶ୍ୱାସପ୍ରକ୍ରିୟାର ନିୟନ୍ତ୍ରଣ କରିବାକୁ ହେବ ବୋଲି ଛାତ୍ର/ଛାତ୍ରୀଙ୍କୁ ବୁଝାଇବେ ।

ଏହି ଅନୁଶୀଳନୀକୁ ଅଭ୍ୟାସ କର ଓ ନିମ୍ନରେ ଦିଆଯାଇଥିବା ଅଳଙ୍କାରଗୁଡ଼ିକୁ ଅନୁକରଣ କର ।

(୧) ଆରୋହ- ସା ରେ ଗା ମା ପା ଧା ନି ସାଂ
ଅବରୋହ- ସାଂ ନି ଧା ପା ମା ଗା ରେ ସାଂ

(୨) ଆରୋହ- ସାରେ ରେଗା ଗାମା ମାପା ପାଧା ଧାନି ନିସାଂ
ଅବରୋହ- ସାଂନି ନିଧା ଧାପା ପାମା ମାଗା ଗାରେ ରେସା

(୩) ଆରୋହ- ସାରେଗା ରେଗାମା ଗାମାପା ମାପାଧା ପାଧାନି ଧାନିସାଂ
ଅବରୋହ- ସାଂନିଧା ନିଧାପା ଧାପାମା ପାମାଗା ମାଗାରେ ଗାରେସା

(୪) ଆରୋହ - ସାରେଗାମା ରେଗାମାପା ଗାମାପାଧା ମାପାଧାନି ପାଧାନିସାଂ
ଅବରୋହ- ସାଂନିଧାପା ନିଧାପାମା ଧାପାମାଗା ପାମାଗାରେ ମାଗାରେସା

## ୧୦ ଉତ୍ସବ ସଂପର୍କୀୟ ସଙ୍ଗୀତ

**କ୍ରିୟାକଳାପ-୧** ଆସ ଗୋଟିଏ "ଦୀପାବଳୀ" ଗୀତ ଶୁଣିବା ଓ ଶିଖିବା

**ଭାଷା : ହିନ୍ଦୀ**

ଗୀତ



ଜଗମଗ ଜଗମଗ ଆଇ ଦିୱାଲୀ
ଖୁସିୟାଁ ଢେର ଲାଇ ଦିୱାଲୀ
ଜଗମଗ ଜଗମଗ ଆଇ ଦିୱାଲୀ
ଦୀପ ଜଲେ ହେଁ ଘର-ଘର ଦେଖୋ
ରଂଗୋଲୀ ସେ ସଜା ହେ ଆଂଗନ
ରୋଷନ କୀ ଲଡିୟାଂ ହେ ଡାଲୀ
ଜଗମଗ ଜଗମଗ ଆଇ ଦିୱାଲୀ
ନଏ-ନଏ କପଡ଼େ ପହନେ ହେଁ
ନଇ-ନଇ ଚିଜେଁ ହେଁ ଆଇ
ନଇ-ନଇ ସି ଗଲିୟାଁ ସଜାଲୀ
ଜଗମଗ ଜଗମଗ ଆଇ ଦିବାଲୀ



ଫିର କରକେ ବଢ଼ିୟା-ସା ଭୋଜନ
ହଁସତେ ଖିଲତେ ଗାନା ଗାତେ
ଫୁଲ ଝରି ଔର ଚକରୀ ଜଲା ଲି
ଜଗମଗ ଜଗମଗ ଆଇ ଦିବାଲୀ
ଖୁସିୟାଁ ଢେର ଲାଇ ଦିବାଲୀ
ଜଗମଗ ଜଗମଗ ଆଇ ଦିବାଲୀ

**ଗୀତ ବିଷୟରେ :**

ଏହି ଗୀତଟି ଦୀପାବଳୀ ବିଷୟରେ ବର୍ଣ୍ଣନା କରାଯାଇଛି । ପ୍ରଭୁ ଶ୍ରୀ ରାମଚନ୍ଦ୍ରଙ୍କର ଅଯୋଧ୍ୟାକୁ ପ୍ରତ୍ୟାବର୍ତ୍ତନ ଲାଗି ପାଳନ କରାଯାଉଥିବା ଆଲୋକର ପର୍ବ ଅଟେ । ଏହିଦିନ ଲୋକମାନେ ନୂତନ ପୋଷାକ ପିନ୍ଧନ୍ତି ଏବଂ ଦୀପ ଲଗାଇ ସେମାନଙ୍କର ଗୃହକୁ ଆଲୋକମୟ କରନ୍ତି । ଚାରିଆଡ଼େ ଆନନ୍ଦ ଓ ଉତ୍ସାହ ଖେଳିଯାଏ ।

## କ୍ରିୟାକଳାପ-୨ ଆସ, ସଂସ୍କୃତରେ ନବବର୍ଷର ଏକ ଗୀତ ଶୁଣିବା ଓ ଶିଖିବା

**ଗୀତ :**

କ୍ଷଣଂ ପ୍ରତିକ୍ଷଣଂ ଯଂନବମ୍ ନବମ୍
ତଢ ସୁନ୍ଦରମ୍ ସଢ ତଚ୍ଛିବମ୍
ବର୍ଷନୂତନଂ ତେ ଶୁଭଂ ମୁଦମ୍
ଉତ୍ତରୋତ୍ତରମ ଭବତୁ ସିଦ୍ଧିଦମ୍

**ଅର୍ଥ :**

ଯାହା ସବୁବେଳେ ନୂଆ ଓ ସତେଜ, ତାହା ସବୁବେଳେ ଭଲ, ସ୍ୱାଭାବିକ ଓ ସୁନ୍ଦର ଅଟେ । ଏହି ନବବର୍ଷ ଆପଣଙ୍କ ପାଇଁ ବହୁତ ସୌଭାଗ୍ୟ, ଖୁସି ଓ ସଫଳତା ଆଣିଦେଉ ।



## କ୍ରିୟାକଳାପ-୩ ଆସ, ଖ୍ରୀଷ୍ଟମାସ ଗୀତ ଶୁଣିବା ଓ ଶିଖିବା



### ଜିଙ୍ଗଲ ବେଲ୍‌ସ୍

**ଗୀତ :**

ଡେସିଙ୍ଗ ଥ୍ରୁ ଦ ସ୍ନୋ,
ଇନ୍ ଏ ୱାନ୍ ହର୍ସ ଓପନ୍ ସ୍ଲେଜ୍ ।
ଓଭର ଦ ଫିଲଡ୍‌ସ ଉଇ ଗୋ,
ଲାଫିଙ୍ଗ୍ ଅଲ ଦଓ୍ୱେ ।
ବେଲ୍‌ସ୍ ଅନ୍ ବବ୍‌ଟେଲସ୍ ରିଙ୍ଗ,
ମେକିଙ୍ଗ ସ୍ପିରିଟସ୍ ବ୍ରାଇଟ୍ ।
ହ୍ୱାଟ ଫନ୍ ଇଟ୍ ଇଜ୍ ଟୁ ରାଇଡ୍ ଆଣ୍ଡ
ସିଙ୍ଗ୍ ଏ ସ୍ଲେଇଙ୍ଗ ସଙ୍ଗ୍ ଟୁନାଇଟ୍
ଓଃ ! ଜିଙ୍ଗଲ ବେଲସ୍, ଜିଙ୍ଗଲ ବେଲସ୍,
ଜିଙ୍ଗଲ ଅଲ୍ ଦଓ୍ୱେ ।
ଓଃ ହ୍ୱାଟ୍ ଫନ୍ ଇଟ୍ ଇଜ୍ ଟୁ ରାଇଡ୍
ଇନ୍ ଏ ୱାନ୍ ହର୍ସ ଓପନ୍ ସ୍ଲେଜ । ହେ !

ଗୀତିକାର ଓ ସଂଯୋଜକ :
ଜେମ୍‌ସ ଲର୍ଡ ପିୟରପୋଣ୍ଟ

**ମଜାଳିଆ ତଥ୍ୟ**

ବଡ଼ଦିନରେ ଲୋକମାନେ ଏକାଠି ହୁଅନ୍ତି ଏବଂ ବଡ଼ଦିନ ଗୀତ ଗାଆନ୍ତି ଯାହା ବଡ଼ଦିନର ଉତ୍ସବ ଭାବେ ପାଳନ କରାଯାଏ ।

## କ୍ରିୟାକଳାପ-୪ ଆସ, ଇଦ୍ ପର୍ବର ଗୋଟିଏ ଗୀତ ଶୁଣିବା ଓ ଶିଖିବା

### ଆଓ ଇଦ୍ ମନାଏ

**ଗୀତ**

ଆଓ ଇଦ୍ ମନାଏ
ଏକ ଦୁଜେ କେ ସଙ୍ଗ
ତୋଡ଼େ ନଫରତ୍ କି ଦିଓ୍ୱାର,
ଗଲେ ଲଗାଏ ପ୍ୟାର ସେ ।
ଘର କୋ ଦୀପୋ ସେ ସଜାଏଁ,
ଭେଦଭାବ କୋ ମନ ସେ ମିଟାଏଁ ।
ନଏ କପ୍‌ଡୋଁ କେ ସଙ୍ଗ-ସଙ୍ଗ
ମେହେନ୍ଦି ଔର ଚୁଡିୟୋଁ କେ ରଙ୍ଗ-ରଙ୍ଗ
ଦାଓତ କି ଖୁସିୟାଁ ମନାଏଁ
ଛୋଟେ - ବଡ଼ୋଁ କେ ସାଥ-ସାଥ,
ଖୁଦା ସେ ଦୁଆଏଁ ମାଗେଁ ହମ୍,
ନାନା-ନାନୀ, ଦାଦା-ଦାଦୀ
ଇଦ୍ ମୁବାରକ ଔର କରମ୍ ।



### ଗୀତ ବିଷୟରେ

ଏହି ଗୀତ "ଆସ ଇଦ୍ ମନାଏଁ"ରେ ଇଦ୍ ଉତ୍ସବର ଏକତା ଓ ସ୍ନେହ ବିଷୟରେ କୁହାଯାଇଛି । ଏହି ଗୀତରେ ଘରକୁ ସଜାଇବା, କାହାକୁ ଘୃଣା ନ କରିବା, ସୁନ୍ଦର ବସ୍ତ୍ର ପରିଧାନ କରିବା, ପରିବାର ଓ ସାଙ୍ଗସାଥୀଙ୍କ ସହିତ ଏହି ଉତ୍ସବକୁ ଭୋଗ କରିବା କଥା କୁହାଯାଇଛି । ଏହା ଈଶ୍ୱର ଓ ବଡ଼ମାନଙ୍କ ଠାରୁ ଆଶୀର୍ବାଦ ନେବାର ମହତ୍ତ୍ୱ ସମ୍ବନ୍ଧୀୟ ବାର୍ତ୍ତା ଦେଇଥାଏ ।



**କ୍ରିୟାକଳାପ-୫** ଆସ, ଭଗବାନ ବୁଦ୍ଧଙ୍କୁ ଉତ୍ସର୍ଗୀକୃତ ଏକ ପ୍ରାର୍ଥନା ଶିଖିବା ଓ ଗାଇବା ।



### ଗୀତ

ବୁଦ୍ଧଂ ଶରଣଂ ଗଚ୍ଛାମି
ଧମ୍ମମ୍ ଶରଣଂ ଗଚ୍ଛାମି
ସଂଘଂ ଶରଣଂ ଗଚ୍ଛାମି ।
ବୁଦ୍ଧଂ ଶରଣଂ ଗଚ୍ଛାମି
ଧମ୍ମମ୍ ଶରଣଂ ଗଚ୍ଛାମି
ସଂଘଂ ଶରଣଂ ଗଚ୍ଛାମି ।

### ଗୀତ ବିଷୟରେ

ଏହି ପ୍ରାର୍ଥନାରେ ବୁଦ୍ଧଙ୍କ ପ୍ରତି ଉତ୍ସର୍ଗୀକୃତ ଉପାସକମାନେ ସେମାନଙ୍କ ଧର୍ମ ଅନୁସାରେ ଶରଣାପନ୍ନ ହୋଇଥାନ୍ତି ।

**କ୍ରିୟାକଳାପ-୬** **ଆସ ଏକ ଦେଶାତ୍ମବୋଧ ଗୀତ ଶୁଣିବା ଓ ଶିଖିବା**

ଆସ ଆମେ ଏପରି ଏକ ଗୀତ ଶିଖିବା ଯାହା ଆମକୁ ଭାରତର ଭୂ-ପ୍ରକୃତି ବିଷୟରେ ବାର୍ତ୍ତା ଦିଏ।

ତୁମେ ଏହି ତାଳ ବିଷୟରେ ଜାଣିଛ କି ? ଏହା ହେଉଛି

ଧା ଗେ ନା ତି

ନା କ ଧି ନା – କହରୱା ତାଳ ଅଟେ।

ଏହା ୮ ମାତ୍ରା ବିଶିଷ୍ଟ।



**ଗୀତ**

ହିନ୍ଦ୍ ଦେଶ କେ ନିବାସୀ ସଭିଜନ ଏକ ହେଁ
ରଙ୍ଗରୂପ, ବେଶ ଭାଷା ଚାହେ ଅନେକ ହେଁ
ବେଲା ଗୁଲାବ ଜୁହି ଚମ୍ପା ଚମେଲୀ – ୨
ପ୍ୟାରେ ପ୍ୟାରେ ଫୁଲ ଗୁନ୍ଥେ ମାଲା ମେଁ ଏକ ହେ
ହିନ୍ଦ୍ ଦେଶ କେ ନିବାସୀ ସଭିଜନ ଏକ ହେଁ
ରଂଗ ରୂପ ବେଶ ଭାଷା ଚାହେଁ ଅନେକ ହେଁ
ଗଂଗା, ଯମୁନା, ବ୍ରହ୍ମପୁତ୍ର କ୍ରିଷ୍ଣା କାବେରୀ – ୨
ଜାକେ ମିଲଗଇ ସାଗର ମେଁ ହୁଇ ସବ ଏକ ହେଁ
ହିନ୍ଦ୍ ଦେଶ କେ ନିବାସୀ ସଭିଜନ ଏକ ହେଁ
ରଂଗ ରୂପ ବେଶ ଭାଷା ଚାହେ ଅନେକ ହେ
କୋୟଲ କି କୁକ୍ ପ୍ୟାରୀ ପପିହେ କୀ ଟେର ନ୍ୟାରୀ – ୨
ଗା ରହି ତରାନା ବୁଲ୍‌ବୁଲ୍ ରାଗ୍ ମଗର୍ ଏକ ହେ
ହିନ୍ଦ୍ ଦେଶ କେ ନିବାସୀ ସଭିଜନ ଏକ ହେଁ
ରଂଗ ରୂପ ବେଶ ଭାଷା ଚାହେ ଅନେକ ହେ ॥

ସଙ୍ଗୀତ ସଂଯୋଜନା – **ପଣ୍ଡିତ ବିନୟ ଚନ୍ଦ୍ର ମୁଦ୍‌ଗଲ**

## କ୍ରିୟାକଳାପ-୭ ଆସ, ମିଳିମିଶି ଗାଇବା

**ଗୀତ- ହେ ଆନନ୍ଦମୟ**

ହେ ଆନନ୍ଦମୟ କୋଟି ଭୁବନପାଳକ
ଅଧମ ଅକ୍ଷମ ମୁହିଁ ଅବୋଧ ବାଳକ
ଜ୍ଞାନ ଦାତା ଭଗବାନ
ଦିଅ ମୋତେ ଶୁଭ ବୃଦ୍ଧି ଦିଅ ଦିବ୍ୟ ଜ୍ଞାନ । ୧ ।
ସତ୍ୟପଥେ ଧର୍ମପଥେ ଘେନିଯାଅ ମୋତେ
ଭସାଅ ପରାଣ ମୋର ତବ ପ୍ରେମ ସ୍ରୋତେ
ପ୍ରଭୁ ପରମ ଶରଣ
ଏ ଜୀବନ ଶ୍ରୀଚରଣେ କଲି ସମର୍ପଣ । ୨ ।

କବି - ଭକ୍ତକବି ମଧୁସୂଦନ ରାଓ



## ଅନ୍‌ଲାଇନ୍‌ରେ ଗୀତ ଶୁଣିବା ଓ ମିଳିମିଶି ଗାଇବା

### ହମ୍‌କୋ ମନ କି ଶକ୍ତି ଦେନା

**ଗୀତ**

ହମ୍ କୋ ମନ୍ କି ଶକ୍ତି ଦେନା ମନ ବିଜୟ କରେଁ
ଦୁସରୋଁ କି ଜୟ ସେ ପହଲେ, ଖୁଦ୍ କି ଜୟ କରେଁ
ଭେଦଭାବ ଅପନେ ଦିଲ ସେ ସାଫ କର ସକେଁ
ଦୋସ୍ତୋଁ ସେ ଭୁଲ ହୋ ତୋ ମାଫ୍ କର ସକେଁ
ଝୁଠ୍ ସେ ବଚେ ରହେଁ, ସଚ୍ କା ଦମ୍ ଭରେଁ
ଦୁସ୍‌ରୋଁ କି ଜୟ ସେ ପହଲେ, ଖୁଦ୍ କି ଜୟ କରେଁ
ମୁସ୍କିଲେଁ ପଡ଼େଁ ତୋ ହମ୍ ପେ, ଇତନା କର୍ମ କର
ସାଥ ଦେଁ ତୋ ଧର୍ମ କା, ଚଲେଁ ତୋ ଧର୍ମ ପର
ଖୁଦ୍ ପେ ହୋସଲା ରହେ, ବଡ଼ି ସେ ନା ଡରେଁ
ଦୁସ୍‌ରୋଁ କି ଜୟ ସେ ପହଲେ, ଖୁଦକି ଜୟ କରେଁ

ଗୀତିକାର - ଗୁଲଜାର
ସଂଯୋଜକ - ବସନ୍ତ ଦେଶାଇ



**ଅର୍ଥ**

ଏହି ଗୀତରେ ଆମେ ଈଶ୍ୱରଙ୍କୁ ପ୍ରାର୍ଥନା କରୁ ଯେ, ଈଶ୍ୱର ଆମ ମନରେ ବିଶ୍ୱାସ ଓ ଦୃଢ଼ତା ଆଣି ଦିଅନ୍ତୁ । ଆମେ ଅନ୍ୟମାନଙ୍କ ଉପରେ ବିଜୟ ପାଇବା ପୂର୍ବରୁ ଆମ ନିଜ ମନକୁ ନିୟନ୍ତ୍ରଣ କରିବାରେ ସାହାଯ୍ୟ କରନ୍ତୁ । ମନରୁ ଭେଦଭାବ ଦୂର କରନ୍ତୁ । ଯଦି ସାଙ୍ଗସାଥୀ ଭୁଲ କରନ୍ତି, ସେମାନଙ୍କୁ କ୍ଷମା କରିବାର ଶକ୍ତି ଦିଅନ୍ତୁ । ମିଥ୍ୟା ଠାରୁ ଦୂରେଇ ରହିବା, ସତ୍ୟ ପଥରେ ଚାଲିବା । ଯେତେବେଳେ ଆମେ କିଛି ଅସୁବିଧାର ସମ୍ମୁଖୀନ ହେଉ, ସତ୍ୟ ଧର୍ମ ପଥରେ ଚାଲିବା, ନିଜ ପ୍ରତି ଆତ୍ମବିଶ୍ୱାସ ରଖିବା ଏବଂ ଦୁର୍ଜନଙ୍କ ପ୍ରତି ଭୟ ନ କରିବା ପାଇଁ, ହେ ପରମେଶ୍ୱର ! ଆମକୁ ଶକ୍ତି ପ୍ରଦାନ କରନ୍ତୁ ।

# ଭଙ୍ଗୀ ଓ ନୃତ୍ୟ



**ଶିକ୍ଷକ, ଶିକ୍ଷୟିତ୍ରୀଙ୍କ ପାଇଁ :**

- ❖ ପ୍ରତ୍ୟେକ କ୍ରିୟାକଳାପରେ ଥିବା ନୃତ୍ୟଭଙ୍ଗୀ ଗୁଡ଼ିକୁ ପ୍ରଦର୍ଶିତ କରିବା।
- ❖ ବିଭିନ୍ନ ତାଳ ଓ ଲୟରେ ଥିବା ସହଜ ସୁମଧୁର ସଙ୍ଗୀତର ରେକର୍ଡ଼ିଂ ବ୍ୟବହାର କରିବା ଯାହାକି ପ୍ରତ୍ୟେକ ଶ୍ରେଣୀ ପାଇଁ ସହଜ ଉପଲବ୍ଧ ହେଉଥିବ।
- ❖ ପ୍ରତ୍ୟେକ କାର୍ଯ୍ୟକଳାପକୁ ଆପୋଷ ଆଲୋଚନା ମାଧ୍ୟମରେ ବୋଧଗମ୍ୟ କରାଇବା, ଯାହାକି ଶିଶୁମାନଙ୍କୁ ଉକ୍ତ କାର୍ଯ୍ୟକଳାପ ସମ୍ବନ୍ଧରେ ମୁକ୍ତ ଭାବରେ ଚିନ୍ତନ କରିବାରେ ସହାୟକ ହେବ।
- ❖ ଶିଶୁ ମାନଙ୍କ ରୁଚି ଓ ଉତ୍ସାହ ଅନୁସାରେ ପାଠ୍ୟପୁସ୍ତକରେ ଦିଆଯାଇଥିବା କ୍ରିୟାକଳାପ ଆଧାରରେ ମୁକ୍ତ ଅଭିବ୍ୟକ୍ତିରେ ସ୍ୱତନ୍ତ୍ରତା ରହିବ। ଯଦି ସେମାନେ କୌଣସି ଏକ କ୍ରିୟାକଳାପ ପ୍ରତି ବିଶେଷ ଆଗ୍ରହୀ ତା'ହେଲେ ଉକ୍ତ କ୍ରିୟାକଳାପକୁ ବିଭିନ୍ନ ପ୍ରକାରରେ ପୁନରାବୃତ୍ତି କରାଯାଇପାରେ।



- ❖ ତୁମେ ନୃତ୍ୟ ଶବ୍ଦଟି ଶୁଣିଛ କି ?

  ତାଳ, ଲୟ ଓ ସ୍ୱର ସହିତ ବିଭିନ୍ନ ଅଙ୍ଗଭଙ୍ଗୀ ମାଧ୍ୟମରେ ଭାବ ପ୍ରଦର୍ଶନକୁ ନୃତ୍ୟ କୁହାଯାଏ ।
- ❖ ନୃତ୍ୟ ଶବ୍ଦଟି ଶୁଣିବାକ୍ଷଣି ନିଶ୍ଚିତ ତୁମେମାନେ ନାଚିବାକୁ ଇଚ୍ଛା କରିବ ।

ଲଳିତା ଓ ବିଶାଖା ନାଚୁଛନ୍ତି



ନୃତ୍ୟ ଗୁରୁ ମଧ୍ୟ ନାଚୁଛନ୍ତି



ଯଦୁ ଓ ମାଧବୀ ଏକ ସଙ୍ଗରେ ନୃତ୍ୟ କରୁଛନ୍ତି



ତୁମେମାନେ ଆନନ୍ଦ ଅନୁଭବ କଲ କି ?

ଆସ, ଏଇ ଖୁସିର ମୁହୂର୍ତ୍ତକୁ ଉପଭୋଗ କରିବା ।

# ୧୧ ଆସ ନୃତ୍ୟ କରିବା

**କ୍ରିୟାକଳାପ – ୧** **ମୁକ୍ତ ଭାବରେ ସଂଚାଳିତ ହୁଅ ।**

ତୁମ ଅଞ୍ଚଳର ଏକ ପ୍ରସିଦ୍ଧ ସଙ୍ଗୀତରେ ଅଙ୍ଗ ସଞ୍ଚାଳନ କରି ନୃତ୍ୟ ପରିବେଷଣ କର ।

ଯଥା- ଏକ ପ୍ରସିଦ୍ଧ ଶିଶୁଗୀତ ବା ଲୋକ ସଙ୍ଗୀତରେ ମୁକ୍ତ ଅଙ୍ଗ ସଂଚାଳନ କରି ନୃତ୍ୟ କରିବା । ନୃତ୍ୟରେ ଅଙ୍ଗଶୁଦ୍ଧି ପାଇଁ ଦୁଇ ପ୍ରକାରର ଶାରୀରିକ ବ୍ୟାୟାମ କରିବା ।

୧. ସଶବ୍ଦ- ଶବ୍ଦ ସହିତ ବ୍ୟାୟାମ

୨. ନିଃଶବ୍ଦ- ଶବ୍ଦ ରହିତ ବା ବିନା ଶବ୍ଦରେ ବ୍ୟାୟାମ



**ଶିକ୍ଷକଙ୍କ ପାଇଁ :**


ଏକ ଶିଶୁ ସଙ୍ଗୀତ ବା ପାରମ୍ପରିକ ସଙ୍ଗୀତର ଧୂନ୍ ବା ତାଳ ବଜାନ୍ତୁ ।

## କ୍ରିୟାକଳାପ – ୨ ତାଳ ସହ ନୃତ୍ୟ

- ଗୀତ ଓ ବାଦ୍ୟର ତାଳେ ତାଳେ ନୃତ୍ୟ ପ୍ରସ୍ତୁତ କର ।
- ସଙ୍ଗୀତରେ ଅନେକ ପ୍ରକାରର ତାଳ ମିଶିକରି ଥାଏ । ବିଭିନ୍ନ ପ୍ରକାରର ତାଳ ଶୁଣିବା ଦ୍ୱାରା ତୁମେ ନିଜର ନୂତନ ଭଙ୍ଗୀ ସୃଷ୍ଟି କରିପାରିବ ।
- ତାଳ ସହ ପାଦ ପକାଅ ।
- ଗୀତର ତାଳ ସହ ତାଳି ବଜାଅ ।

**ଉଦାହରଣ**

- ସମ୍ପୂର୍ଣ୍ଣ ପାଦ କିମ୍ବା ଗୋଇଠି ବ୍ୟବହାର କର ।
- ଏକ ବୃତ୍ତାକାର ପଥ ନିର୍ମାଣ କର ।
- ତାଳ ସହ ପାଦ ପକାଇ ଓ ତାଳି ମାରି ପାଦ ଚାଳନା କର ।
- ଦର୍ଶାଯାଇଥିବା ଚିତ୍ରକୁ ଦେଖ ଓ ଅନୁସରଣ କର ।
- ବାମ ଓ ଡାହାଣ ପାଦକୁ ବ୍ୟବହାର କର ।
- ଚାରି (୪) ମାତ୍ରା ବିଶିଷ୍ଟ ତାଳ ଅନୁସାରେ ହାତରେ ତାଳି ଦିଅ ।
- **ଚୌକ ନଂ-୧ :** ଚୌକ ଭଙ୍ଗୀରେ ରହି ଦୁଇ ପାଦକୁ ଉପରକୁ ଉଠାଇ ପୁଣି ଚଟାଣରେ ବାଡ଼େଇବାର କ୍ରିୟାକୁ ବାରମ୍ବାର ଅଭ୍ୟାସ କରିବା ।
- **ଚୌକ ନଂ-୨ :** ଚୌକ ଭଙ୍ଗୀରେ ରହି ପ୍ରଥମେ ଡାହାଣ ପାଦକୁ ଉଠାଇ ଚଟାଣରେ ବାଡ଼େଇବା ଓ ଦ୍ୱିତୀୟରେ ବାମ ପାଦକୁ ଉଠାଇ ପୁଣି ଚଟାଣରେ ବାଡ଼େଇବାର କ୍ରିୟା ବାରମ୍ବାର ଅଭ୍ୟାସ କରିବା ।




**ଶିକ୍ଷକଙ୍କ ପାଇଁ**

ଶିକ୍ଷକ ଏଡ଼ି (ଗୋଇଠି) ଓ ପାଦ ଚାଳନାକୁ ଦେଖାଇ ଛାତ୍ର/ଛାତ୍ରୀମାନଙ୍କୁ ଶିଖିବାରେ ସହଯୋଗ କରିବେ ।

ଦଳଗତ (ଦୁଇରୁ ଅଧିକ ବ୍ୟକ୍ତି) ନୃତ୍ୟରେ ସମନ୍ୱୟ ରକ୍ଷା କରି ନୃତ୍ୟ କରିବା ଗୁରୁତ୍ୱପୂର୍ଣ୍ଣ ଅଟେ । ଏଥିରୁ ତୁମେ ଆନନ୍ଦ ପାଇଲ କି ? ତେବେ ସାଙ୍ଗସାଥୀମାନଙ୍କୁ ଏ ବିଷୟରେ ଅବଗତ କରାଅ ।

## କ୍ରିୟାକଳାପ – ୩ ଭଙ୍ଗୀଗୁଡ଼ିକୁ ଅନୁମାନ କର ।

ତୁମେ ଚିତ୍ରରେ ଦିଆଯାଇଥିବା ଭଙ୍ଗୀଗୁଡ଼ିକୁ ଦେଖି କିଛି ଅନୁମାନ କରିପାରୁଛ କି ? ତାହା ଏଠାରେ ଦିଆଯାଇଥିବା ବାକ୍ସ ଭିତରେ ଲେଖ ।

ସେମାନେ କ'ଣ କରୁଛନ୍ତି ? ଲେଖ ।



ଚିତ୍ର - ୧



ଚିତ୍ର - ୨



ଚିତ୍ର - ୫



ଚିତ୍ର - ୬



ଚିତ୍ର - ୩



ଚିତ୍ର - ୪

**କ୍ରିୟାକଳାପ – ୪** **ଚାରିମାତ୍ରା ବିଶିଷ୍ଟ ତାଳରେ ଭଙ୍ଗୀ**

- ଚାରିମାତ୍ରା ବିଶିଷ୍ଟ ତାଳର ବିଭିନ୍ନ ପ୍ରକାର ସମୂହକୁ ସଂଯୋଜନା କରିବାକୁ ଚେଷ୍ଟା କର।
- ଏକ ସହଜ ନୃତ୍ୟ ଭଙ୍ଗୀ ପ୍ରସ୍ତୁତ କର।
- ତୁମ ଦଳରେ ଏକ ହସ୍ତ ସଞ୍ଚାଳନ ପ୍ରକ୍ରିୟା ପ୍ରସ୍ତୁତ କର ଏବଂ ତାଳ ସହ ଏକ ପଦ୍ୟାଂଶ ମଧ୍ୟ ବୋଲ।

ଯଥା-

ନା ଧିନ୍ ଧିନ୍ ନା

ବା

ତାକ ଧିମି ତାକ ଝେଣୁ

ବା

ତା ଥେଇ ଥେଇ ତା

ଧା କଧି  ନାକ  ଧିନି

ଇତ୍ୟାଦି

**ଶିକ୍ଷକଙ୍କ ପାଇଁ**

ଚାରି ମାତ୍ରା ବିଶିଷ୍ଟ ତାଳ ପାଇଁ କ୍ରିୟାକଳାପ-୨ ଦେଖିବା



## କ୍ରିୟାକଳାପ - ୫ ହସ୍ତ ଓ ଅଙ୍ଗୁଳିର ବିଭିନ୍ନ ମୁଦ୍ରା ।

ବିଭିନ୍ନ ପ୍ରାଣୀ ମାନଙ୍କର ଗତିବିଧି ଦେଖ, ଶିଖ ଓ ଅନୁକରଣ କର ।

ତଳେ ହସ୍ତ ମୁଦ୍ରା ସାହାଯ୍ୟରେ କିଛି ପଶୁ, ପକ୍ଷୀ ଓ ଫୁଲକୁ ଦର୍ଶାଯାଇଛି । ଏଇ ହସ୍ତ ମୁଦ୍ରାଗୁଡ଼ିକ ଅଭ୍ୟାସ କର ।

ଅନ୍ୟାନ୍ୟ ପଶୁପକ୍ଷୀ, ମନୁଷ୍ୟ ତଥା ବୃକ୍ଷଲତା ଇତ୍ୟାଦିଙ୍କ ଭାବଭଙ୍ଗୀକୁ ନିରୀକ୍ଷଣ କର ଓ ତୁମ ହସ୍ତମୁଦ୍ରା ଦ୍ୱାରା ପ୍ରଦର୍ଶନ କରିବାକୁ ଚେଷ୍ଟା କର ।



ଗରୁଡ଼
(ପକ୍ଷୀ)



ଅଳପଦ୍ମ
(ଫୁଲ ପାଇଁ)



ସର୍ପଶୀର୍ଷ
(ସାପ)



ମତ୍ସ୍ୟ
(ମାଛ)



ତାମ୍ରଚୂଡ଼
(କୁକୁଡ଼ା)



ସିଂହମୁଖ
(ସିଂହ)

**କ୍ରିୟାକଳାପ - ୬** **ହାତ ସହ ପାଦର ସମନ୍ୱୟ ରକ୍ଷା କର ।**

ତୁମ ସାଙ୍ଗ ମାନଙ୍କ ସହିତ ଚାରିମାତ୍ରା ବିଶିଷ୍ଟ ତାଳ ସହ ସମନ୍ୱୟ ରକ୍ଷା କରି ସଙ୍ଗୀତର ଏକ ପଦ ବା ଏକ କ୍ଷୁଦ୍ର କଥାବସ୍ତୁରେ ହସ୍ତ ମୁଦ୍ରା ପ୍ରଦର୍ଶନ କରି ନୃତ୍ୟ କର ।



ତୁମେ ଚାରିମାତ୍ରା ଓ ଆଠ ମାତ୍ରା ବିଶିଷ୍ଟ ତାଳକୁ ବୁଝିପାରୁଛ କି ?

ତୁମେ ତାଳ ସହ ପୂର୍ଣ୍ଣ ଦକ୍ଷତାର ସହ ନୃତ୍ୟ କରିପାର କି ?

ବିଭିନ୍ନ ପଶୁ, ପକ୍ଷୀ, ଫୁଲ ତଥା ପ୍ରକୃତି ଆଦିକୁ ଦେଖାଇବା ପାଇଁ ହସ୍ତ ମୁଦ୍ରାଗୁଡ଼ିକର ବ୍ୟବହାର କର ।

ହଁ ଏହିପରି ନୃତ୍ୟ ଅଭ୍ୟାସ କର ।

**ଶିକ୍ଷକଙ୍କ ପାଇଁ**

ଚାରିମାତ୍ରା ତାଳ ବିଶିଷ୍ଟ ସହଜ ସଙ୍ଗୀତକୁ ପ୍ରାଥମିକତା ଦେବା ।

# ୧୨ ଆନନ୍ଦରେ ନୃତ୍ୟ

ନୃତ୍ୟର ଅର୍ଥ ହେଉଛି ନିଜର ସଂପୂର୍ଣ୍ଣ ଅଙ୍ଗପ୍ରତ୍ୟଙ୍ଗକୁ ବ୍ୟବହାର କରି ବିନା ଶବ୍ଦ ଓ ଭାଷାର ପ୍ରୟୋଗରେ ଭାବନାକୁ ପ୍ରକାଶ କରିବା।

ଏହା ଦୈନନ୍ଦିନ ଜୀବନର ଭାବକୁ ମଧ୍ୟ କଳାତ୍ମକ ଶୈଳୀରେ ପ୍ରକାଶ କରିଥାଏ । ନୃତ୍ୟ ପ୍ରତ୍ୟେକ ବ୍ୟକ୍ତିଙ୍କ ବ୍ୟକ୍ତିଗତ ଭାବନାରେ ଅନେକ ନୂଆ ନୂଆ ଧାରଣା ଓ ଭଙ୍ଗୀରେ ପରିପୂର୍ଣ୍ଣ ହୋଇପାରେ।



**କ୍ରିୟାକଳାପ - ୧** **ମୋ ଶରୀରର ଅଙ୍ଗପ୍ରତ୍ୟଙ୍ଗକୁ ଜାଣିବା।**

- ଏହି କ୍ରିୟାକଳାପରେ ଆମ ଶରୀରର ଅଙ୍ଗପ୍ରତ୍ୟଙ୍ଗକୁ ପ୍ରଦର୍ଶିତ କରିବା।
- ହାତ ଉପରକୁ ଉଠାଇବା ସମୟରେ ନିଃଶ୍ୱାସ ନିଅ।
- ଏହା କରିବା ଦ୍ୱାରା ତୁମେ ନିଜର ଶକ୍ତିସ୍ତର ବୃଦ୍ଧି ହେବାର ଅନୁଭବ କରିବ।
- ଆମ ନିଃଶ୍ୱାସ ପ୍ରଶ୍ୱାସ ନୃତ୍ୟର ସଙ୍ଗୀତ ଭଳି ।
- ଯୋଗ ପରି ନିଃଶ୍ୱାସ-ପ୍ରଶ୍ୱାସକୁ ଭିତର-ବାହାର କର।



ନିଃଶ୍ୱାସ-ପ୍ରଶ୍ୱାସର ବ୍ୟାୟାମ କଲା ଭଳି ଚାରିମାତ୍ରିକ ତାଳରେ ଶରୀରକୁ ସଂଚାଳନ କର,ଯେପରିକି ଆମ ଶରୀର ଏକ ଯାଦୁଗରୀ ଜିନିଷର ଅଦ୍ଭୁତ ଅଂଶ। ଏଥର ତୁମେ ଭାବ ପ୍ରକାଶ କରିବାର ଅନେକ ଶୈଳୀ ପାଇପାରିବ।

**ନୃତ୍ୟରେ ଶରୀରକୁ ଦୁଇ ଭାଗରେ ଭାଗ କରାଯାଏ ।**

୧ - ଶରୀରର ବଡ଼ ଅଙ୍ଗ ।

୨ - ଶରୀରର କ୍ଷୁଦ୍ର ଅଙ୍ଗ ।

**ବଡ଼ ଅଙ୍ଗ**

ମୁଣ୍ଡ, ହାତ, ଗୋଡ଼, ଅଣ୍ଟା

**କ୍ଷୁଦ୍ର ଅଙ୍ଗ**

କାନ୍ଧ, ଆଖି, ଭୂଲତା, ଆଖିଡୋଳା, ଗାଲ, ନାକ, ପାଟି, ଓଠ, ଦାନ୍ତ, ଜିଭ, ଚିବୁକ, ଗୋଇଠି, ଗଣ୍ଠି, ପାଦର ଆଙ୍ଗୁଳି ଓ ପଞ୍ଝା ।

**ବଡ଼ ଅଙ୍ଗର ଚିତ୍ର**





**କ୍ଷୁଦ୍ର ଅଙ୍ଗର ଚତ୍ର**



**ଶରୀର**

ବର୍ତ୍ତମାନ ତୁମ ଶରୀରର ଛୋଟ ଓ ବଡ଼ ଅଙ୍ଗକୁ ବ୍ୟବହାର କରିବାର ପାଳି । ତୁମେ କରୁଥିବା ଦୈନନ୍ଦିନ କ୍ରିୟାକଳାପଗୁଡ଼ିକୁ ଶରୀରର ଅଙ୍ଗପ୍ରତ୍ୟଙ୍ଗ ସଞ୍ଚାଳନ ଦ୍ୱାରା ପ୍ରଦର୍ଶିତ କର ।

**କ୍ରିୟାକଳାପ - ୨** **ତାଳ ସହିତ ଶରୀରର ଭଙ୍ଗୀ ।**

ଭାବିନିଅ ଯେ ତୁମେ ତୁମ ସାଙ୍ଗ ସହିତ ବାହାରେ ପ୍ରକୃତି ଗହଣରେ ଖେଳୁଛ । ତୁମେ କିଭଳି ତୁମ ଆଖିକୁ ବ୍ୟବହାର କରୁଛ, ମୁଣ୍ଡ ଟୁଙ୍ଗାରୁଛ, ଓଠ, ହାତ ଓ ଅଙ୍ଗୁଳିର ବ୍ୟବହାର ତଥା ଲମ୍ବା ଲମ୍ବା ପାଦ ଥାପି ଉତ୍ସାହର ସହ ଦୌଡ଼ୁଛ ତାହା ଲକ୍ଷ୍ୟ କର ।

ଏହି ସମୟରେ ପଶୁ-ପକ୍ଷୀ, ଗଛ-ଲତା ଆଦି କିଭଳି ତାଙ୍କର ଛୋଟ ଓ ବଡ଼ ଅଙ୍ଗପ୍ରତ୍ୟଙ୍ଗକୁ ବ୍ୟବହାର କରୁଛନ୍ତି ତାହା ଅନୁକରଣ କର । ଛୋଟ ଛୋଟ ପଦକ୍ଷେପ ସହ ତାଳ ଦେଇ ଗୀତ ଗାଇ ନୃତ୍ୟ କର ।

ଉଦାହରଣ ସ୍ୱରୂପ - ଏକ, ଦୁଇ, ତିନି, ଚାରି – ଚାରି, ତିନି, ଦୁଇ, ଏକ

ଏହି କ୍ରମରେ ନୃତ୍ୟ କର

ଆସ....... ଉପରୋକ୍ତ ସମସ୍ତ ଛୋଟ ଛୋଟ କ୍ରିୟାକଳାପକୁ ଏକାଠି କରି ଦୈନନ୍ଦିନ ଦିନଚର୍ଯ୍ୟାକୁ ନୃତ୍ୟ ମାଧ୍ୟମରେ ଦେଖାଇବା ।



ତୁମେ ପ୍ରତିଦିନ ଯେଉଁସବୁ କାମ କରୁଛ ତାହାକୁ କାହାଣୀ ଭାବରେ ବ୍ୟବହାର କରି ନୃତ୍ୟ ପରିବେଷଣ କର ।

**କ୍ରିୟାକଳାପ – ୩** **ନୃତ୍ୟରେ ଦୈନନ୍ଦିନ କାର୍ଯ୍ୟର କାହାଣୀ**

ନିଜ ଶରୀର ମାଧ୍ୟମରେ ଦେଖାଇବା ପାଇଁ ବ୍ୟବହାର କର–

- ନିଦରୁ ଉଠିବା
- ଜଳଖିଆ ଖାଇବା
- ସୁସ୍ୱାଦୁ ଖାଦ୍ୟ ଖାଇବା
- ଗୁଡ଼ାଏ ଗୃହକାର୍ଯ୍ୟ ରହିଥିବାର ଦେଖାଇବା
- ସାଇକେଲ ଚଳାଇବା
- ଅନ୍ୟାନ୍ୟ ଗତିବିଧି
- ବୃଦ୍ଧ ଲୋକ କିପରି ଚାଲନ୍ତି
- ପକ୍ଷୀ ଭଳି ଆକାଶରେ ଉଡ଼ିବା
- କାହାଣୀ କହିବା ପାଇଁ ନିଜର ସଂପୂର୍ଣ୍ଣ ଶରୀରକୁ ସାମିଲ କର । ତୁମେ ଜଣେ କାହାଣୀକାର ଅଟ ଏବଂ ଏହି ନୃତ୍ୟ ଏକ ସ୍ୱତନ୍ତ୍ର କାହାଣୀ ଅଟେ ।



**ନିଜକୁ ନିଜେ ଭାବି ଦେଖ :**

ମୁଁ ଶରୀରର ବଡ଼ ଏବଂ ଛୋଟ ଅଙ୍ଗକୁ ଜାଣିବା ସହ ସେହିଗୁଡ଼ିକ ନୃତ୍ୟର କିପରି ବ୍ୟବହୃତ ହୋଇଥାନ୍ତି, ସେ ବିଷୟରେ ଜାଣିଲି କି ?

ମୁଁ କାହାଣୀ କିପରି କହିଲି ?

ମୁଁ ମୋ ବନ୍ଧୁମାନଙ୍କ ସହ ଭଲ ସମନ୍ୱୟ ରକ୍ଷା କରିପାରୁଛି କି ?

ଟିପ୍ପଣୀ

## କ୍ରିୟାକଳାପ - ୪ ତୁମ ଲୋକନୃତ୍ୟ

ପାରମ୍ପରିକ କିମ୍ବା ଲୋକନୃତ୍ୟ

ତୁମେ "ଲୋକନୃତ୍ୟ" ଶବ୍ଦଟି ଶୁଣିଛ କି ?

ଲୋକନୃତ୍ୟ ଏକ ପରମ୍ପରାକୁ ସୂଚାଏ।

କୌଣସି ଏକ ବିଶେଷ ସମ୍ପ୍ରଦାୟର ନୃତ୍ୟଶୈଳୀ ଯାହାକି ଉତ୍ସବ ଓ ପର୍ବପର୍ବାଣୀ ସମୟରେ ପରିବେଷଣ କରାଯାଏ । ଏହି ନୃତ୍ୟ ଭିନ୍ନଭିନ୍ନ ଅଞ୍ଚଳରେ ଭିନ୍ନଭିନ୍ନ ପ୍ରକାରର ହୋଇଥାଏ।

**ଶିକ୍ଷକଙ୍କ ପାଇଁ ଟିପ୍ପଣୀ**

ଶ୍ରେଣୀରେ ଆଞ୍ଚଳିକ ଗୀତ ବଜାନ୍ତୁ ଏବଂ ପିଲାମାନଙ୍କୁ ଗୋଷ୍ଠୀରେ ସମନ୍ୱୟ ରକ୍ଷା କରି ନାଚିବାକୁ ପରାମର୍ଶ ଦିଅନ୍ତୁ।



## କ୍ରିୟାକଳାପ - ୫

୩ ରୁ ୪ ଜଣ ଲୋକନୃତ୍ୟ କରୁଥିବାର ଏକ ଚିତ୍ର ଅଙ୍କନ କର।

ତୁମେ କୌଣସି ଉତ୍ସବ ବା ପର୍ବପର୍ବାଣୀରେ ଯୋଗ ଦେଇଛ କି ?

ତୁମେ ଉତ୍ସବ ବା ପର୍ବପର୍ବାଣୀରେ ନାଚିଛ କି ?

ତୁମେ ଗୋଟିଏ ପର୍ବରେ କେଉଁ ପ୍ରକାରର ନୃତ୍ୟ ଦେଖିଛ ?

ତୁମେ ଓ ତୁମର ସାଙ୍ଗମାନେ ଏକାଠି ନାଚିପାର କି ?

ମନେପକାଇବାକୁ ଚେଷ୍ଟା କର - ତୁମେ ପର୍ବରେ କେଉଁ ପ୍ରକାରର ସଙ୍ଗୀତ ଶୁଣିଥିଲ, ଯେଉଁଥିରେ ଲୋକମାନେ ନାଚୁଥିଲେ ଏବଂ ସେମାନେ କିପରି ପୋଷାକ ପିନ୍ଧିଥିଲେ ?

# ୧୩ ମୁଁ ଖେଳେ ଓ ନାଚେ

ଏକ ନୂତନ ଦୁନିଆଁର ସନ୍ଧାନ କରିବା । ଏଠାରେ ତୁମକୁ ନୃତ୍ୟରେ ବ୍ୟବହୃତ ପାଦରୁ ସୃଷ୍ଟି ହେଉଥିବା ଶବ୍ଦ ଏବଂ ବାଦ୍ୟଯନ୍ତ୍ରର ଧ୍ୱନିକୁ ଗଭୀରଭାବରେ ନିରୀକ୍ଷଣ କରିବାକୁ ହେବ ।

ନୃତ୍ୟରେ ପଦଚାଳନାର ବହୁତ ପ୍ରକାରର ଶୈଳୀ ରହିଛି । ନୃତ୍ୟର ଭଙ୍ଗୀ ଓ ଗତି ବାଦ୍ୟର ତାଳ ଉପରେ ନିର୍ଭରେ କରେ । ନୃତ୍ୟରେ ତାଳ ପାଇଁ କେତେ ପ୍ରକାରର ବାଦ୍ୟଯନ୍ତ୍ର ବ୍ୟବହୃତ ହୁଏ ତୁମେ କହିପାରିବ କି ?





**କ୍ରିୟାକଳାପ – ୧ ନୃତ୍ୟ ଭଙ୍ଗୀର ଶୈଳୀ**

ପାଦ ଚାଳନା କରି ଏକ ଗତିବିଧି ନିର୍ମାଣ କରବା ଯେପରି- ଟାପ୍ (ପାଦକୁ ଚଟାଣରେ ଆଘାତ କରି ବା ବାଡ଼େଇ)

[ଟାପ୍ (ପାଦ)-ଟାପ୍ (ପାଦ)-ଟୋ (ପଞ୍ଝା)- ଟାପ୍ (ପାଦ) କିମ୍ବା କରତାଳି ସହ ଟାପ୍ (ପାଦ)- ଟାପ୍ (ପାଦ)- ହିଲ୍ (ଗୋଇଠି)-ହିଲ୍ (ଗୋଇଠି)-ଟାପ୍ (ପାଦ)] ।

- ଏକ ତାଳବଦ୍ଧ ଶୈଳୀରେ ପାଦ ପକାଅ
- ଏକ ନିର୍ଦ୍ଦିଷ୍ଟ ଆକୃତିରେ ଗତି କରିବାକୁ ଚେଷ୍ଟା କର, ଯେପରିକି ଏକ ବୃତ୍ତାକାର ଆକାର ଗଠନ ହେବ । ବିଭିନ୍ନ ପ୍ରକାରର ଆକୃତି ଯଥା- ବୃତ୍ତାକାର, କୁଣ୍ଡଳି ଏବଂ ରେଖା ଇତ୍ୟାଦିକୁ ନୃତ୍ୟ ମାଧ୍ୟମରେ ତିଆରି କରିପାରିବ କି ?

ଯେତେବେଳେ ତୁମେ ଏକ କ୍ରମରେ ଗତି କର, ସେତେବେଳେ ତାଳକୁ ଏହିପରି ଏକାଠି ଗଣନା କର । ଯେପରି–

୧, ୨, ୩, ୪ । ୪, ୩, ୨, ୧

**କ୍ରିୟାକଳାପ – ୨** **ବାଦ୍ୟଯନ୍ତ୍ର ଓ ଉପକରଣ ସହ ମଜା**

ଉପଲବ୍ଧ ବାଦ୍ୟଯନ୍ତ୍ର ସାହାଯ୍ୟରେ ତାଳ ଓ ଲୟବଦ୍ଧ ଗତିବିଧି ସୃଷ୍ଟି କରିବାକୁ ଚେଷ୍ଟା କର।

ଏହି ବାଦ୍ୟଯନ୍ତ୍ର ଗୁଡ଼ିକର ନାମ କୁହ ।









ତୁମେ ବାସନ କୁସନ ବଜାଇ ଧ୍ୱନି ସୃଷ୍ଟି କରି ମଧ୍ୟ ମଜା ନେଇପାର।

ରୋଷେଇ ଘରର ବାସନ କୁସନକୁ ମଧ୍ୟ ତୁମେ ବାଦ୍ୟଯନ୍ତ୍ର ଭାବରେ ବ୍ୟବହାର କରିପାରିବ।



ବର୍ତ୍ତମାନ ଆଗକୁ ଉପଲବ୍ଧ ଉପକରଣଗୁଡ଼ିକୁ ବ୍ୟବହାର କରି ବିଭିନ୍ନ ଗତିବିଧି ନିର୍ମାଣ କରିବାକୁ ହେବ ।

ଉଦାହରଣ ସ୍ୱରୂପ, ଏକ ରିବନ(ଫିତା) କିମ୍ବା ଏକ ରିଂ (ବଳୟ)କୁ ନୃତ୍ୟ ଉପକରଣ ଭାବରେ ବ୍ୟବହାର କରିବା ।





ନୃତ୍ୟରେ ନୂତନ ଗତିବିଧି ଗୁଡ଼ିକ ନିର୍ମାଣ କର ।

ତୁମେ ବିଭିନ୍ନ ଉପକରଣଗୁଡ଼ିକୁ ବ୍ୟବହାର କରି ଆନନ୍ଦିତ ହେଉଛ କି ?

ନୃତ୍ୟର ଗତିବିଧି ସହ ସଙ୍ଗୀତ ଓ ତାଳ ମଧ୍ୟରେ ସମନ୍ୱୟ ରଖିବାକୁ ପ୍ରସ୍ତୁତ ହୁଅ ।

ହଁ... ବର୍ତ୍ତମାନ ଆମେ ଏହି ତିନୋଟି ଜିନିଷକୁ ଏକାଠି କରିବାକୁ ଚେଷ୍ଟା କରୁଛୁ ।

## କ୍ରିୟାକଳାପ - ୩ ସଙ୍ଗୀତ ସହ ଅଙ୍ଗଭଙ୍ଗୀ

ବିଭାଗ- ୧ : ଗୀତ ପାଇଁ ଅଙ୍ଗଭଙ୍ଗୀ ପ୍ରଦର୍ଶିତ କର

ବିଭାଗ- ୨ : ଏକ ଗୀତ ଗାଅ

ବିଭାଗ-୩ : ଗୀତରେ ତାଳ ଦିଅ

**ଶିକ୍ଷକଙ୍କ ପାଇଁ ଟିପ୍ପଣୀ**

ତିନୋଟି ଦଳ ଗଠନ କରନ୍ତୁ ।

ପ୍ରତ୍ୟେକ ଦଳ ମଧ୍ୟରେ ସମନ୍ୱୟ ରକ୍ଷା କରିବାକୁ ନିଶ୍ଚିତ ଚେଷ୍ଟା କରନ୍ତୁ ।

## କ୍ରିୟାକଳାପ - ୪ ତିନି ମାତ୍ରା ବିଶିଷ୍ଟ ତାଳ

ଏହି କ୍ରିୟାକଳାପରେ ତାଳକୁ ଆହୁରି ଅଧିକ ଜାଣିବା ।

ତୁମେମାନେ ୪ ମାତ୍ରା ବିଶିଷ୍ଟ ତାଳ ସହ ପରିଚିତ । ଏବେ ଆମେ ୩ ମାତ୍ରାବିଶିଷ୍ଟ ତାଳ ସମ୍ବନ୍ଧରେ ଜାଣିବା ।

୩ ମାତ୍ରିକ ତାଳ ବିଶିଷ୍ଟ ପଦ୍ୟାଂଶ - ଏକ, ଦୁଇ, ତିନି ବା

ତା, କି, ତା ଏବଂ ଟେପ୍, ଟାପା, ଟେପ୍ ଓ ଧା ଧି ନା

ତୁମେ ୨, ୩, ୪ ମାତ୍ରାର ସମନ୍ୱୟ କରିବାକୁ ପ୍ରସ୍ତୁତ କି ?



## କ୍ରିୟାକଳାପ - ୫ ବିଭିନ୍ନ ତାଳର ବିଭିନ୍ନ ଢାଞ୍ଚା

ଶ୍ରେଣୀକୁ ୩ଟି ଦଳରେ ଭାଗ କରନ୍ତୁ ।

ଦଳ- ୧ : ଦୁଇ ମାତ୍ରା ବିଶିଷ୍ଟ ତାଳକୁ ଏକ, ଦୁଇ କରି ଗଣିବେ ।

ଦଳ- ୨ : ତିନି ମାତ୍ରା ବିଶିଷ୍ଟ ତାଳକୁ ଏକ, ଦୁଇ, ତିନି କରି ଗଣିବେ ।

ଦଳ-୩ : ଚାରି ମାତ୍ରା ବିଶିଷ୍ଟ ତାଳକୁ ଏକ, ଦୁଇ, ତିନି, ଚାରି କରି ଗଣିବେ ।

ପାଦ ବାଡ଼େଇବା ଓ ତାଳି ଦେବା ସମୟରେ ଗୋଟିଏ ପରେ ଆଉ ଗୋଟିଏ ମାତ୍ରାକୁ ଗଣନା କରିବା । ଏହି କ୍ରିୟା ସହ ସମନ୍ୱୟ ରକ୍ଷା କରି ଶରୀର ସଞ୍ଚାଳନ କର ।

ଏକା ସାଙ୍ଗରେ ଅଭ୍ୟାସ କରିବାର ମହତ୍ତ୍ୱ ଓ ଆବଶ୍ୟକତା ସମ୍ବନ୍ଧରେ ତୁମେ ବୁଝିପାରୁଛ କି ?

ଦୁଇଜଣ କରି ହେଉ ବା ଦଳଗତ ନୃତ୍ୟରେ ସମନ୍ୱୟ ରକ୍ଷା କରିବା ପାଇଁ ବାରମ୍ବାର ଅଭ୍ୟାସ କରିବାର ଆବଶ୍ୟକତା ରହିଛି ।

**ଶିକ୍ଷକଙ୍କ ପାଇଁ ଟିପ୍ପଣୀ**

ଛାତ୍ର/ଛାତ୍ରୀଙ୍କୁ ଦଳ ଗଠନ ଏବଂ ତାଳ ଗଣନାରେ ସାହାଯ୍ୟ କରିବେ ।



ନୃତ୍ୟରେ ମୁଁ କେଉଁ ବାଦ୍ୟଯନ୍ତ୍ର ବ୍ୟବହାର କଲି ?

ମୁଁ ମୋ ସାଙ୍ଗମାନଙ୍କ ସହ ଉତ୍ତମ ସମନ୍ୱୟ ରକ୍ଷା କରୁଛି କି ?

# ୧୪ ପ୍ରକୃତି ସହିତ ନୃତ୍ୟ

ତୁମେ କେବେ ପ୍ରକୃତିର ନୃତ୍ୟ ଦେଖିଛ କି ? ସେଇ ପ୍ରକୃତିରେ ଅନେକ ପ୍ରକାର ଗତିବିଧି ରହିଥାଏ ତାହା କେତେବେଳେ ହୁଏ ତୁମେ ଲକ୍ଷ୍ୟ କରିଛ କି ?

ହଁ ! ତୁମର ଆଖପାଖରେ ଅନେକ ପ୍ରକାରର ନୃତ୍ୟ ଉପାଦାନ ଭରି ରହିଛି ।

ପ୍ରକୃତିର ମଧ୍ୟ ନିଜସ୍ୱ ସ୍ୱତନ୍ତ୍ର ନୃତ୍ୟ ଭଙ୍ଗୀ ରହିଛି ।



## କ୍ରିୟାକଳାପ – ୧ ପ୍ରକୃତି ଏବଂ ଅଙ୍ଗଭଙ୍ଗୀ

ତୁମର ହାତ, ବାହୁ ଏବଂ ଶରୀରକୁ ବ୍ୟବହାର କରି ସୁନ୍ଦର ଓ ସରଳ ଭାବରେ ପ୍ରକୃତିର ବିଭିନ୍ନ ଦୃଶ୍ୟକୁ ଦେଖାଇବାକୁ ଚେଷ୍ଟା କର ।

ପ୍ରକୃତିରେ ଅନେକ ଫୁଲ ଓ ଗଛଲତା ରହିଛି । ସେମାନଙ୍କ ଆକୃତିରେ ମଧ୍ୟ ଭିନ୍ନତା ରହିଛି । ନିଜର ଚତୁଃପାର୍ଶ୍ୱକୁ ନିରୀକ୍ଷଣ କର ।

- ପଶୁ, ପକ୍ଷୀ, ପ୍ରଜାପତି ଏବଂ କୀଟପତଙ୍ଗ ଇତ୍ୟାଦି ।
- ହାତୀ କିପରି ଚାଲେ ଏବଂ ମାଙ୍କଡ଼ କିପରି ଆଚରଣ କରେ ?
- ନିଜର ସମ୍ପୂର୍ଣ୍ଣ ହସ୍ତକୁ ବ୍ୟବହାର କରି ଓ ଲମ୍ବା ପାଦ ପକାଇ ଶରୀରକୁ ଚଳପ୍ରଚଳ କରିବା ସହିତ ସେମାନଙ୍କ ଅଙ୍ଗଭଙ୍ଗୀକୁ ନକଲ କରିବାକୁ ଚେଷ୍ଟା କର ।

ଆସ, ତାଳ ସହ ପଦ ଚାଳନା ଓ ଭଙ୍ଗୀ ପ୍ରଦର୍ଶନ କରିବା ।

ତୁମେ ତୁମ ନିଜ ସ୍ୱର ମାଧ୍ୟମରେ ସଙ୍ଗୀତ ମଧ୍ୟ ସୃଷ୍ଟି କରିପାରିବ ।

## କ୍ରିୟାକଳାପ - ୨ ପ୍ରକୃତି ଏବଂ ଛନ୍ଦମୟ ଗତିବିଧି

ପ୍ରକୃତିରୁ କୌଣସି ପକ୍ଷୀ, ପଶୁ କିମ୍ବା କୌଣସି ଉପାଦାନକୁ ବାଛିବା।

ତୁମ ଶରୀରର ବଡ଼ ଏବଂ ଛୋଟ ଅଙ୍ଗକୁ ବ୍ୟବହାର କରି ସେମାନଙ୍କ ଗତିବିଧିକୁ ପ୍ରଦର୍ଶିତ କର।

ଉଦାହରଣ ସ୍ୱରୂପ, ଏକ ମୟୂର କିଭଳି ୪ ମାତ୍ରା ବିଶିଷ୍ଟ ତାଳରେ ସୁନ୍ଦର ଭାବରେ ନୃତ୍ୟ କରେ।

- ତୁମ ମୁଣ୍ଡକୁ ଆଗକୁ ଓ ପଛକୁ ସଞ୍ଚାଳନ କର।
- ତୁମ ଦୁଇହାତକୁ ପ୍ରସାରିତ କର।
- ତୁମ ପାଦ ଆଙ୍ଗୁଠି ସାହାଯ୍ୟରେ ଚାଲ।





## କ୍ରିୟାକଳାପ - ୩ ନୃତ୍ୟରେ ପ୍ରକୃତିର କାହାଣୀ

ଏବେ ସମସ୍ତେ ଏକାଠି ମଜା କରିବାର ସମୟ ଆସିଛି ।

କ'ଣ ତୁମେମାନେ ପ୍ରସ୍ତୁତ ତ ?

ପ୍ରକୃତିରୁ ତୁମର ପ୍ରିୟ ବିଷୟବସ୍ତୁକୁ ବାଛ ।

ଉଦାହରଣ ସ୍ୱରୂପ -

- ଗ୍ରୀଷ୍ମ, ବର୍ଷା, ଶୀତ ଏବଂ ବସନ୍ତ ପ୍ରଭୃତି ଋତୁ
- ଜଙ୍ଗଲରେ ଗୋଟିଏ ଦିନ
- ପ୍ରବଳ ବର୍ଷା

ତୁମେ ଋତୁ ପରିବର୍ତ୍ତନ ହେଉଥିବାର ଦେଖେଇପାର ।

- ଗ୍ରୀଷ୍ମ ପାଇଁ ସୂର୍ଯ୍ୟ - ଏକ ଗୋଲାକାର ଗତି ସହ ଥକି ଯାଇଥିବା ଶରୀର
- ଶୀତ ପାଇଁ ପବନ - ତୁମ ହାତକୁ ଏପାଖରୁ ସେପାଖ କରି ଦେଖାଅ ।
- ମୌସୁମୀ ପାଇଁ ବର୍ଷା ଏବଂ ଝଡ଼ - ବଡ଼ ବଡ଼ ପାଦ ପକାଇବା ସହିତ ଘୁରିବା ଓ ବୁଲିବା ।
- ତୁମ ପସନ୍ଦ ଅନୁଯାୟୀ ବସନ୍ତ ଋତୁରେ ହୋଲି ଖେଳିବା ।



ନୃତ୍ୟ ମାଧ୍ୟମରେ ପ୍ରକୃତିର ଏକ କାହାଣୀ କହିବା ।

ପୁଣି ଏଥରେ ନିଜ ନିଜ ମଧ୍ୟରେ ଅନେକ ବୁଝାମଣା ଓ ସମନ୍ୱୟର ଆବଶ୍ୟକତା ରହିଛି ।

ପୂର୍ବରୁ ଶିଖିଥିବା ଏକ ଲୋକ ନୃତ୍ୟକୁ ତୁମେ ମନେ ପକାଇ ପାରୁଛ କି ?

ଆସ ଆରମ୍ଭ କରିବା ........

## କ୍ରିୟାକଳାପ - ୪ ଏକ ଆଞ୍ଚଳିକ ଗୀତରେ ନୃତ୍ୟ

କୌଣସି ଆଞ୍ଚଳିକ ଗୀତ ସମ୍ପର୍କରେ ତୁମେ ଜାଣିଛ କି ? ଯାହାକି ଆମ ଦେଶର ବିଭିନ୍ନ ଅଞ୍ଚଳରେ ଗାନ କରାଯାଏ ।

ସେଇ ଗୀତରେ ତୁମେ ତୁମ ସାଙ୍ଗ ସହ ଏକ ନୃତ୍ୟ ପରିବେଷଣ କରିପାରିବ କି ?

- ତାଳର ପରିଚୟ ଦିଅ ।
- ସ୍ୱତନ୍ତ୍ର ଆଞ୍ଚଳିକ ନୃତ୍ୟ ପାଇଁ ପଦଚାଳନା କରିବାକୁ ଚେଷ୍ଟା କର ।
- ଏକକ, ଦ୍ୱୈତ ଏବଂ ଦଳଗତ ଭାବରେ ନୃତ୍ୟ ପ୍ରଦର୍ଶନ କର ।

ବିଦ୍ୟାଳୟର ସମ୍ମିଳନୀ ସଭାରେ ନୃତ୍ୟ ପରିବେଷଣ କଲେ କେମିତି ହେବ ?

ଆସ ଅଭ୍ୟାସ କରିବା ।

ଆମ ଦେଶରେ ବିଭିନ୍ନ ପ୍ରକାରର ଆଞ୍ଚଳିକ ନୃତ୍ୟ ରହିଛି ।

ତା' ମଧ୍ୟରୁ କିଛି ନୃତ୍ୟ ଆମର ମୁଖ୍ୟ ପର୍ବପର୍ବାଣୀ ତଥା କାର୍ଯ୍ୟକ୍ରମମାନଙ୍କରେ ଆମେ ସମସ୍ତେ ଦେଖିବାର ସୁଯୋଗ ପାଇଥାଉ ।

ଉପରୋକ୍ତ କ୍ରିୟାକଳାପଗୁଡ଼ିକ ପରିବେଷଣ କଲାପରେ ତୁମେ କିପରି ଅନୁଭବ କରୁଛ ?



**ଶିକ୍ଷକଙ୍କ ପାଇଁ ଟିପ୍ପଣୀ**

ଶିକ୍ଷକ କିମ୍ବା ଅଭିଭାବକ ଗୀତ ଚୟନ କରି ଉକ୍ତ କ୍ରିୟାକଳାପରେ ସାହାଯ୍ୟ କରିପାରିବେ ।

ପ୍ରାୟତଃ ଲୋକନୃତ୍ୟ ମାନଙ୍କରୁ ଅନେକ ଦଳଗତ ଭାବରେ ପରିବେଷଣ କରାଯାଏ ।

ପ୍ରତ୍ୟେକ ଲୋକନୃତ୍ୟର ଏକ ବିଶେଷ ବିଷୟବସ୍ତୁ ରହିଥାଏ ।

ଲୋକ ନୃତ୍ୟଗୁଡ଼ିକ ସାଧାରଣତଃ ଧାର୍ମିକ କାର୍ଯ୍ୟ, ଲୋକ ଏକତ୍ରିତ ହେବା ବା ଉତ୍ସବାନୁଷ୍ଠାନ ଆଦି ମାନଙ୍କରେ ପରିବେଷିତ ହୋଇଥାଏ ।

ଲୋକ ନୃତ୍ୟଗୁଡ଼ିକ ସମସ୍ତଙ୍କ ଦ୍ୱାରା ଏକତ୍ରିତ ଭାବରେ ପରିବେଷିତ ହୁଏ ।



# ନାଟ୍ୟକଳା



**ଶିକ୍ଷକଙ୍କ ପାଇଁ :**

- ଏହି ବିଭାଗର ଅନୁଚ୍ଛେଦ ଏବଂ ପାଠଗୁଡ଼ିକୁ ନାଟକର ଅଙ୍କ ଓ ଦୃଶ୍ୟ ଭଳି ବିଭକ୍ତ କରାହୋଇଛି । ସେହି ଅନୁସାରେ ଅନୁଚ୍ଛେଦ ଓ ପାଠ ଭାବରେ ଅଭିହିତ କରାଯାଇଛି ।

  ଅଙ୍କ - ୧ = ଅନୁଚ୍ଛେଦ - ୧

  ଦୃଶ୍ୟ - ୧ = ପାଠ - ୧

  ଦୃଶ୍ୟ - ୨ = ପାଠ - ୨

- ବିଦୂଷକ ହେଉଛନ୍ତି ଭାରତର ଏକ ପାରମ୍ପରିକ ଚରିତ୍ର । ବିଶେଷ କରି ସଂସ୍କୃତ ନାଟକରେ ହାସ୍ୟରସ ପରିବେଷଣ ତଥା ଅନୁବାଦକ ଭାବରେ ଏହି ଚରିତ୍ରଙ୍କ ଆବିର୍ଭାବ ହୋଇଛି । ଏହି ଚରିତ୍ର ପରିସ୍ଥିତି ଅନୁଯାୟୀ ଆବଶ୍ୟକ ହେଉଥିବା ଯେକୌଣସି ଚରିତ୍ରର ରୂପ ଧାରଣ କରି ତା' ସମ୍ବନ୍ଧରେ ବର୍ଣ୍ଣନା କରିପାରନ୍ତି । ଏଠାରେ ତାଙ୍କୁ ଶିଶୁମାନଙ୍କର ବନ୍ଧୁ ଭାବରେ ବ୍ୟବହାର କରାଯାଇଛି, ଯିଏକି ସେମାନଙ୍କୁ ନାଟକର ବିଭିନ୍ନ ବିଭାଗ ସହିତ ପରିଚିତ କରାଇ, ଗୋଟିଏ କ୍ରିୟାକଳାପ ଠାରୁ ଆଗକୁ ବଢ଼ିବା ପାଇଁ ମାର୍ଗ ଦେଖାଇଥାଏ । ବିଦୂଷକଙ୍କ ଦ୍ୱାରା ବର୍ଣ୍ଣିତ ଏହି ପାଠ୍ୟକ୍ରମକୁ ଶିଶୁମାନେ ଗ୍ରହଣ କରିବା ଗୁରୁତ୍ୱପୂର୍ଣ୍ଣ ।

- ଏକ ପ୍ରଶସ୍ତ କୋଠରୀ କିମ୍ବା ଖେଳପଡ଼ିଆ, ଯେଉଁଠାରେ କି ଶିଶୁମାନଙ୍କ ଦେହରେ ଆଘାତ ଲାଗିଲାଭଳି କୌଣସି ମୁନିଆ, ଧାରୁଆ ସାମଗ୍ରୀ ନ ଥିବ – ଯେଉଁଠାରେ ଶିଶୁମାନେ ମୁକ୍ତ ଭାବରେ ବିଚରଣ କରିପାରିବେ ସେହିଭଳି ସ୍ଥାନଟିଏ ସେମାନଙ୍କୁ ଯୋଗାଇଦେବା ଆବଶ୍ୟକ ।

- ଶିଶୁମାନଙ୍କୁ କୌଣସି କ୍ରିୟାକଳାପ କରିବା ପାଇଁ କହିବା ପୂର୍ବରୁ ଶିକ୍ଷକ ନିଜେ ଉକ୍ତ କ୍ରିୟାକଳାପକୁ ପ୍ରଦର୍ଶନ କରି ଦେଖାଇବାକୁ ହେବ । ଏହା ଗୁରୁତ୍ୱପୂର୍ଣ୍ଣ ଯେ, ଶିଶୁମାନଙ୍କୁ ନିଜସ୍ୱ ବିଚାର ଓ ପରିସ୍ଥିତି ସହ ଆଗକୁ ଆଗେଇ ଆସିବାକୁ ସୁଯୋଗ ଦେବା ।

- ଆବଶ୍ୟକତା ଅନୁଯାୟୀ ଶିକ୍ଷକ ଶ୍ରେଣୀରେ ଯେକୌଣସି କ୍ରିୟାକଳାପକୁ ପୁନରାବୃତ୍ତି କରିପାରିବେ ।





ତୁମେ ତୁମ ସାଙ୍ଗମାନଙ୍କ ସହିତ ଥଟ୍ଟା ମଜା ଖେଳ ଖେଳିଛ କି ?





ମୁଁ ଜାଣେ ତୁମେ ବିଭିନ୍ନ ପରିସ୍ଥିତି ସୃଷ୍ଟି କରି ମଜା କର ।



ମୁଁ ନିଶ୍ଚିତ ଯେ ତୁମେ ତୁମ ଖେଳଣା ଗୁଡ଼ିକ ନେଇ ଏକ କାହାଣୀ ନିର୍ମାଣ କରିଛ !



ଗୋଟିଏ ନୂଆ ଦୁନିଆକୁ ଯିବାକୁ ତୁମେ ନିଶ୍ଚୟ କଳ୍ପନା କରୁଥିବ...

ଯଦି ହଁ, ତାହାହେଲେ ତୁମେ ନାଟକପାଇଁ ସମ୍ପୂର୍ଣ୍ଣ ଉପଯୁକ୍ତ । (ନାଟ୍ୟକଳା) ନାଟକ ଏକ ମଜାଳିଆ ମାଧ୍ୟମ ଯେଉଁଥିରେ କାହାଣୀ ଜୀବନ୍ତ ହୋଇଥାଏ । ଏଥିରେ ତୁମେ ଯାହା କଳ୍ପନା କର ତାହା ତୁମ ସମ୍ମୁଖରେ ଘଟିପାରେ । ଧାରଣା, ଭାବନା, ପରିସ୍ଥିତି ଏବଂ କାହାଣୀଗୁଡ଼ିକ ନିଜ ଆଗରେ ଜୀବନ୍ତ ଭାବରେ ଦେଖାହେଲା ଭଳି ଲାଗେ ।

ଏହା କ'ଣ ଅଧିକ ରୋମାଞ୍ଚକର ନୁହେଁ କି ?



ବର୍ତ୍ତମାନ ନିଜକୁ ଏକ କାହାଣୀ, ପରିସ୍ଥିତି ଓ ଭାବମାନଙ୍କର ଏକ ଅଂଶ ବୋଲି କଳ୍ପନା କର... ତୁମେ ତୁମ ବାସ୍ତବ ଜୀବନକୁ ଫେରିଯିବା ପୂର୍ବରୁ ଏହା ଭିତରେ କିଛି ସମୟ ପାଇଁ ରହି ଏହାକୁ ଅନୁଭବ କର – ଏହା ରୋମାଞ୍ଚକର ନୁହେଁ କି ?

ଆସ, ନାଟକ ଦୁନିଆକୁ ଯିବା । ଏହା ତୁମକୁ ହସାଇବ ଓ କନ୍ଦାଇବ । ଏଥିରୁ ତୁମେ ଜୀବନର ଅନେକ ଶିକ୍ଷା ମଧ୍ୟ ପାଇପାରିବ ।

## ନମସ୍କାର ବିଦୂଷକ !



ନମସ୍କାର ! ମୁଁ ହେଉଛି ବିଦୂଷକ।
ମୁଁ ନାଟକରେ ବହୁ କାଳରୁ ରହି ଆସିଛି।
ନାଟକର ପ୍ରତି ଘଟଣା ସହିତ ମୁଁ ଭଲ ଭାବରେ ପରିଚିତ। ମୁଁ ଏଠାରେ ରହି ପ୍ରତି ଘଟଣାକୁ ଉପଭୋଗ କରେ।
ମୁଁ ତୁମମାନଙ୍କୁ ଏକ ଅତି ରୋମାଞ୍ଚକର ଭ୍ରମଣରେ ନେଇଯିବି ଏବଂ ମୋ ଦୁନିଆ ସହିତ ତୁମକୁ ପରିଚିତ କରାଇଦେବି।

ଅତି ସୁନ୍ଦର ! ତୁମେ କିଛି ଛାଡ଼ି ଯାଇଛ କି ? ତୁମର ତାଲିକାଟି ଭାରି ଭଲ ଦେଖାଯାଉଛି ! କିନ୍ତୁ ତୁମ ତାଲିକାରେ ଥିବା ସେହି ଜିନିଷ ସହିତ ତୁମ ଚାରିପାଖରେ ଥିବା ସ୍ଥାନ ଓ ତୁମ ମନର ଭାବନାଗୁଡ଼ିକୁ ଲେଖିବାକୁ ମନେପକାଇପାରୁଛ କି ? ଏହିଗୁଡ଼ିକ ତୁମପାଇଁ ନିହାତି ଆବଶ୍ୟକ ଓ ଗୁରୁତ୍ୱପୂର୍ଣ୍ଣ ବିଷୟ ଅଟେ।

ଆସ ଏହା ବିଷୟରେ ଅଧିକ ଜାଣିବା।

ପ୍ରଥମେ, ତୁମେ ଯେଉଁ ଜିନିଷଗୁଡ଼ିକୁ ନାଟକର ଅଂଶବିଶେଷ ବୋଲି ଭାବୁଛ ତାହାର ଏକ ତାଲିକା ତିଆରି କର।

_______________ _______________ _______________

_______________ _______________ _______________

## ୧୫ ବିଶଦ ଆଲୋଚନା

**ଅଙ୍କ – ୧   ଦୃଶ୍ୟ – ୧   ଅଦ୍ଭୁତ ପଦ ଚାଳନା**

**କ୍ରିୟାକଳାପ – ୧**

ତୁମେ ଯେଉଁ ସ୍ଥାନରେ ଅଛ, ସେଠାରେ ତୁମ ଚାରିପାଖରେ ଥିବା ଜିନିଷପତ୍ର, ତୁମ ଶରୀର, ମନ ଓ ତୁମ ଦଳର ଅନ୍ୟ ସାଙ୍ଗମାନଙ୍କ ସହିତ ତୁମର ସମ୍ପର୍କ ଆଦିକୁ ଖୋଜି ବାହାର କର । ତାହା ଭିତରେ ନୂଆନୂଆ ସମ୍ଭାବନାଗୁଡ଼ିକୁ ମଧ୍ୟ ଖୋଜି ବାହାର କରିବାକୁ ଶିକ୍ଷା କର । ସେତେବେଳେ ଚିନ୍ତା କରିବାର ନୂଆନୂଆ ବାଟ ସବୁ ଭଲ ଭାବରେ ଦେଖାଯିବ ।

### ଦ୍ରୁତ ପଦଚାଳନା

କୋଠରୀ ବା ଖେଳ ପଡ଼ିଆରେ ମନଇଚ୍ଛା ଚାଲ । ଗୋଟିଏ ବାଟରେ ସବୁବେଳେ ଯାଅ ନାହିଁ ।

ସମାନ ପଥକୁ ସବୁବେଳେ ଅନୁସରଣ କରନାହିଁ କିମ୍ବା ଗୋଲାକାରରେ ବୁଲ ନାହିଁ । ନିର୍ଦ୍ଦେଶ ନ ମିଳିବା ପୂର୍ବରୁ ଅଟକି ଯାଅ ନାହିଁ । କାହାରିକୁ ଛୁଅଁ ନାହିଁ ବା ଅନ୍ୟର ପାଦରେ ପାଦ ପକାଅ ନାହିଁ । ସବୁକଥା ମନ ଦେଇ ଶୁଣ ଓ ଯିବା ସମୟରେ ସେହି ନିର୍ଦ୍ଦେଶ ପାଳନ କର ।

❖ ତୁମକୁ ତୁମ ଶିକ୍ଷକ ଦ୍ରୁତ ବେଗରେ ଚାଲିବା ବିଷୟରେ ବାରମ୍ବାର ପରାମର୍ଶ ଦେବେ ।

❖ ‘୫’ ହେଉଛି ତୁମ ଚାଲିବାର ସାଧାରଣ ବେଗ, ‘୧’ ହେଉଛି ଅତି ଧୀର ବେଗ ‘୧୦’ ହେଉଛି ଚାଲିବାର ଦ୍ରୁତତମ ବେଗ (ଦୌଡ଼ିବା ନୁହେଁ) ।

❖ ଆରମ୍ଭ - ବେଗ ‘୫’ ରେ କୋଠରୀ ମଧ୍ୟରେ ଚାଲ, ବେଗ ‘୮’ରେ ଚାଲ ଏବଂ ବେଗ ‘୩’ ରେ ମଧ୍ୟ ଚାଲ (ଏବଂ ୨୦ ରୁ ୨୫ ସେକେଣ୍ଡ୍ ବିରତି ନେଇ ପୁଣି ଚାଲ) ।

❖ ୪, ୫ ମିନିଟ୍ ଏହିପରି ଚାଲିବା ପରେ (କିମ୍ବା ଯେତେବେଳେ ଶିକ୍ଷକ ଅନୁଭବ କରିବେ ଯେ ପିଲାମାନେ ଉପଯୁକ୍ତ ତାଳ ଲୟରେ ଅଛନ୍ତି) ‘ସ୍ଥିର ହୁଅ’ ଶବ୍ଦ ବ୍ୟବହାର କରି ସ୍ଥିର ହୁଅ ଏବଂ ତାହାପରେ ପୁଣି ଅଲଗାଅଲଗା ବେଗରେ ଚାଲ ।





**ତୁମେ ଶିଖିବ**

ସତର୍କତା ଏବଂ ଧ୍ୟାନ, ଦୃଶ୍ୟକରଣ, ଏକାଗ୍ରତା, ଦଳଗତ କାର୍ଯ୍ୟ, ମୁହଁର ଭାବପ୍ରକାଶ ଏବଂ ଶାରୀରିକ ଭାଷା ।

## କ୍ରିୟାକଳାପ - ୨ ତୁମେ ଏକ ପରିସ୍ଥିତିରେ ଅଛ !





ଆବିଷ୍କାରର ପ୍ରକୃତ ଅର୍ଥ ହେଉଛି ଅଜଣାରୁ ଜଣାକୁ ଯିବା। ଏହାର ଅର୍ଥ ନୂଆନୂଆ ଜିନିଷ ଶିଖିବାପାଇଁ ଉପଯୁକ୍ତ ଅନୁସନ୍ଧାନ କରିବା । ତେଣୁ ତୁମେ ତୁମ ଚାରିପାଖରେ ଥିବା ସ୍ଥାନକୁ ଅନୁସନ୍ଧାନ କରିବାପାଇଁ ପ୍ରସ୍ତୁତ କି– ଯାହା କି ତୁମେ ରହୁଥିବା କୋଠରୀ, କାନ୍ଥ, ଚଟାଣ, ଛାତ ଏବଂ ଚାରିପାଖରେ ଥିବା ଅନ୍ୟାନ୍ୟ ଜିନିଷପତ୍ର ଏବଂ ତୁମ ଭିତରେ ଥିବା ସ୍ଥାନ ଯଥା- ତୁମ ମନ, ଚିନ୍ତାଶକ୍ତି ଏବଂ ଧାରଣା।

### ଶିକ୍ଷକଙ୍କ ପାଇଁ ଟିପ୍ପଣୀ

ପୂର୍ବ ପୃଷ୍ଠାରେ ଦିଆଯାଇଥିବା କାର୍ଯ୍ୟକଳାପକୁ ସକ୍ରିୟାତ୍ମକ କ୍ରିୟାକଳାପ ରୂପେ ନେଇ ଆରମ୍ଭ କରନ୍ତୁ । ବିଭିନ୍ନ ବେଗରେ ୪-୫ ଥର ବୁଲିବା ପରେ ଏହି ପରିସ୍ଥିତିର ସାମାନ୍ୟ ପରିବର୍ତ୍ତନ କରନ୍ତୁ। ପୂର୍ବରୁ ଉଦାହରଣ ଗୁଡ଼ିକ ଦିଆଯାଇଛି। ଶିକ୍ଷକ ପ୍ରତ୍ୟେକ ନୂଆ ନିର୍ଦ୍ଦେଶ ଦେବା ପୂର୍ବରୁ ୮-୧୦ ସେକେଣ୍ଡ୍ ବିରାମ ଦେଇପାରିବେ।

**ନିଜକୁ ନିମ୍ନଲିଖିତ ପରିସ୍ଥିତିରେ କଳ୍ପନା କର।**

**ମୌଳିକ**

"ତୁମେ କଣ୍ଟା ଉପରେ ଚାଲିବା ଭଳି ଚାଲ।"

"ତେଲ ଯୋଗୁ ଚଟାଣରେ ପାଦ ଖସିଯାଉଥିବା ପରି ଚାଲ।"

"ନରମ କପା ତୁଳା ଉପରେ ଚାଲୁଥିବା ପରି ଚାଲି କରି ଦେଖାଅ...ଏବଂ ଏହିଭଳି ଆହୁରି ଅନେକ।

**ଉନ୍ନତ**

ତୁମେ ଖାଲି ପାଦରେ ବରଫ ଉପରେ ଚାଲୁଥିବା ପରି ଚାଲ...। ବର୍ତ୍ତମାନ ସେଠାରେ ଶୀତଳ ପବନ ବହୁଛି... ଗୋଟିଏ ମଫ୍‌ଲର୍ ବ୍ୟତୀତ ତୁମ ପାଖରେ ଅନ୍ୟ କୌଣସି ଗରମ ପୋଷାକ ନାହିଁ... ମଫ୍‌ଲର୍‌ଟିକୁ ମଧ ଜୋର୍‌ରେ ବହୁଥିବା ପବନ ଦୂରକୁ ଉଡ଼ାଇ ନେଉଛି।




ସର୍କଲ୍ ଟାଇମ୍ ଟିପ୍ପଣୀ

______________________

______________________

______________________

______________________

## ଆଲୋଚନା ଓ ମତାମତ

- କ୍ରିୟାକଳାପର କେଉଁ ଅଂଶଟିକୁ ତୁମେ ଉପଭୋଗ କଲ ଓ କାହିଁକି ?
- କେଉଁ ଅଂଶଟି ଅଧିକ କଠିନ ଏବଂ ଆନନ୍ଦଦାୟକ ନ ଥିଲା ଓ କାହିଁକି ?
- ସେଥି ମଧ୍ୟରୁ ତୁମେ କେଉଁକେଉଁ ନୂଆ ଅନୁଭୂତି ପାଇଲ ?
- ତୁମେ ତୁମ ନିଜ ସମ୍ବନ୍ଧରେ କେଉଁ ନୂଆ ଶିକ୍ଷା ଲାଭ କଲ ?
- ତୁମକୁ ସୁଯୋଗ ଦେଲେ ତୁମେ କେଉଁ ପ୍ରକାର ପରିସ୍ଥିତି ସୃଷ୍ଟି କରିପାରିବ ?
- କୌଣସି ଗୋଟିଏ ପରିସ୍ଥିତିକୁ ତୁମ ଜୀବନର ଗୋଟିଏ ଘଟଣା ସହିତ ମିଶାଇ ପାରିବ କି ?

ନିଶ୍ଚୟ ଏଥିରୁ ତୁମେ ବହୁତ ମଜା ପାଇପାରିବ ! ଯାହାକୁ ତୁମେ ଯେତେବେଳେ ସମୟ ପାଇବ ସେତେବେଳେ ମଧ୍ୟ ପ୍ରଦର୍ଶନ କରିପାରିବ । ତୁମମାନଙ୍କ ମଧ୍ୟରୁ ଜଣେ ନିର୍ଦ୍ଦେଶ ଦେବେ ଓ ଅନ୍ୟ ସମସ୍ତେ ପାଳନ କରିବେ । ଏହା ଗୁରୁତ୍ୱପୂର୍ଣ୍ଣ ଅଟେ । କାରଣ ତୁମେ ପାଇଥିବା ସମସ୍ତ ମଜା ବ୍ୟତୀତ ଏହା ତୁମକୁ ସତର୍କ ମଧ୍ୟ କରାଇବ । ଯେହେତୁ ତୁମକୁ ସାଙ୍ଗେସାଙ୍ଗେ ସବୁ ନିର୍ଦ୍ଦେଶଗୁଡ଼ିକ ପାଳନ କରିବାକୁ ହେବ, ତେଣୁ ତୁମକୁ ନିଶ୍ଚିତରୂପେ ଧ୍ୟାନ ଦେବାକୁ ହେବ । ନାଟକରେ ଅଭିନୟ କଲାବେଳେ ସବୁବେଳେ ସଜାଗ ରହିବା ଓ ଏକାଗ୍ରତା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଅଟେ କାରଣ ସେତେବେଳେ ସାମାନ୍ୟ ବିଳମ୍ବ ମଧ୍ୟ ସମଗ୍ର ନାଟକ ପ୍ରଦର୍ଶନକୁ ନଷ୍ଟ କରି ଦେଇପାରେ ।



**ଶିକ୍ଷକଙ୍କ ପାଇଁ**

ଏହା ଏକ ଅଭ୍ୟାସ, ଯାହାକି ପ୍ରତ୍ୟେକ କ୍ରିୟାକଳାପପାଇଁ ଅନୁସରଣ କରାଯିବା ଆବଶ୍ୟକ । କ୍ରିୟାକଳାପ ଶେଷରେ ସମସ୍ତେ ଗୋଲାକାରରେ ବସି ନିଜନିଜ ଅଭିଜ୍ଞତାଗୁଡ଼ିକର ଆଦାନପ୍ରଦାନ କରିବେ ।

## କ୍ରିୟାକଳାପ - ୩ ବସିବା - ବୁଲିବା - କୁଦା ମାରିବା

ଦ୍ରୁତ ପଦ ଚାଳନା କ୍ରିୟାକଳାପ ଆରମ୍ଭ କର।

ସାବଧାନ ! କେହି କାହାରିକୁ ସ୍ପର୍ଶ କରିବ ନାହିଁ କିମ୍ବା କୁଦା ମାରିବା ସମୟରେ ସାଙ୍ଗମାନଙ୍କ ପାଦ ଉପରେ ପାଦ ପକାଇବ ନାହିଁ।

ତୁମ ଶିକ୍ଷକଙ୍କ ନିର୍ଦ୍ଦେଶ ପାଳନ କର – ଚାଲିବା ଆରମ୍ଭ କର।

ତୁମକୁ ବସିବାକୁ କହିଲେ, ବସ ଓ ତାହାପରେ ପୁଣି ଚାଲ।

ଶିକ୍ଷକ 'ବୁଲିଯାଅ' କହିଲେ ବୁଲିଯାଅ ଏବଂ ପରେ ପୁଣି ଚାଲ।

ଶିକ୍ଷକ 'କୁଦାମାର' କହିଲେ ନିଜ ସ୍ଥାନରେ କୁଦାମାରି ପୁଣି ଚାଲ। ତୁମର ବେଗ ଓ ଶିକ୍ଷକଙ୍କ ନିର୍ଦ୍ଦେଶର କ୍ରମ ପରିବର୍ତ୍ତନ ହେବ। ତେଣୁ, ସତର୍କ ରୁହ !



### ମୌଳିକ

କ୍ରିୟାକଳାପରେ ଅଦଳବଦଳ କର ! ବର୍ତ୍ତମାନ ବସିବା ମାନେ ବୁଲିବା, ବୁଲିବା ମାନେ କୁଦାମାରିବା ଏବଂ କୁଦାମାରିବା ମାନେ ବସିବା।

(ବେଗ ଏବଂ କ୍ରମର ପରିବର୍ତ୍ତନ କର।)

ବର୍ତ୍ତମାନ ଅନ୍ୟ ଏକ ଖେଳ ଖେଳିବା ଯୋଉଥିରେ ତୁମକୁ ପୂର୍ବବର୍ତ୍ତୀ କ୍ରିୟାକଳାପଠାରୁ ଅଧିକ ସଜାଗ ଓ ଧ୍ୟାନ ଦେବାକୁ ହେବ।

ତୁମେ ପ୍ରସ୍ତୁତ କି ?

### ଉନ୍ନତ

ଅନ୍ୟ ଶବ୍ଦ ସହିତ ବସିବା, ବୁଲିବା ଏବଂ କୁଦାମାରିବାକୁ ବଦଳାଅ।

ଉଦାହରଣ ସ୍ୱରୂପ- ଇଡ୍‌ଲି ମାନେ ବସିବା, ପିଠା ମାନେ ଛିଡ଼ା ହେବା ଏବଂ ଡାଲ୍‌ମା ମାନେ କୁଦାମାରିବା। ଶିକ୍ଷକ ଏକ କାହାଣୀ କହିବେ ଏବଂ ଏଥିରେ ଥିବା ନାମଗୁଡ଼ିକୁ ଗୁପ୍ତ ରଖିବେ ଯଥା- ଗତକାଲି ମୋର ବାନ୍ଧବୀ ମଧ୍ୟାହ୍ନ ଭୋଜନ ଡବାରେ ପିଠା (ପିଲାମାନେ ଛିଡ଼ା ହେବେ) ଆଣିଥିଲେ। ସେ ସେଥିରୁ ଗୋଟିଏ ମୋତେ ଦେଇଥିଲେ କିନ୍ତୁ ସେଥିରେ ଡାଲ୍‌ମା (ପିଲାମାନେ କୁଦା ମାରିବେ) ନ ଥିଲା।

## ଆଲୋଚନା ଏବଂ ମତାମତ

- କାର୍ଯ୍ୟକଳାପର କେଉଁ ଅଂଶକୁ ତୁମେ ସବୁଠାରୁ ଅଧିକ ଉପଭୋଗ କଲ ? କାହିଁକି ?
- ନିର୍ଦ୍ଦେଶଗୁଡ଼ିକର ପରସ୍ପର ଅର୍ଥ ପରିବର୍ତ୍ତନ କରାଯିବାରୁ ଏହା ଅଧିକ କଷ୍ଟ ହେଲା କି ?
- ପରସ୍ପର ଅର୍ଥ ପରିବର୍ତ୍ତନ ପାଇଁ ଇଡ୍‌ଲି, ପିଠା ଓ ଡାଲ୍‌ମା ସ୍ଥାନରେ କ'ଣ ପରିବର୍ତ୍ତନ କଲ ?

ସର୍କଲ୍ ଟାଇମ୍ ଟିପ୍ପଣୀ






ତୁମେ ଭଲ ଖେଳିଛ । ତୁମେ ପରବର୍ତ୍ତୀ ସ୍ତର ପାଇଁ ପ୍ରସ୍ତୁତ ! କିନ୍ତୁ ମୁଁ ନିଶ୍ଚିତ, ତୁମେ ଅନୁଭବ କରିପାରୁଥିବ ଯେ ତୁମକୁ ଅଧିକ ଅଭ୍ୟାସ କରିବାକୁ ହେବ । ଯେତେବେଳେ ତୁମେ କିଛି ଖାଲି ସମୟ ପାଉଛ ଏହି ଖେଳଟିକୁ ଖେଳ । କେବଳ ତୁମେ ମଜା ପାଇବ ନାହିଁ ବରଂ ତାହା ସହିତ ତୁମ ଦକ୍ଷତା ମଧ୍ୟ ବଢ଼ିବ । ପରବର୍ତ୍ତୀ ସମୟରେ ଆମେ କ'ଣ କରିବା ଜାଣିବାକୁ ଚାହୁଁଛ କି ?



## ଦୃଶ୍ୟ – ୨ ବିନା କଥାବାର୍ତ୍ତାରେ ଭାବ ବିନିମୟ

ଭାବ ବିନିମୟ ଆମ ଜୀବନର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ । ଭାବ ବିନିମୟ କ'ଣ ? ଏହା ଦୁଇ ବା ଅନେକ ବ୍ୟକ୍ତିଙ୍କ ମଧ୍ୟରେ ଅନୁଭବ, ଚିନ୍ତା ଓ ଭାବର ଆଦାନ ପ୍ରଦାନ ଅଟେ ।

ତୁମେ ତୁମ ପରିବାରର ସଦସ୍ୟ ଓ ସାଙ୍ଗମାନଙ୍କ ସହିତ କଥାବାର୍ତ୍ତା ନ ହୋଇ କୌଣସି ଗୋଟିଏ ଦିନ ବିତାଇବାର କଳ୍ପନା କରିପାରୁଛ କି ?



କିନ୍ତୁ ଅପେକ୍ଷା କର । କେବଳ କଥାବାର୍ତ୍ତା ହିଁ କ'ଣ ଭାବ ବିନିମୟ ? ଆମେ କଥାବାର୍ତ୍ତା ନ କଲେ ମଧ୍ୟ ଭାବ ବିନିମୟ ହୋଇପାରିବ କି ? ଆମେ କଥାବାର୍ତ୍ତା ନ ହୋଇ ମଧ୍ୟ କ'ଣ ଭାବ ବିନିମୟ କରୁ ନାହୁଁ ?

ତୁମେ ଜାଣିଛ କି ଆମମାନଙ୍କ ମଧ୍ୟରୁ ଅନେକ ବା କିଛି ବ୍ୟକ୍ତି ହାତରେ ଇଙ୍ଗିତ କରି ସାଙ୍କେତିକ ଭାଷାରେ କଥାବାର୍ତ୍ତା କରନ୍ତି ? ଯଦି ଏହା ସମ୍ଭବ ତାହା ହେଲେ ଦେଖାଯାଉ ।

କଥାବାର୍ତ୍ତା ଅପେକ୍ଷା ଏହା ଅଧିକ ମଜାଦାର ଓ ଉପଭୋଗ୍ୟ ହୋଇପାରିବ ।



- ଗାତ ଖୋଳିବା
- ଦଉଡ଼ି ଟାଣିବା

## କ୍ରିୟାକଳାପ – ୪ ସ୍ଥିର ହୁଅ ଏବଂ ଯଥାର୍ଥତା ପ୍ରତିପାଦନ କର ।

ଶିକ୍ଷକଙ୍କ ଠାରୁ ଗୋଟିଏ ତାଳି ଶୁଣିବା ପର୍ଯ୍ୟନ୍ତ ତୁମେ ତୁମ ଇଚ୍ଛାରେ ଏଣେତେଣେ ଚାଲୁଥାଅ । ଯେତେବେଳେ ତୁମ ଶିକ୍ଷକ ତାଳି ବଜାଇବେ ତୁମେ ଏକ ମୂର୍ତ୍ତି ଭଙ୍ଗୀରେ ଭଳି ସ୍ଥିର ହୋଇଯିବ । ଶିକ୍ଷକ ତୁମମାନଙ୍କ ମଧ୍ୟରୁ ଜଣକୁ ସ୍ଥିର ହୋଇ ରହିବାକୁ ବାଛିବେ ଏବଂ ଅନ୍ୟମାନେ ସ୍ଥିର ହୋଇ ରହିଥିବା ପିଲାର ଭଙ୍ଗୀର ଅର୍ଥକୁ ଅନୁମାନ କରିବେ । ପୁଣି ତାଳି ଶୁଣିବା ପର୍ଯ୍ୟନ୍ତ ସମସ୍ତେ ଅନିୟମିତ ଭାବରେ ଚାଲ ଏବଂ ଏହିଭଳି ଖେଳ ଚାଲୁ ରଖ ।

ସ୍ଥିର ହୋଇ ରହିଥିବା ପିଲାକୁ ଦେଖି ତୁମେମାନେ ଯାହା ଅନୁମାନ କରିବ ତାକୁ ଯଥାସମ୍ଭବ ସୃଜନଶୀଳ, ଅଭିନବ, କୌତୁକିଆ ତଥା ରୁଚିକର କରିବାକୁ ଚେଷ୍ଟା କର ଯେହେତୁ ଏଥିରେ ଭୁଲ କି ଠିକ୍ କିଛି ନାହିଁ !



- ପାଣି ପିଇବା
- କାହାକୁ ଡାକିବା





### ଆଲୋଚନା ଓ ମତାମତ

- ❖ କାର୍ଯ୍ୟକଳାପର କେଉଁ ଅଂଶଟିକୁ ତୁମେ ବେଶି ଉପଭୋଗ କଲ ?
- ❖ କ'ଣ ପ୍ରତ୍ୟେକ କାର୍ଯ୍ୟକଳାପକୁ ଚିହ୍ନଟ କରିବା ସହଜ ଥିଲା ? କାହିଁକି ?
- ❖ ଆଜି ତୁମେ କେଉଁକେଉଁ ନୂଆ ଅଭିନୟ ଶିଖିଲ ?
- ❖ ତୁମ କ୍ରିୟାକଳାପରେ ତୁମେ କେଉଁ ନୂଆ ଉପାଦାନ ଯୋଗ କରିବ ?

ସର୍କଲ୍ ଟାଇମ୍‌ର ଟିପ୍ପଣୀ

___

___

### ମୌଳିକ – କିଛି ଭାବଭଙ୍ଗୀ

ଗୋଟିଏ ଗୋଟିଏ ଭାବଭଙ୍ଗୀ କରୁଥାଅ । ଯେତେବେଳେ ଶିକ୍ଷକ ତାଳି ବଜାଇବେ ତୁମେମାନେ ଯେଉଁ ଭାବଭଙ୍ଗୀରେ ଥିବ ସେଥିରେ ସ୍ଥିର ହୋଇଯାଅ ।

ଉଦାହରଣ ସ୍ୱରୂପ- ଗାଲରେ ହାତ (ଚିନ୍ତା କରିବା ଭଳି), କିଛି ପଚାରିବା ଭଳି କେବଳ ହାତ ବ୍ୟବହାର କରି ପ୍ରଦର୍ଶିତ କର ।



- ❖ ତୁମେ ଗୋଟିଏ ଝୁଡ଼ି ଧରିଛ
- ❖ ତୁମେ ବିଜୟୀ ହୋଇଛ ।

### ଉନ୍ନତ – କିଛି ଅଙ୍ଗଭଙ୍ଗୀ

କୌଣସି କାର୍ଯ୍ୟ କରିବା ସମୟର ବିଭିନ୍ନ ଅଙ୍ଗଭଙ୍ଗୀ କରୁଥାଅ ଯେତେବେଳେ ଶିକ୍ଷକ ତାଳି ବଜାଇବେ ତୁମେ ଯେଉଁ ଭଙ୍ଗୀରେ ଥିବ ସେହି ଭଙ୍ଗୀରେ ସ୍ଥିର ହୋଇଯାଅ । ଉଦାହରଣ ସ୍ୱରୂପ- କୃଷିକାର୍ଯ୍ୟ, ଚିତ୍ର, କାଠ କାଟିବାର ଭଙ୍ଗୀ ଇତ୍ୟାଦି ।

ଆଶ୍ଚର୍ଯ୍ୟ ! ତାହା ମଜାଳିଆ ଥିଲା । ତୁମେ ଯେତେବେଳେ ଘରେ, ରାସ୍ତାରେ କିମ୍ବା କୌଣସି ସ୍ଥାନକୁ ଯାଉଥିବା ବେଳେ ଲୋକମାନଙ୍କର ବିଭିନ୍ନ ଭଙ୍ଗୀକୁ ଦେଖ, ଏହାକୁ ଏକ ଆକର୍ଷଣୀୟ ଅର୍ଥ ପ୍ରଦାନ କରିବାକୁ ଚେଷ୍ଟା କର । ନୂତନ ତଥା ଆକର୍ଷଣୀୟ ଅର୍ଥ ପ୍ରଦାନ କରିବାର ସାମର୍ଥ୍ୟ ତୁମ ସୃଜନ ଶକ୍ତିକୁ ବୃଦ୍ଧି କରେ । ସୃଜନଶୀଳତା ହେଉଛି ନୂଆ କିଛି କରିବାର ସାମର୍ଥ୍ୟ, ଯାହା କି ବେଳେବେଳେ ମୌଳିକ ଓ ବେଳେବେଳେ ଅସାଧାରଣ ମଧ୍ୟ ହୋଇପାରେ । ଏହିଭଳି କିଛି ଧାରଣା, ଯାହା କି ଭାବ ବିନିମୟରେ ସାହାଯ୍ୟ କରିଥାଏ, ସମସ୍ୟା ସମାଧାନ କିମ୍ବା ଆନନ୍ଦ ପାଇବା ପାଇଁ ଉଦ୍ଦିଷ୍ଟ ହୋଇଥାଏ । ଏହିଭଳି ସୃଜନଶୀଳ ଭାବରେ ଚିନ୍ତା କରିବାର ସାମର୍ଥ୍ୟ ତୁମ ବୟସ ବଢ଼ିବା ସହିତ ତୁମକୁ ସାହାଯ୍ୟ କରିବ ।

ନାଟକରେ ତୁମେ ଏହାକୁ ବିଭିନ୍ନ ଦୃଶ୍ୟ ଓ ଦୃଶ୍ୟାବଳୀ ନିର୍ମାଣ କରିବାରେ ବ୍ୟବହାର କରିପାରିବ । ନୂଆ ଦୃଶ୍ୟ ଓ ଦୃଶ୍ୟାବଳୀ ସୃଷ୍ଟି କରିବା କଥା କହୁଛ, ତାହାହିଁ ହେଉଛି ପରବର୍ତ୍ତୀ କାର୍ଯ୍ୟକଳାପ !





ଏକ ନିରାପଦ ଆଶ୍ରୟସ୍ଥଳ ପାଇଁ ପ୍ରାର୍ଥନା କରିବା

## କ୍ରିୟାକଳାପ – ୫ ଦଳଗତ ସଂରଚନା

**ସୂଚନା :** ତୁମକୁ ଏକ ଶବ୍ଦ ଦିଆଯିବ । ତୁମେ ତୁମ ଦଳରେ ୩ ମିନିଟ୍ ମଧ୍ୟରେ ଆଲୋଚନା ଓ ଯୋଜନା କରିବ । ଦୃଶ୍ୟକୁ ପ୍ରଦର୍ଶନ କରିବା ପାଇଁ ଦଳର ସମସ୍ତେ ବିଭିନ୍ନ ଭଙ୍ଗୀରେ ପ୍ରସ୍ତୁତ ରୁହ । ଏପରି କୌଣସି କଷ୍ଟକର ଭଙ୍ଗୀ କରନାହିଁ ଯାହା ତୁମକୁ କଷ୍ଟ ଦେବ । ମନେରଖ, ସମ୍ପୂର୍ଣ୍ଣ ବିଷୟବସ୍ତୁକୁ ପରିପ୍ରକାଶ କରିବାରେ ସମସ୍ତଙ୍କ ଭଙ୍ଗୀର ସମାନ ମହତ୍ତ୍ୱ ରହିଛି । ଅଭିନୟ ଏବଂ ଚିତ୍ରଣ ସମୟରେ ବାର୍ତ୍ତାଳାପ କରିବା ସମ୍ପୂର୍ଣ୍ଣ ମନା ।

**ମୌଳିକ :**

'ଟିଭି ଦେଖିବା', 'କ୍ରିକେଟ୍', 'ବସ୍' ଇତ୍ୟାଦି ଦିଆଯାଇପାରେ । ଶିକ୍ଷାର୍ଥୀମାନେ ଏପରି ଭଙ୍ଗୀ କରିବେ ଯେମିତିକି ସେମାନେ ଯେତେସମ୍ଭବ ଏହିଗୁଡ଼ିକୁ ପୁଙ୍ଖାନୁପୁଙ୍ଖ ଭାବେ ପ୍ରଦର୍ଶନ କରିପାରିବେ ।

**ଉନ୍ନତ**

ଜଟିଳତା ବୃଦ୍ଧିକାରୀ ହାଟ, କୃଷିକାର୍ଯ୍ୟ, ବିବାହ ଇତ୍ୟାଦି । ନିଖୁଣ ପ୍ରଦର୍ଶନ ପ୍ରତି ଧ୍ୟାନ ଦିଅ ।

**ଶିକ୍ଷକଙ୍କ ପାଇଁ**

ଶ୍ରେଣୀର ଛାତ୍ର ସଂଖ୍ୟା ଅନୁସାରେ ସେମାନଙ୍କୁ ୫-୬ ଜଣିଆ ଦଳରେ ଭାଗ କରିବେ ।

ଏହିପରି ଏକ ଆକୃତି ଗଠନର ଅର୍ଥ ଅନୁମାନ କର



____________________

____________________



____________________

____________________

## ଆଲୋଚନା ଓ ମତାମତ

- ଏହି କାର୍ଯ୍ୟକଳାପର କେଉଁ ଅଂଶଟିକୁ ତୁମେ ବେଶି ଉପଭୋଗ କଲ ଓ କାହିଁକି ?
- କେଉଁ ସଂରଚନାଟି ପ୍ରଦର୍ଶନ କରିବା କଠିନ ଥିଲା ?
- କେଉଁ ସଂରଚନାଟିକୁ ତୁମେ ନିଜେ ସୃଷ୍ଟି କରିବାକୁ ପସନ୍ଦ କର ?
- ତୁମେ ନିଜ ସମ୍ବନ୍ଧରେ କେଉଁ ଏକ ନୂଆ କଥା ଶିଖିଲ ?

ସର୍କଲ୍ ଟାଇମ୍‌ର ଟିପ୍ପଣୀ






ତୁମେ ଲକ୍ଷ୍ୟ କଲ କି ସୃଜନଶୀଳତା କିଭଳି ତୁମକୁ କିଛି ନୂଆ ଜିନିଷ ଗଠନ କରିବା କିମ୍ବା ଉଦ୍ଭାବନ କରିବାରେ ସାହାଯ୍ୟ କରିପାରେ ? ବିନା ବାର୍ତ୍ତାଳାପରେ ଏକ ବିଷୟକୁ ପ୍ରକାଶ କରିବା ପାଇଁ ଅନେକ ସୃଜନଶୀଳତା ଆବଶ୍ୟକ ହୁଏ । ତୁମେ ଏହାକୁ ଭଲ ଭାବରେ ପ୍ରକାଶ କରିଛ !! ଯେହେତୁ ତୁମେ ଭାବବିନିମୟ ପାଇଁ କେବଳ ତୁମ ନିଜ ଶରୀରକୁ ବ୍ୟବହାର କରିଛ, ଏହାକୁ ହିଁ ଶାରୀରିକ ଭାଷା କୁହାଯାଏ । ଏହି ଭାଷାର ଶବ୍ଦ ଭାବରେ ତୁମେ ତୁମର ହାତ, ଗୋଡ଼, ମୁଣ୍ଡ ଏବଂ ଗଣ୍ଡିକୁ ବ୍ୟବହାର କରୁଛ ।

ତାହା ହିଁ ସୃଜନଶୀଳତା !

ପ୍ରତ୍ୟେକ ଦଳରେ ତୁମ ସାଙ୍ଗମାନଙ୍କ ସହିତ ସୃଜନଶୀଳତା ବିଷୟରେ ଆଲୋଚନା କର । ଅନ୍ୟ ଯେ କୌଣସି ବ୍ୟକ୍ତିଙ୍କ ଠାରୁ ଭିନ୍ନ ଭାବରେ ଚିନ୍ତା କରିବା କେତେ ଆଶ୍ଚର୍ଯ୍ୟଜନକ ତାହା ଲକ୍ଷ୍ୟ କର । ଏଭଳି ଏକ ଘଟଣାବଳୀ, ଯାହାକୁ କି ତୁମେ ତୁମ ଘରୁ ବା ଅନ୍ୟାନ୍ୟ ପରିସ୍ଥିତିରୁ ଅନୁଭବ କରିଛ ତାହାକୁ ପରସ୍ପର ଭିତରେ କଥାବାର୍ତ୍ତା କର ।



**କ୍ରିୟାକଳାପ - ୬** ଯାଦୁପେଟିକା (ବସ୍ତୁ)



**ସୂଚନା :** ଆସ ଏକ ବୃତ୍ତାକାରରେ ବସିବା । ଆମେ ବର୍ତ୍ତମାନ ସମସ୍ତଙ୍କୁ ଗଣି ପ୍ରତ୍ୟେକଙ୍କୁ ଗୋଟିଏ ସଂଖ୍ୟା ଦେବା । ଶିକ୍ଷକ ଯେକୌଣସି ଏକ ସଂଖ୍ୟା ଡାକିବେ । ଯେତେବେଳେ ତୁମର ସଂଖ୍ୟା ଡକାହେବ ତୁମେ ବୃତ୍ତର ମଧ୍ୟଭାଗକୁ ଯିବ ସେଠାରେ ଗୋଟିଏ ଅଦୃଶ୍ୟ ଯାଦୁ ପେଟିକା ଥିବ । ତୁମେ ସେଥିରୁ ଏକ ଜିନିଷ ଆଣିବ ଏବଂ ଆଣିଥିବା ଜିନିଷର ବ୍ୟବହାର କରି ଅଭିନୟ କରିବ । ଯେପରିକି ଅନ୍ୟମାନେ ତୁମେ ଆଣିଥିବା ଜିନିଷଟିକୁ ଅନୁମାନ କରିପାରିବେ ।



**ସୂଚନା** – କେବଳ ତୁମର ଅଙ୍ଗଭଙ୍ଗୀ ନୁହେଁ ତୁମର ଭାବ ମଧ୍ୟ ଉକ୍ତ ଜିନିଷଟିକୁ ଲୋକମାନଙ୍କୁ ଭଲ ଭାବରେ ବୁଝିବାରେ ସାହାଯ୍ୟ କରିବ ।

ସେ ଏକ ବଲ୍ ଧରିଛନ୍ତି ନା ଏକ ଓଜନିଆ ପଥର ଧରିଛନ୍ତି ? (ଅଭିନୟ ମାଧ୍ୟମରେ ଉଭୟ ସମ୍ଭବ, କିନ୍ତୁ ଭିନ୍ନ ଭିନ୍ନ ଭାବଭଙ୍ଗୀ ପ୍ରଦର୍ଶନ ଦ୍ୱାରା ଏହାର ପ୍ରଭେଦ ପ୍ରଦର୍ଶନ କରାଯାଇପାରେ) । ତୁମେ କ'ଣ ଭାବୁଛ ?

**ମୌଳିକ**

କଲମ, ବହି, କଫି ମଗ୍ ଇତ୍ୟାଦି (ଏହିଗୁଡ଼ିକୁ ବ୍ୟବହାର କରି ଅଭିନୟ କରିବାକୁ କୁହନ୍ତୁ) ଉଦାହରଣ ସ୍ୱରୂପ- କଲମ - ଲେଖିବା ପାଇଁ, ବହି-ପୃଷ୍ଠା ଓଲଟାଅ ଓ ପଢ଼, କଫି ମଗ୍ - ଏଥିରୁ ପିଅ ଓ ଏଥିରେ ଗରମ ପାନୀୟ ଥିବାର ପ୍ରତିକ୍ରିୟା ପ୍ରଦର୍ଶନ କର ।

**ଉନ୍ନତ**

ହାତୁଡ଼ି ଏବଂ କଣ୍ଟା, ପନିପରିବା ଏବଂ ଛୁରୀ, ଦାନ୍ତଘଷା ବ୍ରସ୍ ଏବଂ ପେଷ୍ଟ (ପିଲାମାନେ କିଭଳି ଦୁଇଟି ଜିନିଷକୁ ଏକତ୍ର ବ୍ୟବହାର କରାଯାଏ ତାହା ପ୍ରଦର୍ଶିତ କରିବେ) ।

ସେ ହାତରେ ଧନୁ ଓ ତୀର ଧରି ଏକ ଯୁଦ୍ଧଭୂମିର ଦୃଶ୍ୟ ପ୍ରଦର୍ଶନ କରିବାକୁ ଚେଷ୍ଟା କରୁଛନ୍ତି । ତୁମେ କ'ଣ ଭାବୁଛ, ଚିତ୍ରରେ କିଛି ପରିବର୍ତ୍ତନ କରାଯାଇପାରିବ କି ?

## ଆଲୋଚନା ଓ ମତାମତ

- ❖ ତୁମେ କେଉଁ କେଉଁ ଜିନିଷକୁ ଅଭିନୟରୁ ଚିହ୍ନି ପାରିଲ ?
- ❖ କେଉଁ ଜିନିଷକୁ ନେଇ ଅଭିନୟ କରିବା ବେଶି କଷ୍ଟ ଥିଲା ?
- ❖ ଅଦୃଶ୍ୟ ଯାଦୁପେଟିକାରୁ ତୁମେ କେଉଁକେଉଁ ଜିନିଷ ପାଇବାକୁ ଚାହୁଁଛ ?
- ❖ ଏହି କ୍ରିୟାକଳାପରୁ ତୁମେ ଶିଖିଥିବା ଏକ ନୂଆ ଅନୁଭୂତିକୁ ବାଣ୍ଟ ।

ସର୍କଲ୍ ଟାଇମ୍ ଟିପ୍ପଣୀ



## ସର୍କଲ୍ ଟାଇମ୍



ତେଣୁ ତୁମର ଅଭିନୟ (ଶାରୀରିକ ଭାଷା) ବ୍ୟତୀତ ଆଉ କ'ଣ ସମାନ ଭାବରେ ଗୁରୁତ୍ୱପୂର୍ଣ୍ଣ ? ତୁମର ଭାବ ପ୍ରକାଶନ । ତୁମ ମୁହଁର ଭାବଭଙ୍ଗୀ ଅଭିନୟ ସମୟରେ ବହୁତ ଗୁରୁତ୍ୱପୂର୍ଣ୍ଣ । ଯେତେବେଳେ ତୁମେ ତୁମର ଅଙ୍ଗଭଙ୍ଗୀ ଏବଂ ଭାବପ୍ରକାଶନକୁ ଏକାସାଥେ ପ୍ରଦର୍ଶନ କର ସେତେବେଳେ ତୁମେ କ'ଣ କର ? ତୁମେ ଭାବ ବିନିମୟ କର । ତାହା ସୃଜନଶୀଳତା ପାଇଁ ବହୁତ ଗୁରୁତ୍ୱପୂର୍ଣ୍ଣ । ଯଦି ତୁମର ଭାବନାକୁ ଅନ୍ୟମାନଙ୍କ ନିକଟରେ ପହଞ୍ଚାଇ ପାରିବ ନାହିଁ ତାହା ଯେତେ ଭଲ ଭାବନା ହେଲେ ମଧ୍ୟ ପ୍ରଭାବହୀନ ମନେହେବ ।

ନାଟକ ମାନେ କାହାଣୀ ତିଆରି କରି ଦର୍ଶନମାନଙ୍କ ସମ୍ମୁଖରେ ପ୍ରଦର୍ଶନ କରିବା । ନୁହେଁ କି ? ତେଣୁ ଯଦି ତୁମର ଉନ୍ନତ ସୃଜନଶୀଳ ଭାବନା ଅଛି ତାହାହେଲେ ତାହାକୁ ଦର୍ଶକଙ୍କ ନିକଟରେ କିପରି ପହଞ୍ଚାଇବ ତାହା ମଧ୍ୟ ଶିଖିବାକୁ ପଡ଼ିବ ।

ତେଣୁକରି ନିୟମିତ ଭାବରେ ନାଟକ ସହିତ ଜଡ଼ିତ ହେବାଦ୍ୱାରା ତାହା କେବଳ ତୁମ ସୃଜନଶୀଳତା ବୃଦ୍ଧି କରେ ନାହିଁ ବରଂ ତାହା ତୁମ ଭାବପ୍ରକାଶର ସାମର୍ଥ୍ୟକୁ ମଧ୍ୟ ଉନ୍ନତ କରେ । ଯଦି ତୁମେ ଭଲ ଭାବରେ ଭାବପ୍ରକାଶ କରିପାରିବ ତୁମକୁ ସମସ୍ତେ ଭଲ ଭାବେ ବୁଝି ପାରିବେ । ବର୍ତ୍ତମାନ ଆମେ ଏହି ସୃଜନଶୀଳତା ଓ ଏହାକୁ ପ୍ରକାଶ କରିବା ପ୍ରକ୍ରିୟାକୁ ପରବର୍ତ୍ତୀ ସୋପାନକୁ ଆଗେଇ ନେବା ।



## ୧୬ କଳ୍ପନା

### ଅଙ୍କ – ୨ ଦୃଶ୍ୟ – ୩ – ପରିସ୍ଥିତି ବିଷୟରେ ଧାରଣା

**କ୍ରିୟାକଳାପ – ୭** ଯାଦୁପେଟିକା (ପରିସ୍ଥିତି)

ଆସ ଏକ ବୃତ୍ତାକାରରେ ବସ । ବର୍ତ୍ତମାନ ଆମେ ସମସ୍ତଙ୍କୁ ଗଣି ପ୍ରତ୍ୟେକଙ୍କୁ ଗୋଟିଏ ସଂଖ୍ୟା ଦେବା । ଶିକ୍ଷକ ଯେ କୌଣସି ଏକ ସଂଖ୍ୟା ଡାକିବେ । ଯେତେବେଳେ ତୁମର ସଂଖ୍ୟା ଡକାଯିବ, ସେତେବେଳେ ତୁମେ ବୃତ୍ତର କେନ୍ଦ୍ରକୁ ଯିବ, ଯେଉଁଠାରେ କି ଅଦୃଶ୍ୟ ଯାଦୁପେଟିକାଟି ଅଛି । ପୂର୍ବଭଳି ଗୋଟିଏ ଜିନିଷ ଉଠାଇବା ବଦଳରେ ତୁମେ ଏକ ପରିସ୍ଥିତି ତିଆରି କର ଏବଂ ନିଜେ ସେହି ପରସ୍ଥିତିର ଏକ ଅଂଶ ଭଳି ଅଭିନୟ କର । ଅନ୍ୟ ପିଲାମାନଙ୍କୁ ସେହି ଅବସ୍ଥାକୁ ଅନୁମାନ କରିବାକୁ ହେବ । ଏହି ସମୟରେ ନିଜନିଜ ଭିତରେ କଥାବାର୍ତ୍ତା କର ନାହିଁ।

**ମୌଳିକ**

ପ୍ରସ୍ତୁତ ହୋଇ ବିଦ୍ୟାଳୟକୁ ଆସୁଛ, ପଢ଼ିଯାଉଛ ଏବଂ ଡାକ୍ତରଙ୍କ ପାଖକୁ ଯାଉଛ ।

**ଟିପ୍ପଣୀ**

ଯେତେବେଳେ କେତେଗୁଡ଼ିଏ କ୍ରିୟା ଏକା ସାଙ୍ଗରେ କରାଯାଏ ସେତେବେଳେ ପରିସ୍ଥିତିଗୁଡ଼ିକ ସୃଷ୍ଟି ହୁଏ।

**ଉନ୍ନତ**

ଦୁଇ ଜଣ ଛାତ୍ର ଗୋଟିଏ ପରିସ୍ଥିତିର ଅଭିନୟ କରିବେ । ଜଣେ ଛାତ୍ର ପରିସ୍ଥିତିଟିକୁ ଆରମ୍ଭ କରିବେ । ପ୍ରଥମ ଛାତ୍ର ସହିତ ଆଉ ଜଣେ ଛାତ୍ର ସେହି ପରିସ୍ଥିତିରେ ଯୋଗ ଦେବେ । ଉଦାହରଣ ସ୍ୱରୂପ- ତଳେ ପଡ଼ିଯିବା ଏବଂ ଡାକ୍ତରଙ୍କ ପାଖକୁ ଯିବା । ଏଇ ସ୍ଥାନରେ ଜଣେ ରୋଗୀ ଓ ଅନ୍ୟଜଣେ ଡାକ୍ତର ହୋଇ ଅଭିନୟ କରିବେ ।

ଏବେ ଏକ ନୂଆ ପୃଥିବୀ ତିଆରି କର । ଭିନ୍ନ ଭିନ୍ନ ମଣିଷ ହୋଇ ନୂଆ ନୂଆ ରୋମାଞ୍ଚକର ପରିସ୍ଥିତିମାନଙ୍କ ଭିତରକୁ ପ୍ରବେଶ କର, ସେହିଗୁଡ଼ିକୁ ଅନୁଭବ କର ! ଏହାସବୁ କିପରି ଘଟୁଛି ? ତୁମ ମନ ଦ୍ୱାରା ! ତୁମେ ଯାହା ଭାବ ତାହା ବାସ୍ତବତା ପାଲଟିଯାଏ ।



**ତୁମେ ଶିଖିବ**

ଶରୀରର ଭାଷା, ବ୍ୟାଖ୍ୟା କରିବା, ସୃଜନଶୀଳତା ମାଧ୍ୟମରେ ଭାବ ବିନିମୟ, କଳ୍ପନା କରିବା, ଶୁଣିବା ଓ ମନଧ୍ୟାନ ଦେଇ ଶୁଣିବା ଭିତରେ ପାର୍ଥକ୍ୟ ।

## ଆଲୋଚନା ଓ ମତାମତ

- ❖ ତୁମେ ପରିସ୍ଥିତି ସୃଷ୍ଟି କରିବା ପାଇଁ ସମର୍ଥ ଥିଲ କି ?
- ❖ ସେହି ପରିସ୍ଥିତିଗୁଡ଼ିକ ତୁମର ଅନୁଭୂତିରୁ (ଦେଖିଥିବା ବା ଅଙ୍ଗେନିଭେଇଥିବା) ନା କଳ୍ପନାରୁ ତିଆରି ହୋଇଥିଲା ?
- ❖ ଅନ୍ୟାନ୍ୟ ପାଠ୍ୟ ପୁସ୍ତକର ପାଠ୍ୟକ୍ରମରୁ ଅନୁପ୍ରାଣିତ ହୋଇ ତୁମେ ପରିସ୍ଥିତି ସୃଷ୍ଟି କରିପାରିବ କି ?

ସର୍କଲ୍ ଟାଇମ୍ ଟିପ୍ପଣୀ






ତାହାହେଲେ, ବର୍ତ୍ତମାନ ତୁମେ ଅଭିନୟ (ଶାରୀରିକ ଭାଷା) ଏବଂ ଭାବ ପ୍ରକାଶକୁ ମିଶାଇ କିଭଳି ଭାବ ବିନିମୟକୁ ଉନ୍ନତ କରାଯାଇପାରିବ ତାହା ବୁଝିବାକୁ ଆରମ୍ଭ କରିଛ । ଏଥିପାଇଁ ସୃଜନଶୀଳତା ଓ କଳ୍ପନାଶକ୍ତି ଆବଶ୍ୟକ । ତୁମେ ଦେଖିପାର, ତୁମେ କେବଳ ନାଟକର ଏହିସବୁ ମୌଳିକ ଶବ୍ଦଗୁଡ଼ିକୁ ବୁଝିପାରୁ ନାହଁ ବରଂ ଏହିସବୁ ଦକ୍ଷତାଗୁଡ଼ିକୁ ନିଜ ଭିତରେ ବୃଦ୍ଧି କରିପାରୁଛ । ତେଣୁ ତୁମେ ନାଟକ ଅଭିନୟ କରିବାରେ ଦକ୍ଷ ହୋଇପାରିବ ।



ଏହି ଦୁଇଟି ଅବସ୍ଥାରେ କ'ଣ ଘଟୁଛି ? ସେମାନଙ୍କ ଅଭିନୟ (ଶାରୀରିକ ଭାଷା) ଏବଂ ଭାବ ପ୍ରକାଶକୁ ଭଲ ଭାବରେ ଅନୁଧ୍ୟାନ କର ଓ ବର୍ଣ୍ଣନା କର ।



## କ୍ରିୟାକଳାପ - ୮  ଉପକରଣର ଅଭିନବ ବ୍ୟବହାର



**ନିର୍ଦ୍ଦେଶାବଳୀ** – ଶିକ୍ଷକ ଜଣେ ଶିଶୁକୁ ଡାକି ଏକ ଉପକରଣ ଦେବେ (ଦୈନନ୍ଦିନ ଶ୍ରେଣୀଗୃହ ଉପକରଣ ଯଥା : କଲମ, ଡଷ୍ଟର୍, ଚକ୍ ଇତ୍ୟାଦି) । ଉପକରଣର ପ୍ରକୃତ ବ୍ୟବହାର ଯେଉଁଭଳି ହୋଇଥାଏ ତାହାକୁ ସେହିଭଳି ବ୍ୟବହାର ନ କରିବା ଦରକାର । ଅନ୍ୟମାନେ ପୁନଃ ପରିକଳ୍ପିତ ସାମଗ୍ରୀକୁ ଅନୁମାନ କରିବେ । ସେହି ବସ୍ତୁଟି ଅନ୍ୟ ଜଣେ ଶିଶୁକୁ ଦିଆଯିବ । ଏହାକୁ ସେହି ଶିଶୁ ଅନ୍ୟ କୌଣସି ବସ୍ତୁ ପରି ବ୍ୟବହାର କରିବ ଓ ଅନ୍ୟମାନେ ସେହିଟିକୁ ଜାଣିବାକୁ ଚେଷ୍ଟା କରିବେ । ପୂର୍ବରୁ ଜଣେ ଯେମିତି ବ୍ୟବହାର କରିଥିବେ ଆଉ ଜଣେ ତାହାକୁ ଆଉ ସେହିଭଳି ବ୍ୟବହାର କରିପାରିବ ନାହିଁ ।

**ମନେରଖ** – ଯେଉଁ ସାମଗ୍ରୀର ଆକାର ଅନୁସାରେ ଅଭିନୟ କରୁଛ ତାହା ବାସ୍ତବ ବସ୍ତୁର ଆକାର ଭଳି ହେବା ଉଚିତ । ଉଦାହରଣ ସ୍ୱରୂପ : ଗୋଟିଏ କଲମ – ଏହା ଦାନ୍ତଘଷା ବ୍ରସ୍, ପାନିଆ ଏବଂ ଗୋଟିଏ ଡଙ୍କି ଭଳି ବ୍ୟବହାର ହୋଇପାରିବ । କାରଣ ଏମାନଙ୍କ ଆକାର ଏକା ପ୍ରକାରର । ଏହା ବହି, ହେଲମେଟ୍ କିମ୍ବା ଜୋତା ଭାବରେ ବ୍ୟବହାର କରାଯାଇ ପାରିବ ନାହିଁ । କାରଣ ସେମାନଙ୍କ ଆକାର ଅଲଗାଅଲଗା ଅଟେ ।

ଝିଅଟି ବୋତଲକୁ କିପରି ବ୍ୟବହାର କରିପାରିଛି ।

_______________

_______________

_______________



ବାଳକଟି ପେନ୍‌ସିଲ୍‌ଟିକୁ କିଭଳି ଭାବରେ ବ୍ୟବହାର କରୁଛି ।

_______________

_______________

_______________

**ଟିପ୍ପଣୀ :** ମୁହଁର ଭାବ ସହିତ ଶରୀରର ଭାଷା କିମ୍ବା ଅଙ୍ଗଭଙ୍ଗୀ ଏକାଠି ମିଶିଲେ ତାହା ଭଲ ଭାବରେ ଭାବ ପ୍ରକାଶ କରି ଦର୍ଶକମାନଙ୍କ ସହିତ ଯୋଗାଯୋଗ ସ୍ଥାପନ କରିବାରେ ସାହାଯ୍ୟ କରେ ।

**ମୌଳିକ**

କଲମ, ଚକ୍, ଡଷ୍ଟର୍ ଏବଂ ଅନ୍ୟାନ୍ୟ ଶ୍ରେଣୀଗୃହ ସାମଗ୍ରୀ ।

**ଉନ୍ନତ**

ବହି, ବ୍ୟାଗ୍ କିମ୍ବା ଅନ୍ୟ କିଛି, ପ୍ରଥମ ସ୍ତରଠାରୁ ଆହୁରି ବଡ଼ ଜିନିଷ ।

## ଆଲୋଚନା ଓ ମତାମତ

- ଉକ୍ତ କ୍ରିୟାକଳାପର କେଉଁ ଅଂଶଟିକୁ ତୁମକୁ ସବୁଠାରୁ ଅଧିକ ଭଲ ଲାଗିଲା ।
- କୌଣସି ଉପକରଣକୁ ପୁନଃ କଳ୍ପନା କରି ତାହାକୁ ବ୍ୟବହାର କରିବା କଷ୍ଟ ଥିଲା କି ?
- କେତେ ସଂଖ୍ୟକ ସାମଗ୍ରୀକୁ ଠିକ୍‌ଭାବେ ଅନୁମାନ କଲ ?
- ତୁମେ ଏହି କାର୍ଯ୍ୟକଳାପରେ କେଉଁ ନୂଆ ଜିନିଷ ଯୋଡ଼ି ପାରିବ ?

ସର୍କଲ୍ ଟାଇମ୍ ଟିପ୍‌ପଣୀ

______________________________

______________________________

______________________________






## କ୍ରିୟାକଳାପ ଅଭ୍ୟାସ କର



ଉପକରଣ – ପେନ୍‌ସିଲ୍ ବାକ୍ସ



ଉପକରଣ – ରୁମାଲ



ଉପକରଣ – ପାଣି ବୋତଲ

ଲାପ୍‌ଟପ୍ ______________ ______________

ଟଙ୍କା ବାକ୍ସ ______________ ______________

କବାଟ ଖୋଲିବା ______________ ______________

## ଦୃଶ୍ୟ – ୪ ଧ୍ୱନିର ଦୃଶ୍ୟ

**ଆବଶ୍ୟକ –**

**ମୌଳିକ ଲୋକବାଦ୍ୟ ଯନ୍ତ୍ର**

ଢୋଲ, ମୃଦଙ୍ଗ, ଗିନି, ଝାଞ୍ଜ,ରେକର୍ଡ଼ିଂ ହୋଇଥିବା ବାଦ୍ୟଯନ୍ତ୍ର ସଙ୍ଗୀତ (କଣ୍ଠସ୍ୱର କିମ୍ୱା ସଙ୍ଗୀତ ନ ଥିବ) ବ୍ୟବହାର ହେବ।

**ନିର୍ଦ୍ଦେଶାବଳୀ :** ଶିକ୍ଷକ ଏକ ଧ୍ୱନିର ରେକର୍ଡିଂ ବଜାଇବେ। ତୁମେ ଆଖି ବନ୍ଦ କରି ଧ୍ୟାନର ସହ ଧ୍ୱନିଟିକୁ ଶୁଣ।

ତୁମେ କ'ଣ ଅନୁଭବ କରୁଛ ଲକ୍ଷ୍ୟ କର। କେଉଁସବୁ ଛବି ଓ ଦୃଶ୍ୟ ତୁମ ମନକୁ ଆସୁଛି ? ବର୍ତ୍ତମାନ ତୁମେ ଆଖି ଖୋଲ ଏବଂ ସୃଜନାତ୍ମକ ଭାବରେ ସେହିଗୁଡ଼ିକର ପ୍ରତିକ୍ରିୟା ପ୍ରକାଶ କର (କଥାବାର୍ତ୍ତା ନ କରି ନୃତ୍ୟ, ବେଗ, ପ୍ରତିକ୍ରିୟା ମାଧ୍ୟମରେ ଯାହା ଅନୁଭବ କଲ ତାହାକୁ ପ୍ରକାଶ କର)।

ବର୍ତ୍ତମାନ ଆମେ ପରବର୍ତ୍ତୀ ସ୍ତରକୁ ଯିବା – ଧ୍ୱନି !
ଏକ ନିର୍ଦ୍ଦିଷ୍ଟ ଭାବନା ଓ ଅନୁଭବ ସୃଷ୍ଟି କରିବା ପାଇଁ ଧ୍ୱନିର ନିଜସ୍ୱ ଗୁଣ ରହିଛି। ତୁମେ ଯେତେବେଳେ ଚଢ଼େଇମାନଙ୍କ ସ୍ୱର ଶୁଣ କିପରି ଅନୁଭବ କର ? ନଈର ସୁଅ ଓ ସମୁଦ୍ର ଢେଉର ଧ୍ୱନି ସମ୍ବନ୍ଧରେ ତୁମେ କ'ଣ ଭାବ ? ପ୍ରତ୍ୟେକ ଧ୍ୱନି ଭିନ୍ନଭିନ୍ନ ମଣିଷଙ୍କ ଭିତରେ ଭିନ୍ନଭିନ୍ନ ଭାବ ସୃଷ୍ଟି କରାଇଥାଏ। ଏବେ ଆସ ଦେଖିବା ତୁମେ ଯାହା ଶୁଣୁଛ ସେଥିରୁ କି ଅର୍ଥ ବାହାର କରୁଛ ଏବଂ ମତେ କୁହ, ପ୍ରତ୍ୟେକ ଧ୍ୱନି କି ଭାବ ସୃଷ୍ଟି କରୁଛି।



## କ୍ରିୟାକଳାପ – ୯ ଧ୍ୱନି ଉନ୍ନତିକରଣ

**ମୌଳିକ**

ବିଭିନ୍ନ ଭାବ ଓ ଅନୁଭବ ସୃଷ୍ଟି କରିବାପାଇଁ ଆଞ୍ଚଳିକ ବାଦ୍ୟ ଢୋଲ, ସୁସୁରି (ସିଟି), ବଂଶୀ, ଏକ୍‌ତାରା ଆଦିର ରେକର୍ଡିଂ ଧ୍ୱନି ବ୍ୟବହାର କରାଯାଇପାରେ।

**ଉନ୍ନତ**

ଏହା ଏକ ଦଳଗତ କ୍ରିୟାକଳାପ। ଯେଉଁଥିରେ ପ୍ରତିକ୍ରିୟାଗୁଡ଼ିକ ଦଳଗତ ଭାବରେ ପ୍ରଦର୍ଶନ କରାଯାଇଥାଏ। ଶୁଣୁଥିବା ଧ୍ୱନିର ଭାବ ଅନୁଯାୟୀ ସେମାନେ ଏକ ସରଳ ଦୃଶ୍ୟର ସୃଷ୍ଟି କରନ୍ତି। ଉଦାହରଣ : ଏକ ଜୀବନ୍ତ ସଙ୍ଗୀତର ତାଳ ମାଧ୍ୟମରେ ଏକ ଉତ୍ସବ ପାଳନର ଦୃଶ୍ୟକୁ ଦେଖାଇ ଦିଆଯାଇପାରେ। ଜୋର୍‌ରେ ବାଜୁଥିବା ଏକ ଢୋଲର ଧ୍ୱନି ମାଧ୍ୟମରେ, ରହସ୍ୟ ଏବଂ ଚାଞ୍ଚଲ୍ୟକର ଦୃଶ୍ୟକୁ ପ୍ରଦର୍ଶନ କରାଯାଇପାରେ।



### ଆଲୋଚନା ଓ ମତାମତ

- ❖ ଧ୍ୱନି ତୁମକୁ ପ୍ରାକୃତିକ ଭାବରେ ଚଳପ୍ରଚଳ ହେବାକୁ ପ୍ରେରଣା ଦିଏ କି ?
- ❖ ଧ୍ୱନି ଅନୁସାରେ ଚଳପ୍ରଚଳ ହେବା ତୁମକୁ ସହଜ ନା କଷ୍ଟ ଲାଗେ ?
- ❖ ତୁମେ ଶ୍ରେଣୀଗୃହରେ ସବୁଦିନେ ବ୍ୟବହାର ହେଉଥିବା ଜିନିଷସବୁକୁ ବ୍ୟବହାର କରି କୌଣସି ଧ୍ୱନି ସୃଷ୍ଟି କରିବାକୁ ଚାହୁଁଛ କି ?
- ❖ ତୁମେ ନିଜ ସମ୍ପର୍କରେ କେଉଁ ନୂଆ ଜିନିଷ ଶିଖିଲ ।


ସର୍କଲ୍ ଟାଇମ୍ ଟିପ୍ପଣୀ

____________________

____________________

____________________

ବର୍ତ୍ତମାନ ପର୍ଯ୍ୟନ୍ତ ତୁମେ ଏହିସବୁ ଧ୍ୱନିଗୁଡ଼ିକୁ ଅନେକ ଥର ଶୁଣିଛ । କିନ୍ତୁ ତୁମେ ଏହା ଭିତରେ ରହିଥିବା କୌଣସି ଅର୍ଥକୁ ବୁଝି ନାହଁ । ଏବେ ଆମେ ଯାହା କଲୁ, ତାହାକୁ ମନଧ୍ୟାନ ଦେଇ ଶୁଣିବା କୁହାଯାଏ । ଏହା ସାଧାରଣ ଭାବେ ଶୁଣିବାଠାରୁ ଭିନ୍ନ ଅଟେ । ଯେତେବେଳେ ତୁମେ କୌଣସି ଧ୍ୱନି ବା କଥିତ ଶବ୍ଦକୁ ବୁଝିବାକୁ, ଆହରଣ କରିବାକୁ ଏବଂ ଉପଯୁକ୍ତ ଭାବରେ ତାହାର ପ୍ରତିକ୍ରିୟା ପ୍ରକାଶ କରିବାକୁ ବିଶେଷ ଧ୍ୟାନ ଦିଅ, ତାହା ହିଁ ମନଧ୍ୟାନ ଦେଇ ଶୁଣିବା । ତୁମେ ଶ୍ରେଣୀଗୃହରେ ପ୍ରତିଦିନ ବହୁତ ଗୁଡ଼ିଏ ଧ୍ୱନି ଶୁଣ । କିନ୍ତୁ ଯେତେବେଳେ, ତୁମ ଶିକ୍ଷକ କିଛି କହିଥାନ୍ତି ତୁମେ ତାହାକୁ ମନଧ୍ୟାନ ଦେଇ ଶୁଣି ଥାଅ ।










ଏହା କ'ଣ ଆଶ୍ଚର୍ଯ୍ୟଜନକ ନୁହେଁ କି ଯେ ଆମେ କଥାବାର୍ତ୍ତା ନ କରି ମଧ୍ୟ ଭାବ ଆଦାନ-ପ୍ରଦାନ କରିପାରୁଛ ? ଆମେ ଭାବୁଥିଲେ ଯେ କେବଳ କଥାବର୍ତ୍ତା ହେବା ହିଁ ଭାବବିନିମୟ ବା ଯୋଗାଯୋଗ ସ୍ଥାପନ ! ଆମେ ଆମର ମୁହଁ, ଦେହ ଓ ଧ୍ୱନିକୁ ଦୃଶ୍ୟ ସୃଷ୍ଟି କରିବାକୁ ଏବଂ ଏପରି କି ଗପ ମଧ୍ୟ କହିବାକୁ ବ୍ୟବହାର କରୁଥିଲେ । ଆମେ ସତରେ କ'ଣ ଭାଷା ଆବଶ୍ୟକ କରୁ କି ? ଏ ବିଷୟରେ ଚିନ୍ତା କର । କିନ୍ତୁ ବର୍ତ୍ତମାନ ପାଇଁ ଚାଲ କଥାବାର୍ତ୍ତା କରିବା ।

# ୧୭ ଆସ ସୃଷ୍ଟି କରିବା

## ଅଙ୍କ – ୩ ଦୃଶ୍ୟ – ୫ ଦୃଶ୍ୟ ସର୍ଜନା

**କ୍ରିୟାକଳାପ – ୧୦** **ଅଭିନୟ**

ଆଃ ! କି ମଜା ଶେଷରେ ଆମେ କଥା କହିବାକୁ ସୁଯୋଗ ପାଇଲୁ ! ତେଣୁ ଶାରୀରିକ ଭାଷା, ମୁହଁର ଭାବ ଏବଂ ବିଭିନ୍ନ ଉପକରଣର ବ୍ୟବହାର ସହିତ ଆମେ ଆଉ ଏକ ଯାଦୁକରୀ ସାମଗ୍ରୀ ପାଇଗଲୁ; ତାହା ହେଲା – ବାର୍ତ୍ତାଳାପ । ଏହା କ'ଣ ସହଜ ଲାଗୁଛି କି ? ଯଦିବା ଏହା ସହଜ ଜଣାଯାଉଛି, ଏହା ପ୍ରକୃତରେ ସେତେ ସହଜ ନୁହେଁ । ବର୍ତ୍ତମାନ ଆଗେଇବା ଏବଂ ଏକ ଦୃଶ୍ୟ ସର୍ଜନା କରିବା !



ସୃଜନଶୀଳତା, କଳ୍ପନା ଏବଂ ଭାବପ୍ରକାଶ ପ୍ରଭୃତି ନାଟ୍ୟକଳାର ମୂଳଦୁଆଗୁଡ଼ିକ ବିଷୟରେ ପ୍ରାଥମିକ ସ୍ତରରୁ ବୁଝି ଆମେ ଅଭିନୟ ଆରମ୍ଭ କରିବାକୁ ପ୍ରସ୍ତୁତ ।



**ନିର୍ଦ୍ଦେଶାବଳୀ** – ତୁମେ ଏବେ ଦୁଇ ଜଣିଆ ହୋଇ କାମ କରିବ । ତୁମ ଶିକ୍ଷକ ଉଭୟଙ୍କ ପାଇଁ ଚରିତ୍ର ଓ ପରିସ୍ଥିତି ନିର୍ଣ୍ଣୟ କରିବେ । ତାହାକୁ ଆଧାର କରି ତୁମେ ଓ ତୁମ ସାଙ୍ଗ ନିଜନିଜ ମଧ୍ୟରେ ବାର୍ତ୍ତାଳାପ କରିବ । ତୁମେ ଉପକରଣ ବ୍ୟବହାର କରିପାର (ସତସତିକା କିମ୍ବା ପ୍ରତୀକାତ୍ମକ) । ଶିକ୍ଷକ ବନ୍ଦ କରିବାକୁ କହିବା ପର୍ଯ୍ୟନ୍ତ ବାର୍ତ୍ତାଳାପ କରି ଚାଲ । ଏହା ତୁମକୁ ସହଜ ଲାଗୁଛି କି ?

**ମୌଳିକ**

ପୋଲିସ୍ ଏବଂ ଚୋର ମଧ୍ୟରେ କଥାବାର୍ତ୍ତା, ରୋଗୀ ଏବଂ ଡାକ୍ତର, ଚକ୍‌ଲେଟ କିଣିବାପାଇଁ ତୁମକୁ ଟଙ୍କା ଦେବାକୁ ତୁମ ମା'ଙ୍କୁ ବୁଝାଇବା, ତୁମ ସାଙ୍ଗକୁ ଜନ୍ମଦିନରେ ଆଶ୍ଚର୍ଯ୍ୟ କରିବାପାଇଁ ଏକ ଯୋଜନା ପ୍ରସ୍ତୁତି ।

**ଉନ୍ନତି**

ସାହାଯ୍ୟ କରିବା, ଆଦାନପ୍ରଦାନ କରିବା, ସାଧୁତା, ସମ୍ମାନ ଆଦି ଧାରଣା ଆଧାରରେ ପରିସ୍ଥିତି ସୃଷ୍ଟି କରିବା ।



**ତୁମେ ଶିଖିବ**

ପରସ୍ପର ମଧ୍ୟରେ ଯୋଗସୂତ୍ର-ସ୍ଥାପନ, ଉପକରଣର ଅଭିନବ ତଥା ଅନ୍ୟପ୍ରକାର ବ୍ୟବହାର, ଆତ୍ମ ବିଶ୍ୱାସ, ଦୃଶ୍ୟଦ୍ୱାରା ଏକ ପରିସ୍ଥିତି ଗଠନ, ଦଳଗତ ଭାବେ କାର୍ଯ୍ୟ କରିବା ।

## ଆଲୋଚନା ଓ ମତାମତ :

- ଅନ୍ୟ ଚରିତ୍ରମାନଙ୍କ ଭଳି ତୁମକୁ ଅଭିନୟ କରିବାକୁ ଭଲ ଲାଗିଲା କି ?
- କେଉଁ ପରିସ୍ଥିତି ପ୍ରଦର୍ଶନ କରିବା କଠିନ ଥିଲା ଓ କାହିଁକି ?
- କଥାବାର୍ତ୍ତା କରି ନା କଥାବାର୍ତ୍ତା ନ କରି ପରିସ୍ଥିତି ପ୍ରଦର୍ଶନ ସହଜ ଥିଲା ?
- ତୁମେ ତୁମ ବିଷୟରେ କେଉଁ ନୂଆ କଥା ଶିଖିଲ ?

ସର୍କଲ୍ ଟାଇମ୍ ଟିପ୍ପଣୀ






କଥାର ଯାଦୁ ତୁମ ପ୍ରଦର୍ଶନକୁ ସହଜ କଲା କି ? କିମ୍ବା ସେଥିପାଇଁ ତୁମେ ତୁମ ସମସ୍ତ ଶାରୀରିକ ଭାଷାକୁ ଭୁଲିଗଲ କାରଣ ପରେପରେ କ'ଣ କହିବାକୁ ହେବ ସେଥିପ୍ରତି କେବଳ ଧ୍ୟାନ ଦେଲ ? ଅଙ୍ଗଭଙ୍ଗୀ, ଭାବପ୍ରକାଶନ ଏବଂ ସଂଳାପ ମଧ୍ୟରେ ସମନ୍ୱୟ ରକ୍ଷା କରିବା ହିଁ ନାଟକ ଅଭିନୟ ପାଇଁ ଉପଯୁକ୍ତ ଉପାୟ । ଅଧିକ ଚିନ୍ତା କର ନାହିଁ । ସବୁଦିନ ଅଭ୍ୟାସ ହିଁ ଏହାକୁ ସରଳ କରିପାରିବ । ସବୁଦିନ ଅଭ୍ୟାସ ପାଇଁ : ତୁମେ ଯେତେବେଳେ ତୁମ ଘରେ, ବିଦ୍ୟାଳୟରେ ବା ସାଙ୍ଗମାନଙ୍କ ସହିତ କଥାବାର୍ତ୍ତା ହେଉଛ, ସେତେବେଳେ ଧ୍ୟାନ ଦିଅ ଯେ ତୁମର ଅଭିନୟ ଏବଂ ଭାବପ୍ରକାଶନ କିଭଳି ହେଉଛି । ଅନ୍ୟମାନଙ୍କୁ ମଧ୍ୟ ଲକ୍ଷ୍ୟ କର ।



**ଦୃଶ୍ୟ ୬** **ଅଭିନୟ ମାଧ୍ୟମରେ କାହାଣୀ**

ଆଗରୁ, ଗୋଟିଏ ଦୃଶ୍ୟରେ ତୁମେ କେବଳ ଦୁଇଜଣ ଅଭିନେତା ଥିଲ । ଆମେ ବର୍ତ୍ତମାନ ଏଥର ଅଧିକ ସଂଖ୍ୟକ ଅଭିନେତା ନେବା । ଯଦିଚ ତୁମେ ନିଜେ ଏକା ଏକା କରୁଥିବା ଭାବଭଙ୍ଗୀ, ଅଭିନୟ, ଏବଂ ସଂଳାପଗୁଡ଼ିକ ସମାନ ତଥାପି ସମଗ୍ର ଉପାୟଟି ସମ୍ପୂର୍ଣ୍ଣ ଭିନ୍ନ । ଏହି ଦୃଶ୍ୟକୁ ଦଳହୋଇ ପରିବେଷଣ କଲେ ତାହା କ'ଣ ଅଧିକ ପ୍ରଭାବଶାଳୀ ହେବ କି ? ନା ଏହା ଅଧିକ ଅସୁବିଧା କରିବ ? କେବେ ନୁହେଁ... ଯେତେ ଅଧିକ ଚରିତ୍ର ସେତେ ଅଧିକ ମଜା ।



**କ୍ରିୟାକଳାପ - ୧୧** **ଦଳଗତ ଚରିତ୍ରାଭିନୟ**



ଶ୍ରେଣୀରେ ଯେତେ ଜଣ ପିଲା ଅଛନ୍ତି ସେମାନଙ୍କୁ ୫ ବା ୬ଟି ଦଳରେ ବିଭକ୍ତ କରାଯାଉ । ପ୍ରତ୍ୟେକ ଦଳକୁ ଗୋଟିଏ ଲେଖାଏଁ ସରଳ କାହାଣୀ ଦିଆଯାଉ । ପିଲାମାନେ ତାହାର ପ୍ରସ୍ତୁତି, ଅଭ୍ୟାସ ଏବଂ ପରିବେଷଣ କରିବେ ।

**ମୌଳିକ**

ଅନ୍ୟାନ୍ୟ ପାଠ୍ୟପୁସ୍ତକରେ ଥିବା ଜଣାଶୁଣା କାହାଣୀ ଗୁଡ଼ିକୁ ଅଣାଯାଇପାରେ । ଯେପରିକି, ଭାଷା ସାହିତ୍ୟ ପୁସ୍ତକ, ଇତିହାସ ବହିର କାହାଣୀ ଇତ୍ୟାଦି ।

**ଉନ୍ନତି**

ବିଭିନ୍ନ ମହାକାବ୍ୟ, କିମ୍ବଦନ୍ତୀ, ଜୀବନୀ, ପୁରାଣ, ପଞ୍ଚତନ୍ତ୍ର, ଯଦୁମଣି କାହାଣୀ, ଅବଲୋକରା କାହାଣୀ ତଥା ଅନ୍ୟାନ୍ୟ ଭାଷା ସାହିତ୍ୟ ବହିରୁ ବିଷୟବସ୍ତୁଗୁଡ଼ିକୁ ନିଆଯାଇପାରେ । ଉଦାହରଣସ୍ୱରୂପ-ଚତୁର କାଉ, ଏକଲବ୍ୟ, ବିରାଡ଼ିର ବିଚାର, ଧନୁର୍ବିଦ୍ୟା ଶିକ୍ଷା ସମୟରେ ଅର୍ଜୁନଙ୍କ ଏକାଗ୍ରତା, ଶ୍ରବଣ କୁମାର ଏବଂ ଶିବ, ପାର୍ବତୀଙ୍କ ପ୍ରତି ଗଣେଶଙ୍କ ଭକ୍ତି ଇତ୍ୟାଦି ।

## ଆଲୋଚନା ଓ ମତାମତ :

- ଏହି କ୍ରିୟାକଳାପର କେଉଁ ଅଂଶଟିକୁ ତୁମେ ସବୁଠୁ ଅଧିକ ଉପଭୋଗ କଲ ? କାହିଁକି ?
- ଇତିହାସ ଓ ଲୋକ ପରମ୍ପରାରୁ ତୁମେ କେତେଗୋଟି କାହାଣୀ ଜାଣିଛ ?
- ଅନ୍ୟ କେଉଁ କାହାଣୀକୁ ନେଇ ତୁମେ ନାଟକ କରିବାକୁ ଚାହୁଁଛ କି ?
- ତୁମେ ନିଜ ବିଷୟରେ କେଉଁ ନୂଆ ଜିନିଷ ଶିଖିଲ ?

ସର୍କଲ୍ ଟାଇମ୍ ଟିପ୍ପଣୀ






ନିଜେନିଜେ ଅଭିନୟ କରିବା ଓ ଦଳ ସହିତ ଅଭିନୟ କରିବା ଭିତରେ ତୁମ ଭାବନା ଓ କାମ କରିବା ଶୈଳୀରେ ଅନେକ ପ୍ରଭେଦ ନାହିଁ କି ? ତୁମେ ଦଳରେ ମିଶି କାର୍ଯ୍ୟ କରିବାବେଳେ ଅନେକ କୌଶଳ ଶିକ୍ଷା କରିଥାଅ । ତୁମେ ନିଶ୍ଚିତ ହୁଅ ଯେ ପ୍ରଦର୍ଶନବେଳେ ସମସ୍ତେ ଯେପରି ସମାନ ସୁଯୋଗ ପାଇପାରିବେ । ପ୍ରତ୍ୟେକଙ୍କ ଭାବନା ଓ ମତାମତକୁ ସମ୍ମାନ କରିବାକୁ ହେବ । ସମସ୍ତଙ୍କ କଥାକୁ ନେଇ ତୁମେ କିପରି ପରିବେଷଣ କରିବାକୁ ସମର୍ଥ ହେବ, ତାହା ହିଁ 'ଦଳଗତ କାର୍ଯ୍ୟ' ।

ଏବେ ଆଗକୁ ବଢ଼ିଲେ, ତୁମେ ଦଳଭିତରେ ରହି ଅନେକ କାମ କରିବ, କାରଣ ନାଟକ ମାନେ ହିଁ ଦଳ ହୋଇ କାର୍ଯ୍ୟ କରିବା । ମୋ ପାଖରେ ତୁମେ ପାଳନ କରିବାପାଇଁ ଏକ ସରଳ ପରାମର୍ଶ ରହିଛି ଯାହା କି ତୁମ ଦଳକୁ ବିଶେଷ ପାରଙ୍ଗମ କରିପାରିବ । ସବୁବେଳେ ଅନ୍ୟମାନଙ୍କୁ ଦୋଷ ଦେବା ଅପେକ୍ଷା ଦଳପାଇଁ ତୁମେ ନିଜେ କିପରି ସହଯୋଗ କରିପାରିବ ତାହା ଚିନ୍ତା କର । ଦଳର ସମସ୍ତେ ଯଦି ଏହି କଥାକୁ ମାନନ୍ତି, ତାହାହେଲେ ତୁମ ଦଳ ନିଶ୍ଚୟ ଏକ ଉତ୍ତମ ଦଳରେ ପରିଣତ ହେବ ।

# ୧୮ ଚାରିଆଡ଼କୁ ଦେଖ

## ଅଙ୍କ - ୪

ବିଦୂଷକ : ଏବେ ଆମେ ସାଧାରଣ ଭାବେ ଶୁଣିବା ଓ ମନଧ୍ୟାନ ଦେଇ ଶୁଣିବା ମଧ୍ୟରେ ଥିବା ପାର୍ଥକ୍ୟକୁ ଯେପରି ଆଲୋଚନା କଲେ, ସେହିପରି ଆମେ ବର୍ତ୍ତମାନ ନିରୀକ୍ଷଣ (Observation) କରିବା ସମ୍ବନ୍ଧରେ ମଧ୍ୟ ଆଲୋଚନା କରିବା । ନିରୀକ୍ଷଣର ଅର୍ଥ ହେଉଛି, କାହାକୁ ବା କୌଣସି ଜିନିଷକୁ ଅତି ଗଭୀର ଭାବେ ମନଧ୍ୟାନ ଦେଇ ଲକ୍ଷ୍ୟ କରିବା । କୌଣସି ବିଷୟରେ ସୂଚନା ସଂଗ୍ରହ କରି ତାହା ସମ୍ବନ୍ଧରେ ଅଧିକ ଜାଣିବାପାଇଁ ଆମକୁ ତାହାକୁ ନିରୀକ୍ଷଣ କରିବାକୁ ହୋଇଥାଏ । ଏହି ନିରୀକ୍ଷଣ, ସାଧାରଣ ଭାବେ ଦେଖିବା ଠାରୁ ଭିନ୍ନ ଅଟେ । ତୁମେ ବିଦ୍ୟାଳୟ ଯିବା ରାସ୍ତାରେ ଅନେକ ଲୋକଙ୍କୁ ଦେଖିଥାଅ । କିନ୍ତୁ ତୁମେ ଜଣଙ୍କର ଭାବଭଙ୍ଗୀ ଓ ବ୍ୟବହାର ଜାଣିବାପାଇଁ ତାଙ୍କୁ ନିରୀକ୍ଷଣ କରିଥାଅ । ଯେତେବେଳେ ତୁମେ କେବଳ ପରିସ୍ଥିତି, କାର୍ଯ୍ୟକଳାପ କିମ୍ବା ବ୍ୟକ୍ତିଙ୍କ ବିଷୟରେ ଅଧିକ ସୂଚନା ପାଇବାକୁ ଗୁରୁତ୍ୱର ସହ ଦେଖ, ସେତେବେଳେ ତୁମେ ତାକୁ ନିରୀକ୍ଷଣ କରୁଛ ବୋଲି ବୁଝାଯାଏ ।

ଜଣେ ଅଭିନେତା ତାହାର ଚାରିପଟକୁ ଦେଖି ଓ ନିରୀକ୍ଷଣ କରି ଅନେକ କିଛି ଶିଖିଥାଏ । ଏପର୍ଯ୍ୟନ୍ତ ଅମେ ଆମ ମନର ସୃଜନଶୀଳତାକୁ ନେଇ କିଛି କାମ କରୁଛେ । ବର୍ତ୍ତମାନ ଆମ ଚାରିପାଖରେ ଥିବା ସୃଜନଶୀଳତା ଓ ପ୍ରେରଣା ପାଇଁ ଦୃଷ୍ଟି ଦେବା ।



### ତୁମେ ଶିଖିବ

ଭାବନାର ସ୍ୱଷ୍ଟତା, ସୃଜନଶୀଳତା, ବାକ୍‌ପଟୁତା, କାହାଣୀ କହିବା, ପ୍ରଶ୍ନ କରିବା, ନିରୀକ୍ଷଣ, ଆଞ୍ଚଳିକ ନାଟକ ଓ ନିଜନିଜର ପରମ୍ପରା ।

**ଦୃଶ୍ୟ ୭** କାହାଣୀ ଲେଖିବା କଳା

## କ୍ରିୟାକଳାପ ୧୨ ନିରୀକ୍ଷଣ ଏବଂ କାହାଣୀ କଥନ



ତୁମ ଚାରିପାଖରେ ଥିବା ଲୋକଙ୍କୁ ନିରୀକ୍ଷଣ କର । ଉଦାହରଣ ସ୍ୱରୂପ- ତୁମ ଘର ପାଖରେ ଥିବା ଜଣେ ଦୋକାନୀ, ଜଣେ କ୍ଷୀର ବିକିବା ବାଲା, ତୁମ ବାପା ଏବଂ ରୋଷେଇ ଘରେ ରୋଷେଇ କରୁଥିବା ମାଆ ।

ଏଥିମଧ୍ୟରୁ ଜଣେ ବ୍ୟକ୍ତିଙ୍କୁ ବାଛ ଓ ତାଙ୍କ ବ୍ୟବହାରକୁ ଅନୁକରଣ କର । ସେ କିପରି ଚାଲୁଛନ୍ତି, କିପରି କଥାବାର୍ତ୍ତା କରୁଛନ୍ତି, ସେ କେଉଁ କେଉଁ ଉପକରଣ ସବୁ ବ୍ୟବହାର କରୁଛନ୍ତି, କେଉଁ ପ୍ରକାରର ପୋଷାକ ପିନ୍ଧନ୍ତି ଏବଂ ସେ କରୁଥିବା କୌଣସି ବିଶେଷ ଅଙ୍ଗଭଙ୍ଗୀ, ଇତ୍ୟାଦିକୁ ନିରୀକ୍ଷଣ କର । ତୁମେ ଦୁଇ ତିନି ଦିନ ସମୟ ନେଇ ଏ ସବୁକୁ ନିରୀକ୍ଷଣ କରି ତାହାର ଏକ ଟିକିନିଖି ତାଲିକା ପ୍ରସ୍ତୁତ କର ।

### ଗୋଟିଏ କାହାଣୀ କଳ୍ପନା କର

**ମୌଳିକ**

କୌଣସି ବ୍ୟକ୍ତିଙ୍କ ସମ୍ପର୍କରେ ଏକ ସରଳ ବର୍ଣ୍ଣନା । ଏହାପରେ ସେହି ଲୋକଙ୍କୁ ମୁଖ୍ୟ ଚରିତ୍ର କରି ଏକ କାହାଣୀ ବର୍ଣ୍ଣନା କର ।

(ଏହା ଏକ କାଳ୍ପନିକ କାହାଣୀ ମଧ୍ୟ ହୋଇପାରେ ।)

**ଉନ୍ନତି**

ସେହି ବ୍ୟକ୍ତିଙ୍କ ଭାବ, କ୍ରିୟାକଳାପ, ଅଙ୍ଗଭଙ୍ଗୀ ଏବଂ କଥାବାର୍ତ୍ତା କରିବାର ଶୈଳୀ ଆଦିକୁ ଅନୁକରଣ କରି ଅଭିନୟ କର ।


## ଆଲୋଚନା ଓ ମତାମତ :

- ଏହି କ୍ରିୟାକଳାପର କେଉଁ ଅଂଶଟିକୁ ତୁମେ ସବୁଠୁ ଅଧିକ ଉପଭୋଗ କଲ ? କାହିଁକି ?
- ତୁମର ନିରୀକ୍ଷଣକୁ ତୁମେ ବ୍ୟବହାର କରିପାରିବ ବୋଲି ଜାଣିଲ କି ?
- ତୁମେ ଯେଉଁ ବ୍ୟକ୍ତିଙ୍କୁ ନିରୀକ୍ଷଣ କରିଥିଲ ତାଙ୍କ ଭଳିଆ ଅଭିନୟ ସହଜରେ କରିପାରିଲ କି ?
- ତୁମେ ନିଜେ କେଉଁ ନୂଆ ବିଷୟରେ ଶିକ୍ଷାଲାଭ କଲ ?

ସର୍କଲ୍ ଟାଇମ୍ ଟିପ୍ପଣୀ





ସେମାନେ କିଏ ? ସେମାନେ କ'ଣ କରୁଛନ୍ତି ?

ଚିତ୍ରଟିକୁ ନିରୀକ୍ଷଣ କର ଏବଂ ଚିତ୍ରରେ ଘଟୁଥିବା ଘଟଣାକୁ ନେଇ ଏକ ସରଳ କାହାଣୀ ତିଆରି କର । ଏହାକୁ ଶ୍ରେଣୀରେ ବର୍ଣ୍ଣନା କର ।

**କ୍ରିୟାକଳାପ ୧୩** **ଚିତ୍ରଦ୍ୱାରା କାହାଣୀ କହିବା**

ଆବଶ୍ୟକତା- ସୁନ୍ଦର ଦେଖାଯାଉଥିବା ଚିତ୍ର । ସେହି ଚିତ୍ରଗୁଡ଼ିକ ଦୃଶ୍ୟ କଳା ଶ୍ରେଣୀର ଛାତ୍ର ଓ ଛାତ୍ରୀମାନଙ୍କ ଦ୍ୱରା ପ୍ରସ୍ତୁତ ହୋଇଥାଇପାରେ ।

**ନିର୍ଦ୍ଦେଶାବଳୀ-** ତୁମ ଶିକ୍ଷକ ଯେଉଁ ଚିତ୍ର ଦେଖାଉଛନ୍ତି ତାହାକୁ ଭଲଭାବେ ଦେଖ । ସେଥିରେ ଥିବା ସମସ୍ତ ଉପାଦାନଗୁଡ଼ିକୁ ନିରୀକ୍ଷଣ କର । ଚିତ୍ରରେ ଥିବା କ୍ରିୟାକଳାପ ଓ ତାହାର ଭାବ ପ୍ରକାଶ ଆଧାରରେ ତୁମକୁ ଏକ କାହାଣୀ ସୃଷ୍ଟି କରି ବର୍ଣ୍ଣନା କରିବାକୁ ହେବ ।



**ଗୋଟିଏ ଚିତ୍ର କାହାଣୀ ସୃଷ୍ଟି କର**



**ମୌଳିକ**

ଗୋଟିଏ ଜିନିଷ କିମ୍ବା ପ୍ରାଣୀ, ଗୋଟିଏ ଗଛ, ଗୋଟିଏ ପାତ୍ର, ଗୋଟିଏ ବିଲେଇ ଇତ୍ୟାଦିର ଏକ ସରଳ ଚିତ୍ର ବ୍ୟବହାର କର ଏବଂ ଏହା ବିଷୟରେ ଏକ କାହାଣୀ କୁହ ।

**ଉନ୍ନତି**

ଦୁଇଟି ଚିତ୍ରକୁ ଯୋଡ଼ ଏବଂ ଏକ ନୂଆ କାହାଣୀ ସୃଷ୍ଟି କର (ଶ୍ରେଣୀରେ ବ୍ୟବହୃତ ହେଉଥିବା ଚିତ୍ରଗୁଡ଼ିକୁ ନେଇ) । ଉଦାହରଣସ୍ୱରୂପ, ଉପରୋକ୍ତ ଚିତ୍ର ପରି, ମାଛ ଓ ବିଲେଇକୁ ବିଷୟ କରି ଗୋଟିଏ କାହାଣୀ ପ୍ରସ୍ତୁତ କର ।

**ଆଲୋଚନା ଓ ମତାମତ :**

- ❖ କ୍ରିୟାକଳାପର କେଉଁ ଅଂଶକୁ ତୁମେ ସବୁଠାରୁ ଅଧିକ ଉପଭୋଗ କଲ ? କାହିଁକି ?
- ❖ ତୁମେ ଏହି କ୍ରିୟାକଳାପକୁ ଅନ୍ୟ କୌଣସି ସ୍ଥାନରେ ବ୍ୟବହାର କରିପାରିବ କି ?
- ❖ ତୁମେ ନିଜ ବିଷୟରେ ନୂଆ କିଛି ଶିଖିଲ କି ?

ସର୍କଲ୍ ଟାଇମ୍ ଟିପ୍ପଣୀ






ତୁମେ ଏବେ ତୁମ ଚାରିପାଖେ ସବୁଠି କାହାଣୀପାଇଁ ବିଷୟ ପାଇପାରିବ । ଏହା ଅତ୍ୟନ୍ତ ପ୍ରେରଣା ଦାୟକ ନୁହେଁ କି ? ଯେତେବେଳେ ତୁମେ କୌଣସି ଆକର୍ଷଣୀୟ ବ୍ୟକ୍ତି, ଜିନିଷ କିମ୍ବା ପରିସ୍ଥିତିର ସମ୍ମୁଖୀନ ହୁଅ, ସେତେବେଳେ କାହାଣୀପାଇଁ ନୂଆ ନୂଆ ବିଷୟ ଲେଖି ରଖିବାକୁ ଏକ ଖାତା ସାଙ୍ଗରେ ରଖ ।

ତାହା ତୁମର ପରବର୍ତ୍ତୀ କାହାଣୀ ହୋଇପାରିବ ।

ତେଣୁ, ତୁମ ଚାରି ପାଖରେ ଥିବା ପରିବେଶକୁ ଆଗ୍ରହର ସହ ନିରୀକ୍ଷଣ କର । ଏହି ତୀକ୍ଷ୍ଣ ନିରୀକ୍ଷଣ କଳା ମାଧ୍ୟମରେ, ତୁମେ ସାରା ପୃଥିବୀକୁ ଆବିଷ୍କାର କରିବା ଶିଖିପାରିବ !



## ଦୃଶ୍ୟ ୮ ସାମୂହିକ ସୃଜନଶୀଳତା

### କ୍ରିୟାକଳାପ ୧୪

ଆମେ ଯେପରି ଚାରିଆଡ଼କୁ ନିରୀକ୍ଷଣ କରି କାହାଣୀର ବିଷୟ ଖୋଜିବା ଶିଖିଛୁ ସେହିପରି ଆସ ଆମ ଚାରିପାଖରେ ଅନ୍ୟ କେଉଁକେଉଁ ଶୈଳୀ/ପ୍ରକାରର ନାଟକ ଅଛି ଦେଖିବା । ଭାରତ କଳା ଏବଂ ସଂସ୍କୃତିରେ ଏତେ ସମୃଦ୍ଧ ଯେ ତୁମେ ପ୍ରତି ୧୦୦ କିଲୋମିଟରରେ ଗୋଟିଏ ଲେଖାଏଁ ନୂତନ ଏବଂ ଭିନ୍ନ କଳାର ସ୍ୱରୂପ ଦେଖିବାକୁ ପାଇବ । ଏହା ଆମ ଦେଶର ବିବିଧତା ଏବଂ ସମୃଦ୍ଧ ସଂସ୍କୃତିର ପରିଚାୟକ ! ତୁମ ରାଜ୍ୟରେ ପରିବେଷିତ ହେଉଥିବା ସେହିପରି ଏକ ଭିନ୍ନ ଶୈଳୀର ନାଟକ ଖୋଜିବାକୁ ଚେଷ୍ଟା କରିବା ।





ଭାଣ୍ଡ ପଥର୍, କାଶ୍ମୀର


ମାଚ୍, ମଧ୍ୟପ୍ରଦେଶ


ଅଙ୍କିଆ ନାଟ, ଆସାମ


ଭବାଇ, ଗୁଜରାଟ




ଯାତ୍ରା, ପଶ୍ଚିମ ବଙ୍ଗ


ବୟଲତା, କର୍ଣ୍ଣାଟକ


ଦାସକାଠିଆ, ଓଡ଼ିଶା

ତୁମ ଜିଲ୍ଲା ଏବଂ ଏହାର ଆଖପାଖରେ ପ୍ରଦର୍ଶିତ ହେଉଥିବା ଦୁଇଟି ଭିନ୍ନଭିନ୍ନ ନାଟକ ଶୈଳୀ ଚିହ୍ନଟ କର। ଏଥିପାଇଁ ତୁମ ପରିବାର କିମ୍ବା ସାଙ୍ଗସାଥୀମାନଙ୍କୁ ସାହାଯ୍ୟ କରିବାକୁ କହିପାରିବ । ତଳେ ଏହାର ଚିତ୍ର ଲଗାଇ ପ୍ରତ୍ୟେକ ନାଟ୍ୟ ଶୈଳୀ ବିଷୟରେ ତିନୋଟି ଲେଖାଏଁ ଧାଡ଼ି ଲେଖ।



ତୁମ ରାଜ୍ୟ ଏବଂ ଜିଲ୍ଲାର ନାମ ଲେଖ :


ଏଠାରେ ଗୋଟିଏ ନାଟ୍ୟ ଶୈଳୀର ଗୋଟିଏ ଫଟୋ ଅଠାରେ ଲଗାଅ କିମ୍ବା ତାହାର ଚିତ୍ର ଆଙ୍କ।

ଏଠାରେ ଗୋଟିଏ ନାଟ୍ୟ ଶୈଳୀର ଗୋଟିଏ ଫଟୋ ଅଠାରେ ଲଗାଅ କିମ୍ବା ତାହାର ଚିତ୍ର ଆଙ୍କ।


## ୧୯ କ୍ରିୟାକଳାପ

**ଅଙ୍କ ୫**

ଏହି ଚିତ୍ରଗୁଡ଼ିକୁ ଯୋଡ଼ି ତୁମେ ନିଜର ଏକ କାହାଣୀ ସୃଷ୍ଟି କର । ତୁମେ ସେହିଗୁଡ଼ିକୁ ଯେକୌଣସି କ୍ରମରେ ବ୍ୟବହାର କରିପାର । କାହାଣୀଟି ଯେତେ ସମ୍ଭବ ଭିନ୍ନ ଏବଂ ସୃଜନାତ୍ମକ ହେବା ଦରକାର ।



**ଧ୍ୟାନ କ୍ରିୟାକଳାପ**



**ନିର୍ଦ୍ଦେଶାବଳୀ :**

୧. ବାହାର ବୃତ୍ତରୁ ଆରମ୍ଭ କରି ପ୍ରତି ବୃତ୍ତରେ ଥିବା ପେଣ୍ଡୁଗୁଡ଼ିକୁ ଅଲଗାଅଲଗା କରି ଗଣ ।

୨. ସେହିଗୁଡ଼ିକୁ ଏକାଠି କର ।

୩. ସେହିଗୁଡ଼ିକୁ ଏକାଠି ଗଣ ।

୪. ଦୁଇଟିଯାକର ସଂଖ୍ୟା ସମାନ କି ?

୫. ତୁମର ସଂଖ୍ୟାକୁ ସାଙ୍ଗମାନଙ୍କ ସଂଖ୍ୟା ସହିତ ତୁଳନା କର ।

ତୁମକୁ ଏତେସବୁ ମଜାଦାର କ୍ରିୟାକଳାପ ଭିତରେ ନେଉନେଉ, ମୁଁ ଜାଣି ନ ଥିଲି ଯେ ଆମେ ଏ ବର୍ଷର କାର୍ଯ୍ୟ ଶେଷରେ ଆସି ପହଞ୍ଚି ଯାଇଛେ ବୋଲି । କିନ୍ତୁ ଆମେ ଏଇମାତ୍ର ଯାତ୍ରା ଆରମ୍ଭ କରିଛେ ! ଆସନ୍ତା ବର୍ଷ ଆହୁରି ରୋମାଞ୍ଚକର ହେବ । ମୁଁ ତୁମକୁ ଏକ ନୂଆ ଯାତ୍ରାରେ ନେଇଯିବାପାଇଁ ଏବଂ ମୋ କାହାଣୀଗୁଡ଼ିକୁ କହିବାପାଇଁ ଅପେକ୍ଷା କରିଛି । ଯେପରିକି ମୁଁ ତୁମକୁ ଆହୁରି ଅଧିକରୁଅଧିକ ଶିଖିବାରେ ସାହାଯ୍ୟ କରିବି । କିନ୍ତୁ ଯାହା ବି କର ପଛେ, ଏ କଥା ନିଶ୍ଚୟ ମନେରଖ ଯେ ଏହାକୁ ଠିକ୍ କିମ୍ବା ଭୁଲ ବୋଲି କୁହାଯାଇ ପାରିବ ନାହିଁ । କାରଣ ତୁମର ଭାବନା, କଳ୍ପନା ହିଁ ଚମତ୍କାର ।

ତୁମେ ନାଟକରେ ଯାହା ଯାହା ସବୁ କରୁଛ, ସେହିଗୁଡ଼ିକୁ ନିଶ୍ଚିତ ଭାବେ ଉପଭୋଗ କର ଏବଂ ତାହାର ମଜା ନିଅ । ଆସନ୍ତା ବର୍ଷ ଦେଖା ହେବ । କୁନିକୁନି ତାରାମାନେ... ନମସ୍କାର ।



## ସମସ୍ତ ପ୍ରକାର କଳାର ସମନ୍ୱୟ



**ତୁମେ ଜାଣିଛ କି ?**

ତୁମ ପାଠ୍ୟପୁସ୍ତକର ନାମ ହେଉଛି ଇନ୍ଦ୍ରଧନୁ । ବର୍ଷା ଛାଡ଼ିଗଲା ପରେ ଆକାଶରେ ଏହା ଦେଖାଯାଏ । ଇନ୍ଦ୍ରଧନୁ ହେଉଛି ଆଶା ଓ ସୌନ୍ଦର୍ଯ୍ୟର ପ୍ରତୀକ । ଏଥିରେ ସାତଟି ରଙ୍ଗ ଥାଏ । ବାଇଗଣୀ, ଘନନୀଳ, ନୀଳ, ସବୁଜ, ହଳଦିଆ, ନାରଙ୍ଗୀ ଓ ଲାଲ । ଏହାକୁ ଦେଖି ତୁମେମାନେ ବହୁତ ଖୁସି ହୁଅ, ନାଚି ନାଚି ଗୀତ ବୋଲ; ବା-ଘ-ନି-ସ-ହ-ନା-ଲା, ବା-ଘ-ନି-ସ-ହ-ନା-ଲା ଓ ରଙ୍ଗ ତୂଳି ଧରି ବିଭିନ୍ନ ରଙ୍ଗରେ ନାନା ପ୍ରକାର ଚିତ୍ର ଆଙ୍କିବାକୁ ଆଗ୍ରହୀ ହୁଅ । ରଙ୍ଗ, ତୂଳୀ, ରଙ୍ଗ ପେନ୍‌ସିଲ୍ ଓ ସ୍କେଚ୍‌ପେନ୍ ସାହାଯ୍ୟରେ ଅନେକ ସୁନ୍ଦରସୁନ୍ଦର ଚିତ୍ର ଆଙ୍କି ପାରିବ । ଏହି ଚିତ୍ର ଆଙ୍କିବାରେ ତୁମର ଏହି ପୁସ୍ତକ ଇନ୍ଦ୍ରଧନୁ ନିଶ୍ଚୟ ସହାୟକ ହେବ । ଏହା ମଧ୍ୟ ତୁମମାନଙ୍କୁ ଗୀତ, ନାଚ ଓ ନାଟକ ଶିଖିବାରେ ସାହାଯ୍ୟ କରିବ ।

ସମସ୍ତ କଳା ପରସ୍ପର ଠାରୁ ବହୁତ ଭିନ୍ନ; ଏଥି ସହିତ ସେମାନଙ୍କ ମଧ୍ୟରେ ଅନେକ ସାମଞ୍ଜସ୍ୟ ମଧ୍ୟ ଅଛି ଏବଂ ପ୍ରତ୍ୟେକ ପ୍ରତ୍ୟେକଙ୍କ ସହିତ ଜଡ଼ିତ । ଉଦାହରଣସ୍ୱରୂପ, ସ୍ୱର, ଲୟ, ଭାବ ଏବଂ ତାଳ ସମସ୍ତ କଳା ସହିତ ଜଡ଼ିତ- ସଙ୍ଗୀତ, ନୃତ୍ୟ, ନାଟକ ଏବଂ ଦୃଶ୍ୟ କଳା । ଏହି ସବୁଥିରେ ଗତି, ତାଳ ସହିତ ବକ୍ତବ୍ୟର ପରିପ୍ରକାଶ ଓ ଯୋଗାଯୋଗପାଇଁ ନିଜସ୍ୱ ଏକ ଭାଷା ମଧ୍ୟ ଅଛି । ତେଣୁ ତୁମେ ଯେକୌଣସି କଳା ମାଧ୍ୟମରେ ତୁମର ଭାବକୁ ପ୍ରକାଶ କରିପାରିବ ।

ଏଠାରେ, ଆମର କିଛି କ୍ରିୟାକଳାପ ଅଛି ଯାହା ସମସ୍ତ କଳାର ରୂପକୁ ଏକାଠି କରିଥାଏ– ତୁମେ ଏହି କ୍ରିୟାକଳାପଗୁଡ଼ିକ କରିପାରିବ ଏବଂ ଉପଭୋଗ ମଧ୍ୟ କରିପାରିବ !

## କ୍ରିୟାକଳାପ – ୧

**ବିଭିନ୍ନ କଳାରୂପମାନଙ୍କର ସମନ୍ୱୟ :**

ପ୍ରାୟତଃ ଏକ ହଜାର ବର୍ଷ ତଳେ ସଂସ୍କୃତ ଭାଷାରେ ନନ୍ଦିକେଶ୍ୱରଙ୍କ ଦ୍ୱାରା ରଚିତ "ଅଭିନୟ ଦର୍ପଣ" ପୁସ୍ତକର ଚାରି ଧାଡ଼ି ଶ୍ଳୋକ ନିମ୍ନରେ ଲେଖା ହୋଇଛି । ଯାହାକୁ ସାଧାରଣତଃ କଳାକାରମାନେ ସେମାନଙ୍କର ମଞ୍ଚ ପରିବେଷଣ ଆରମ୍ଭ କରିବା ପୂର୍ବରୁ ଆବୃତ୍ତି କରିଥାନ୍ତି । ତୁମେ ଏହାକୁ ଅଭିନୟ ସହିତ ଉଚ୍ଚସ୍ୱରରେ ଆବୃତ୍ତି ମଧ୍ୟ କରିପାରିବ ।

ଆଙ୍ଗିକଂ ଭୁବନଂ ଯସ୍ୟ ବାଚିକଂ ସର୍ବବାଙ୍‌ମୟମ୍ ।
ଆହାର୍ଯ୍ୟଂ ଚନ୍ଦ୍ରତାରାଦି ତଂ ବନ୍ଦେ ସାତ୍ତ୍ୱିକଂ ଶିବମ୍ ॥

**ଅର୍ଥ**

ଯାହାଙ୍କ ଶରୀର ସକଳ ଭୁବନ, ଯାହାଙ୍କର ବାଣୀ ସବୁପ୍ରକାର ଧ୍ୱନି, ଚନ୍ଦ୍ର, ତାରା ଯାହାଙ୍କର ଅଳଙ୍କାର ଓ ଯେ ଆଧ୍ୟାତ୍ମିକ ଭାବର ଆଧାର, ମୁଁ ସେହି ପରମେଶ୍ୱର ଶିବଙ୍କୁ ପ୍ରଣାମ କରୁଛି ।

ଏହା ତୁମେ ଶିଖିଥିବା ଚାରୋଟି କଳା ରୂପକୁ ଏକାଠି କରିଥାଏ ।

**ଆଙ୍ଗିକ :**

ବେଗ, କ୍ରିୟାକଳାପ ଏବଂ ଭାବପ୍ରକାଶ ସହିତ ଶାରୀରିକ ଅଙ୍ଗଭଙ୍ଗୀର ପରିବେଷଣ ।

**ବାଚିକ :**

କଥା, ସଂଳାପ, ଗୀତ ଏବଂ ଗାଥା ।

**ଆହାର୍ଯ୍ୟ :**

ବେଶପୋଷାକ, ଅଳଙ୍କାର, ପାରିପାର୍ଶ୍ୱିକ ସ୍ଥିତି ଓ ଦୃଶ୍ୟାବଳୀ ।

**ସାତ୍ତ୍ୱିକ :**

କଳାକାର ଏବଂ ଦର୍ଶକଙ୍କ ପାଇଁ ଗଭୀରତମ ଭାବଭିତ୍ତିକ ଆଧ୍ୟାତ୍ମିକ ଅଭିଜ୍ଞତା ।

## କ୍ରିୟାକଳାପ - ୨ ଇନ୍ଦ୍ରଧନୁ

ତୁମେ ଏକ ଇନ୍ଦ୍ରଧନୁର ପ୍ରତିକୃତି(ମଡ଼େଲ) ତିଆରି କରିପାରିବ । ଯାହାପାଇଁ ତୁମକୁ କେବଳ ଚାର୍ଟ ପେପର୍, ଅଠା, କଇଁଚି ଏବଂ କ୍ରେଅନ୍ କିମ୍ବା ବିଭିନ୍ନ ରଙ୍ଗର ପେନ୍ସିଲ୍ ଆବଶ୍ୟକ ହେବ ।

- ଏକ ଚାର୍ଟ ପେପର୍‌ରେ ରଙ୍ଗ ଦେଇ ଇନ୍ଦ୍ରଧନୁର ଚିତ୍ର ଆଙ୍କ ।
- ଏହା ଚାରି ପାଖରେ ଥିବା ଅନ୍ୟାନ୍ୟ ଜିନିଷ ଯେପରି କି ଆକାଶ, ଚଢ଼େଇ, ଝରଣା, ପାହାଡ଼, ଫୁଲ, ମଣିଷ, ପଶୁ ଏବଂ ଛୋଟ ଜଙ୍ଗଲ ଇତ୍ୟାଦିର ଚିତ୍ର ଆଙ୍କ ।
- ଏବେ ଇନ୍ଦ୍ରଧନୁକୁ ବିଷୟବସ୍ତୁ ଭାବରେ ନେଇ ତୁମେ ଆଙ୍କିଥିବା ଚିତ୍ରରୁ କାହାଣୀ ସୃଷ୍ଟି କର । ଏହାକୁ କିଛି କାର୍ଯ୍ୟ ସହିତ ଶ୍ରେଣୀରେ ଦେଖାଅ ।
- ତୁମେ ତୁମ ଚାରିପାଖରେ ଥିବା ଯେକୌଣସି ବସ୍ତୁକୁ ମଧ୍ୟ ବ୍ୟବହାର କରିପାରିବ ଏବଂ ଏହାଦ୍ୱାରା କାହାଣୀ ବର୍ଣ୍ଣନା କରିପାରିବ ।
- ନିଜକୁ ଇନ୍ଦ୍ରଧନୁ ଭାବରେ କଳ୍ପନା କରି ଅଭିନୟ କର ।
- ତୁମେ ଇନ୍ଦ୍ରଧନୁ ବିଷୟରେ ଏକ ଗୀତ ଲେଖି, ସ୍ୱର ଦେଇ ଗାଇପାରିବ ।

### ✍ ଶିକ୍ଷକଙ୍କୁ ପଦେ

ପିଲାମାନଙ୍କୁ ଇନ୍ଦ୍ରଧନୁ ଦେଖାଇବେ ଏବଂ ତାହାର କଳ୍ପନା କରିବାକୁ ଦେବେ । ଏହାକୁ ବିଷୟ କରି ଏକ ଲୋକଗୀତ ମଧ୍ୟ ଶିକ୍ଷା ଦିଆଯାଇପାରେ ।

ଏହି ସମସ୍ତ କ୍ରିୟାକଳାପକୁ ଚାରି-ପାଞ୍ଚ ଜଣିଆ ଦଳରେ ବିଭକ୍ତ କରି ଅଭ୍ୟାସ କରାଇପାରିବେ ।



## କ୍ରିୟାକଳାପ - ୩ ପ୍ରକୃତି ନିକଟରେ



ଆମେ ସମସ୍ତେ ପ୍ରକୃତିକୁ ଭଲପାଉ । ଏହାକୁ ଅନୁଭବ କରିବାକୁ ଚେଷ୍ଟା କରୁ । ପ୍ରକୃତି ନିକଟରେ ରହିବାକୁ, ପ୍ରାକୃତିକ ଶବ୍ଦ, ରଙ୍ଗ ଏବଂ ସବୁଜିମାକୁ ଉପଭୋଗ କରିବାକୁ ମଧ୍ୟ ଚେଷ୍ଟା କରୁ । ତୁମେ ସମସ୍ତେ ତୁମ ଶ୍ରେଣୀଗୃହ ଭିତରେ ଏକ ଜଙ୍ଗଲ ସୃଷ୍ଟି କରିପାରିବ ।

- ଏକ ବଡ଼ କାଗଜର ମଝିରେ ଏକ ଫୁଲ ତିଆରି କର । ତୁମ ଦଳର ପ୍ରତ୍ୟେକ ପିଲା ସେହି ଫୁଲ ଚାରି ପାଖରେ କିଛିକିଛି ପ୍ରାକୃତିକ ଜିନିଷ ସବୁ ଯୋଡ଼ି ଏକ ଉଦ୍ୟାନ କିମ୍ବା ଜଙ୍ଗଲର ଚିତ୍ର ତିଆରି କରିବାକୁ ଚେଷ୍ଟା କର ।
- ଫୁଲ, ପକ୍ଷୀ, ଗଛ ଏବଂ ପଶୁମାନଙ୍କୁ ନେଇ ଏକ କାହାଣୀ ତିଆରି କର । ତାହା ଚାରିପଟେ ଏପରି ଚଲାବୁଲା କର ଯେମିତି କି ତୁମେ ଜଙ୍ଗଲ ଭିତରେ ବୁଲୁଥିବା ଭଳି ଲାଗିବ ।
- ତୁମେ ଉତ୍ସାହିତ କି ? କୌତୁହଳୀ କି ?
- ତୁମେ ସେହିଠାରେ କ'ଣ ସବୁ ଦେଖିବ ସେହିଗୁଡ଼ିକୁ କଳ୍ପନା କରି ଅଭିନୟ କର । (ତୁମର ପ୍ରିୟ ପ୍ରାଣୀ, ଫୁଲର ସୁଗନ୍ଧ, ବଡ଼ବଡ଼ ପଥର ଇତ୍ୟାଦି)
- ସେହି ଜଙ୍ଗଲ କିମ୍ବା ଉଦ୍ୟାନରେ ତୁମେ କି ପ୍ରକାର ଶବ୍ଦ ଶୁଣିବାକୁ ଚାହୁଁଛ ? (ପକ୍ଷୀମାନଙ୍କର ସ୍ୱର, ପାଣି ବୋହି ଯାଉଥିବାର କୁଳୁକୁଳୁ ଶବ୍ଦ । ତାହାହେଲେ ତୁମେ ସେଗୁଡ଼ିକର ଶବ୍ଦ ସୃଷ୍ଟି କରିବାକୁ ଚେଷ୍ଟା କର ।)
- ଏପରି ଅନୁଭବ କର ଯେପରି ତୁମେ ପ୍ରାକୃତିକ ପରିବେଶରେ ଅଛ, ଯେପରି ଏକ ଜଙ୍ଗଲ କିମ୍ବା ଉଦ୍ୟାନ ।

**ଶିକ୍ଷକଙ୍କ ପାଇଁ ପଦେ**

ପିଲାମାନେ ପଶୁ, ପକ୍ଷୀ, ପ୍ରକୃତି ଇତ୍ୟାଦି ଉପରେ ଏକ ଗୀତ ଶିଖିପାରିବେ । ଉପରୋକ୍ତ ସମସ୍ତ କ୍ରିୟାକଳାପଗୁଡ଼ିକ ଚାରି-ପାଞ୍ଚ ଜଣିଆ ଦଳରେ ଛାତ୍ରଛାତ୍ରୀଙ୍କୁ ବିଭକ୍ତ କରି ପରିଚାଳିତ କରିପାରିବେ । ସେହିଭଳି ଭାବେ ସମଗ୍ର ଶ୍ରେଣୀର ଶିକ୍ଷାର୍ଥୀମାନେ ଏଥିରେ ଅଂଶ ଗ୍ରହଣ କରିପାରିବେ ।



## କ୍ରିୟାକଳାପ - ୪ ପାଳନ ହେଉଥିବା ଉତ୍ସବ

ଆମେ ସମସ୍ତେ ବିଭିନ୍ନ ପର୍ବପର୍ବାଣୀ ପାଳନ କରୁ । ସାଧାରଣତଃ ବଡ଼ ବଡ଼ ପର୍ବପାଇଁ ଆମେ ଛୁଟି ପାଉ । ସେହିଗୁଡ଼ିକ ଆମ ଜୀବନରେ ଆନନ୍ଦ ଓ ରଙ୍ଗ ଭରିଦିଏ । ଛୋଟ କିମ୍ବା ବଡ଼ ପର୍ବ ପାଳନ କରିବା ଆମକୁ ଆନନ୍ଦ ଦେଇଥାଏ, ଯେହେତୁ ଆମେ ନୂଆ ପୋଷାକ ପିନ୍ଧୁ, ଭଲଭଲ ଖାଦ୍ୟ ଖାଉ, ବନ୍ଧୁ ଏବଂ ସମ୍ପର୍କୀୟମାନଙ୍କୁ ଭେଟୁ, ଆମ ଘରକୁ ସଫାସୁତୁରା କରି ସଜାଇ ଥାଉ ।

**ଶିକ୍ଷକଙ୍କୁ ପଦେ**

ଏହି କାର୍ଯ୍ୟକଳାପ ପଛରେ ମୂଳ ଧାରଣ ହେଉଛି କଳାର ବିଭିନ୍ନ ରୂପଗୁଡ଼ିକ ମଧ୍ୟରେ ସଂଯୋଗ ଓ ସମନ୍ୱୟ ସ୍ଥାପନ କରିବା ।

- ପିଲାମାନେ ଏକ ଉତ୍ସବର ଗୀତ ଶିଖି ପାରିବେ ।
- ବିଶେଷ ଅବସର ନିମନ୍ତେ ବିଦ୍ୟାଳୟର ପ୍ରାର୍ଥନା ସଭାରେ କଳାତ୍ମକ କ୍ରିୟାକଳାପଗୁଡ଼ିକ ଉପସ୍ଥାପନା କରାଯାଇପାରିବେ । ଗୋଟିଏ ବିଷୟବସ୍ତୁ ଉପରେ ଆଧାରିତ ବିଭିନ୍ନ କଳାରୂପପାଇଁ ଶ୍ରେଣୀକୁ ବିଭିନ୍ନ ଦଳରେ ବିଭକ୍ତ କରିପାରିବେ । ଏହା ପିଲାମାନଙ୍କୁ ଦର୍ଶକଙ୍କ ଆଗରେ ପରିବେଷଣ କରିବାକୁ ସୁଯୋଗ ଦେବ ଏବଂ କଳାରୂପଗୁଡ଼ିକ ମଧ୍ୟରେ ଥିବା ପରସ୍ପରର ସମ୍ପର୍କ ବିଷୟରେ ବୁଝାଇ ପାରିବେ ।


ବିଭିନ୍ନ ଦଳ ନିମ୍ନଲିଖିତ କାର୍ଯ୍ୟ କରିପାରିବେ :

- ଏକ ନିର୍ଦ୍ଦିଷ୍ଟ ଉତ୍ସବ ପାଇଁ ଝୋଟି, ମୁରୁଜ ପକାଅ କିମ୍ବା ରଙ୍ଗୀନ୍ କାଗଜ କାଟି ପରିବେଶକୁ ସଜାଅ ।
- ସେହି ଉତ୍ସବ ଉପରେ ଆଧାରିତ ଏକ ଗୀତ ଶିଖ ।
- ରୋଷେଇଘରର ଉପକରଣକୁ ବାଦ୍ୟଯନ୍ତ୍ର ଭାବେ ବଜାଇ ଏହାକୁ ସ୍ୱର ଦେଇ ଗାଅ ।
- ଉତ୍ସବ ପାଳନ ସମୟରେ ଘଟିଥିବା ଏକ ଘଟଣାକୁ ପରସ୍ପର ମଧ୍ୟରେ ଆଲୋଚନା କର ।
- ଉତ୍ସବ ପାଳନ ସହିତ ସମ୍ପର୍କିତ ଏକ କାହାଣୀ କୁହ ଏବଂ ତାହାକୁ ଅଭିନୟ କର ।
- ରୋଷେଇଘର ଉପକରଣଗୁଡ଼ିକୁ ବାଜା ଭଳି ବଜାଇ ଉତ୍ସବର ଗୀତ ଗାଇଗାଇ ତାହାରି ତାଳରେ ପାଦ ପକାଇ ନାଚ ।
- ଏହି ଅବସରରେ ପିନ୍ଧା ଯାଉଥିବା ପାରମ୍ପରିକ ପୋଷାକର ଚିତ୍ର ଆଙ୍କ ।
- ଆମେ ଏକାଠି ମିଶି ପାଳନ କରୁଥିବା ଗୋଟିଏ ଉତ୍ସବକୁ ବାଛ ।
- ତୁମେ ଏହି ଉତ୍ସବକୁ କିପରି ପାଳନ କରିବ ଏବଂ ସେଥିପାଇଁ କି ପ୍ରକାର ପ୍ରସ୍ତୁତ ହେବ, କି କି ବିଶେଷ ଖାଦ୍ୟ ପ୍ରସ୍ତୁତ କରିବ, କେମିତି ଘର ସଜାଇବ, ଉତ୍ସବ ସହିତ ସମ୍ପର୍କିତ କେଉଁ ଗୀତ ଏବଂ ନୃତ୍ୟକୁ ପରିବେଷଣ କରିବ ନିଜ ଦଳରେ ଆଲୋଚନା କର ।


- ଗୋଟିଏ ଉତ୍ସବକୁ ବାଛ, ଯାହାକୁ ଆମେ ସମସ୍ତେ ମିଳିମିଶି ପାଳନ କରୁ ।
- ତୁମ ଦଳ ଭିତରେ ସେହି ପର୍ବର ପାଳନପାଇଁ କ'ଣ କ'ଣ ପ୍ରସ୍ତୁତିର ଆବଶ୍ୟକତା ରହିଛି ସେହି ବିଷୟରେ ଆଲୋଚନା କର– ଯେପରିକି କେଉଁକେଉଁ ବିଶେଷ ଖାଦ୍ୟ ରନ୍ଧାଯାଏ, କିପରି ନିଜର ଘର ଓ ଅଗଣାକୁ ସଜାଯାଏ ଏବଂ କଳାର ବିଭିନ୍ନ ରୂପ (ଦୃଶ୍ୟକଳା, ସଙ୍ଗୀତ, ନୃତ୍ୟ, ନାଟକ) ଆଧାରିତ କେଉଁକେଉଁ କ୍ରିୟାକଳାପ ଆୟୋଜନ କରାଯାଏ ।

# ଚିତ୍ର ଅଭ୍ୟାସ କର


*Step : 1*




*Step : 2*




*Step : 3*




*Step : 4*




*Step : 5*




*Step : 6*




*Step : 1*




*Step : 2*




*Step : 3*




*Step : 4*



*Step : 5*



*Step : 6*



ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟ ଏବଂ
ରାଜ୍ୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ, ଓଡ଼ିଶା, ଭୁବନେଶ୍ୱର

ମୁଦ୍ରଣ : ପାଠ୍ୟପୁସ୍ତକ ଉତ୍ପାଦନ ଓ ବିକ୍ରୟ, ଭୁବନେଶ୍ୱର-୧